ବର୍ଷ-୫୪ : ସଂଖ୍ୟା-୯ ସେପ୍ଟେମ୍ବର, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ନିଷ୍ପାପରତା | ··· | ଶ୍ରୀମା | ··· | ୭ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଚତୁର୍ଥ ପରିଚ୍ଛେଦ) ଜାତି-ଆତ୍ମାର ଆବିଷ୍କାର | ··· | ଶେଖ ଅବଦୁଲ କାଶମ | ··· | ୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୨) | ··· | ··· | ··· | ୧୧ |
| ଅଭୀପ୍ସା | ··· | ରାମକୃଷ୍ଣ ଦାସ | ··· | ୧୫ |
| ବିପ୍ଳବର ନୂତନ ବହ୍ନି | ··· | ପ୍ରପତ୍ତି | ··· | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୭) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| କହିବି କେମିତି କୁହ ? (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୨୬ |
| ନିର୍ବାଚନ (କବିତା) | ··· | ସନ୍ତୋଷ ରଥ | ··· | ୨୭ |
| ଦ୍ୱୀପାନ୍ତରର କଥା (ପଞ୍ଚମ ପରିଚ୍ଛେଦ) ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୮ |
| ସନାତନ ଧର୍ମ (୧୦) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୦ |
| ମା' ଓ ସନ୍ତାନ (୬) | ··· | ଗୟାଧର ଦାଶ | ··· | ୩୬ |
| ରଣ ଛାଡ଼ ନାହିଁ – ଉଦ୍ୟମ ଜାରୀ ରଖ "Never give up" | ··· | ପ୍ରସାଦ ତ୍ରିପାଠୀ | ··· | ୩୮ |
| ପ୍ରକୃତ ବ୍ୟକ୍ତିତ୍ୱ : ଅନ୍ତର୍ନିହିତ ବ୍ୟକ୍ତିତ୍ୱ | ··· | ମନୋଜ ଦାସ | ··· | ୪୦ |
| ସୁନିଲ-ଦା' (୪) | ··· | ··· | ··· | ୪୨ |
| ପାର୍ବତୀ ଗିରି | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୪ |
| ଅମୂଲ୍ୟ ମୋତି | ··· | ଦୌଲତ ପାଣ୍ଡେ | ··· | ୪୭ |
| ଭେନିସ୍‌ର ବଣିକ | ··· | ରଙ୍ଗନାଥ ହୋତା | ··· | ୪୯ |
| ହୃଦୟର ଭାଷା | ··· | ··· | ··· | ୫୨ |
| ଗୋଟିଏ ଅଙ୍କ : କେତେ କୌତୁକ | ··· | ଧର୍ମକୁମାର ଶତପଥୀ | ··· | ୫୩ |
| ବାର୍ତ୍ତାଳାପ (କବିତା) | ··· | ଯଦୁନନ୍ଦନ ସାମଲ | ··· | ୫୫ |
| ପ୍ରତିଭା ଅସାଧାରଣ କିନ୍ତୁ ଚରିତ୍ର ନିହାତି ସାଧାରଣ ! | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ତୁମ ପ୍ରେମ ଏକ ଉତ୍ତାଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ପ୍ରେମ ସବୁରି ହୃଦୟ ଅଭ୍ୟନ୍ତରକୁ ହେବ ପ୍ରବିଷ୍ଟ ଏବଂ ସେସବୁରେ ପ୍ରଜ୍ୱଳନ କରିବ ଦିବ୍ୟଜ୍ୟୋତିଃ ଯାହା କଦାଚ ହୁଏନା ନିର୍ବାପିତ, ଦିବ୍ୟସୌନ୍ଦର୍ଯ୍ୟ ଯାହା କଦାଚ ହୁଏନା ମଳିନ, ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଥାଇ ସଭିଙ୍କ ମଧ୍ୟରେ ସ୍ଥାପନ କରିବ ସେହି ଅପରିବର୍ତ୍ତନୀୟ ବିମଳାନନ୍ଦ ଯାହାହିଁ ପରମ ଶୁଭଙ୍କର ।

ତୁମ ଆଲୋକ ଏକ ଉଜ୍ଜ୍ୱଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ଆଲୋକ ସବୁରି ଭାବନାର ଅଭ୍ୟନ୍ତରକୁ ହେବ ପ୍ରବିଷ୍ଟ ଏବଂ ସେମାନଙ୍କ ଭିତରେ ସୃଜନ କରିବ ସେହି ସାର୍ବଭୌମ ସ୍ୱଚ୍ଛତା ଯାହା ରହେ ଅବିଚଳିତ, ଦିବ୍ୟ-ସ୍ୱଚ୍ଛଦୃଷ୍ଟି ଯାହା କଦାଚ ଭୁଲ୍ କରେନା, ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ, ସମସ୍ତଙ୍କ ଭିତରେ ପ୍ରତିଷ୍ଠା କରିବ ତୁମ ଜ୍ଞାନର ଚମତ୍କାରିତା – ଯାହାହିଁ ପରମ ପ୍ରଜ୍ଞା ।

ତୁମ ଶକ୍ତି ଏକ ଉତ୍ତାଳ ଜୁଆର ଭଳି ସମଗ୍ର ସତ୍ତାକୁ କରେ ପ୍ଲାବିତ ଏବଂ ଯାବତୀୟ ବସ୍ତୁ ଉପରେ ଅଜାଡ଼ି ହୋଇପଡ଼େ । ପ୍ରଭୁ, ତୁମ ଶକ୍ତି ସବୁରି ଜୀବନରେ ହେବ ପ୍ରବିଷ୍ଟ ଏବଂ ତହିଁ ସୃଜିବ ଏଭଳି କର୍ମକ୍ଷମ ସାମର୍ଥ୍ୟ ଯାହା କଦାଚ ହୁଏନା ପ୍ରତିହତ, ଦିବ୍ୟଶକ୍ତି ଯାହା ଅପରାଜେୟ, ଏବଂ ସମସ୍ତ ତୁଳନାଗତ ବୈପରୀତ୍ୟ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ସଭିଙ୍କ ଭିତରେ ପ୍ରତିଷ୍ଠା କରିବ ସର୍ବନିୟନ୍ତ୍ରକ ଓଜଃ ଯାହାହିଁ ପରମ ସଂକଳ୍ପ ।

ସେପ୍ଟେମ୍ବର ୧୦, ୧୯୧୪ — ଶ୍ରୀମା



# ମାତୃବାଣୀ

There comes a moment when life becomes intolerable without the Divine Presence. Therefore, give yourself entirely to the Divine and you will emerge into the Light.

– The Mother

ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ଭଗବତ୍ ଉପସ୍ଥିତି ବିନା ଜୀବନ ଅସହ୍ୟ ହୋଇପଡ଼େ । ତେଣୁ ନିଜକୁ ପୂରାପୂରି ଭଗବାନଙ୍କୁ ଦେଇ ଦିଅ, ତା'ହେଲେ ତୁମେ ଦିବ୍ୟ-ଆଲୋକ ଭିତରକୁ ଉତ୍ଥିତ ହେବ ।

– ଶ୍ରୀମା

*

The purpose of individual existence is the joy of discovering the Divine and uniting with Him. When one has understood this, then one is ready to gain the strength to surmount all difficulties.

– The Mother

ବ୍ୟକ୍ତି ଜୀବନର ଉଦ୍ଦେଶ୍ୟ ହେଲା ଭଗବାନଙ୍କୁ ଖୋଜି ପାଇବା ଓ ତାଙ୍କ ସଙ୍ଗେ ମିଳିତ ହେବାର ଆନନ୍ଦ । ଯେତେବେଳେ ଜଣେ ଏହା ବୁଝିଥାଏ, ସେତେବେଳେ ସେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବାର ସାମର୍ଥ୍ୟ ଲାଭ ନିମନ୍ତେ ପ୍ରସ୍ତୁତ ହୋଇଯାଏ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୩୨)

## ଶ୍ରୀଅରବିନ୍ଦ

In the bright kingdoms of the rising Sun
All is a birth into a power of light:
All here deformed guards there
its happy shape,
Here all is mixed and marred,
there pure and whole;
Yet each is a passing step, a moment's phase.

ଉଦୟ ସୂର୍ଯ୍ୟର ସମୁଜ୍ଜ୍ୱଳ ଲୋକସକଳରେ ଜ୍ୟୋତିଃର ଏକ ଶକ୍ତି ମଧ୍ୟକୁ ସବୁହିଁ ଏକ ଜନ୍ମ : ଏଠାରେ ଯାହାସବୁ ବିକୃତ ସେଠାରେ ତାହା ଆପଣାର ସୁଖମୟ ଆକାରକୁ ପହରା ଦେଇ ରକ୍ଷା କରୁଥାଏ, ଏଠାରେ ସମସ୍ତ କିଛି ମିଶ୍ରିତ ଓ ବିନଷ୍ଟ, ସେଠାରେ ବିଶୁଦ୍ଧ ଓ ପୂର୍ଣ୍ଣାଙ୍ଗ; ତଥାପି ପ୍ରତ୍ୟେକଟି ହେଉଛି ଏକ ଚଳମାନ ଅସ୍ଥାୟୀ ପଦକ୍ଷେପ, ଗୋଟିଏ ମୁହୂର୍ତ୍ତର ପର୍ଯ୍ୟାୟ ।

Awake to a greater Truth beyond her acts,
The mediatrix sat and saw her works
And felt the marvel in them and the force
But knew the power behind the face of Time:
She did the task, obeyed the knowledge given,
Her deep heart yearned towards
great ideal things
And from the light looked out to wider light:
A brilliant hedge drawn round her narrowed
her power;
Faithful to her limited sphere she toiled,
but knew
Its highest, widest seeing was a half-search,
Its mightiest acts a passage or a stage.

ଆପଣା କ୍ରିୟାବଳିର ଅତୀତ ଏକ ମହତ୍ତର ସତ୍ୟ ପ୍ରତି ଜାଗ୍ରତ୍ ସେହି ଯୋଗସୂତ୍ରକାରିଣୀ ସମାସୀନ ହୋଇ ରହିଥିଲା ଓ ସ୍ୱୀୟ କୃତିସକଳକୁ ଅବଲୋକନ କରୁଥିଲା ଏବଂ ସେସବୁ ମଧ୍ୟରେ ଅନୁଭବ କରୁଥିଲା ଏକ ଚମତ୍କାରିତା ଓ ବଳବତ୍ତା, ପରନ୍ତୁ କାଳର ମୁଖାନ୍ତରାଳରେ ପ୍ରଚ୍ଛନ୍ନ ରହିଥିବା ଶକ୍ତିକୁ ଜାଣି ପାରୁଥିଲା : ସିଏ ତା'ର କର୍ତ୍ତବ୍ୟ ସମ୍ପାଦନ କରୁଥିଲା, ପ୍ରଦତ୍ତ ଜ୍ଞାନକୁ ମାନି ଚଳୁଥିଲା, ତାହାର ସୁଗଭୀର ହୃଦୟ ମହତ୍ ଆଦର୍ଶ ବସ୍ତୁସକଳ ପ୍ରତି ଆକୁଳ ଆକାଂକ୍ଷା ପୋଷଣ କରୁଥିଲା ଏବଂ ଆଲୋକରୁ ବ୍ୟାପ୍ତତର ଆଲୋକ ଅଭିମୁଖେ ଦୃଷ୍ଟିପାତ କରୁଥିଲା : ତାହାର ଚତୁର୍ଦ୍ଦିଗରେ ପରିବେଷ୍ଟିତ ଏକ ବାଡ଼ ସଙ୍କୁଚିତ କରି ପକାଉଥିଲା ତା' ଶକ୍ତିକୁ; ନିଜର ସୀମିତ ମଣ୍ଡଳ ପ୍ରତି ବିଶ୍ୱସ୍ତ ରହି ସିଏ ଶ୍ରମ କରୁଥିଲା, ମାତ୍ର ଜାଣୁଥିଲା ଯେ ତାହାର ଉଚ୍ଚତମ, ପ୍ରଶସ୍ତତମ ଦୃଷ୍ଟି କେବଳ ଅର୍ଦ୍ଧ-ଅନ୍ୱେଷଣ, ତାହାର ସର୍ବାଧିକ ପରାକ୍ରମଶାଳୀ କର୍ମାବଳି ଏକ ପ୍ରବେଶପଥ ଓ ଏକ ସ୍ତରବିଶେଷ ।

For not by Reason was creation made
And not by Reason can the Truth be seen
Which through the veils of thought,
the screens of sense
Hardly the spirit's vision can descry
Dimmed by the imperfection of its means:
The little Mind is tied to little things:
Its sense is but the spirit's outward touch,
Half-waked in a world of dark Inconscience;
It feels out for its beings and its forms
Like one left fumbling in the ignorant Night.

କାରଣ ତର୍କବୁଦ୍ଧି ଦ୍ୱାରା ନିର୍ମିତ ହୋଇ ନଥିଲା ସୃଷ୍ଟି ଏବଂ ତର୍କବୁଦ୍ଧି ସାହାଯ୍ୟରେ ଦୃଷ୍ଟ ହୋଇ ପାରେନା ସତ୍ୟ ଯାହାକୁ ଅଧ୍ୟାତ୍ମର ଦିବ୍ୟଦୃଷ୍ଟି ଚିନ୍ତାର ଆବରଣରାଜି ମଧ୍ୟ ଦେଇ, ଇନ୍ଦ୍ରିୟର

ପର୍ଦାଚୟ ଭେଦକରି ଦର୍ଶନ କରିପାରେ ନାହିଁ, ଆପଣା ସାଧନସମୂହର ଅପୂର୍ଣ୍ଣତା ଦ୍ୱାରା ସ୍ତିମିତ ହୋଇଯାଏ ତା'ର ଆଲୋକ : କ୍ଷୁଦ୍ର ମାନସ ଆବଦ୍ଧ ଥାଏ କ୍ଷୁଦ୍ର ବସ୍ତୁସକଳ ମଧ୍ୟରେ : ତାହାର ଇନ୍ଦ୍ରିୟବୋଧ ଅଧ୍ୟାତ୍ମର ବାହ୍ୟ ସ୍ପର୍ଶ ମାତ୍ର, ତମୋମୟୀ ଘୋର ନିଶ୍ଚେତନାର ଜଗତରେ ଅର୍ଦ୍ଧ-ଜାଗ୍ରତ ସେ; ଆପଣାର ସତ୍ତା ତଥା ରୂପସବୁର ଅନୁଭବ ପାଇଁ ଅଜ୍ଞାନ ରଜନୀରେ କେହି ଜଣେ ଅଣ୍ଡାଳି ବୁଲିବା ଭଳି ସିଏ ବାହାରେ ଖୋଜି ଚାଲିଥାଏ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

*''...ଭାଗବତୀ ଶକ୍ତି ତୁମ ପାଇଁ ସମର୍ପଣ ବି କରିଦେବେ, ଏହି ମିଥ୍ୟା ଏବଂ ତାମସିକ ପ୍ରତ୍ୟାଶା ଦୂର କର । ଭଗବାନ ଚାହାନ୍ତି ଭାଗବତୀ ଶକ୍ତିଙ୍କ ନିକଟରେ ତୁମର ସମର୍ପଣ, କିନ୍ତୁ ସେଥିଲାଗି ତୁମକୁ ସେ କେବେ ଜୋର୍ କରନ୍ତି ନାହିଁ । ଯେ ପର୍ଯ୍ୟନ୍ତ ତୁମର ସ୍ଥାୟୀ ଅପରିବର୍ତ୍ତନୀୟ ରୂପାନ୍ତର ନ ଆସିଛି ସେ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଭଗବାନଙ୍କୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବା ଲାଗି କିଂବା ତୁମ ଆତ୍ମ-ଦାନକୁ ଫେରାଇ ଆଣିବା ଲାଗି ତୁମେ ମୁକ୍ତ ଯଦି ତୁମେ ଏହାର ଆଧ୍ୟାତ୍ମିକ ପରିଣାମ ଭୋଗ କରିବାକୁ ପ୍ରସ୍ତୁତ ଥାଅ ।''*

– ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା - ୬)

*ପ୍ରଶ୍ନ : 'ଏକ ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତରର ଅର୍ଥ କ'ଣ ?*

**ଶ୍ରୀମା :** ସେହି ରୂପାନ୍ତରକୁ 'ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତର ବୋଲି କୁହାଯିବ ଯେତେବେଳେ ତୁମର ଚେତନା ଏଭଳି ଭାବରେ ରୂପାନ୍ତରିତ ହେବ ଯେ ତୁମେ ଆଉ କେବେ ତୁମର ପୁରୁଣା ସ୍ଥିତିଟିକୁ ଫେରିଯାଇ ପାରିବ ନାହିଁ । ଏହିପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ପରିବର୍ତ୍ତନଟି ଏତେ ପରିପୂର୍ଣ୍ଣ ଭାବରେ ସଂଘଟିତ ହୋଇଥାଏ ଯେ ତୁମେ ଆଗରୁ ଯାହା ଥିଲ ସେପରି ହେବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ।

*ପ୍ରଶ୍ନ : ରୂପାନ୍ତର ଶବ୍ଦଟି ନିଜେ କ'ଣ 'ସ୍ଥାୟୀ ଅପରିବର୍ତ୍ତନୀୟ' ବୋଲି ବୁଝାଉ ନାହିଁ କି ?*

**ଶ୍ରୀମା :** ରୂପାନ୍ତର ଆଂଶିକ ମଧ୍ୟ ହୋଇପାରେ । ଶ୍ରୀଅରବିନ୍ଦ ଏଠାରେ ଯେଉଁ ରୂପାନ୍ତରଟି କଥା କହିଛନ୍ତି ତାହା ଚେତନାର ଏକ ଓଲଟ ପାଲଟ । ଅହଂ ମଧ୍ୟରେ ଜଡ଼ିତ ହୋଇ ରହିବା ଓ ବ୍ୟକ୍ତିଗତ ସନ୍ତୋଷ ବିଧାନ ଦିଗରେ ଅଭିମୁଖୀ ହୋଇ ରହିବା ପରିବର୍ତ୍ତେ ଚେତନା ସମର୍ପଣ ଭାବ ସହ ଭଗବାନଙ୍କ ଅଭିମୁଖୀ ହୋଇ ରହେ, ଏବଂ ଶ୍ରୀଅରବିନ୍ଦ ଅତି ସ୍ପଷ୍ଟ ଭାବରେ ବୁଝାଇ କହିଛନ୍ତି ଯେ ପ୍ରଥମ ଅବସ୍ଥାରେ ଏହି ସମର୍ପଣ ହୁଏତ ଆଂଶିକ ବି ହୋଇପାରେ; ଏପରି କେତେକ ଅଂଶ ଥାଆନ୍ତି, ଯେଉଁମାନେ ସମର୍ପିତ ହୋଇ ଯାଆନ୍ତି, ମାତ୍ର ଆଉ କେତେକ ଅଂଶ ନିଜକୁ ସମର୍ପଣ କରି ନ ଥା'ନ୍ତି । ତେଣୁ ଯେତେବେଳେ ସମଗ୍ର ସତ୍ତାଟି ସଂପୂର୍ଣ୍ଣ ଭାବରେ ନିଜର ଯାବତୀୟ କ୍ରିୟାକଳାପ କ୍ଷେତ୍ରରେ ନିଜକୁ ସମର୍ପଣ କରିଦିଏ ସେତିକିବେଳେ ଯାଇ ତାକୁ 'ସ୍ଥାୟୀ ଅପରିବର୍ତ୍ତନୀୟ' ବୋଲି କୁହାଯିବ । ଏହା ହେଉଛି ଆମ ଦୃଷ୍ଟିଭଙ୍ଗୀର ଏକ ଅପରିବର୍ତ୍ତନୀୟ ରୂପାନ୍ତର ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା ୧-୨)

# ନିଷ୍ଠାପରତା

## ଶ୍ରୀମା

### ପୂର୍ଣ୍ଣନିଷ୍ଠା

ପୂର୍ଣ୍ଣ ନିଷ୍ଠାପରତା କାହାକୁ କୁହାଯାଏ ତୁମେ ଜାଣ କି ?...

କେବେ ବି ନିଜକୁ ଠକିବାକୁ ଚେଷ୍ଟା କର ନାହିଁ, ତୁମ ସତ୍ତାର କୌଣସି ଅଂଶକୁ ଅନୁମତି ଦିଅ ନାହିଁ ସେ ଯେପରି ନିଜର ଭୁଲ୍‌ଭ୍ରାନ୍ତିକୁ ଅନ୍ୟ ଆଗରେ ଠିକ୍ ବୋଲି ବୁଝେଇବା ଲାଗି ଏକ ରାସ୍ତା ବାହାର କରିବ । ତୁମେ ଯାହା କରିବାକୁ ଚାହଁ, ତା'ରି ଆଳରେ ଯାହାସବୁ କରି ବସିଲ ତାକୁ ବୃଥାରେ ସମର୍ଥନ କରି ବସ ନାହିଁ, ଯାହାକିଛି ଅପ୍ରୀତିକର ତା' ପ୍ରତି ଆଖିବୁଜି ଦିଅ ନାହିଁ, ସତ୍ୟ ବିରୋଧୀ କୌଣସି ବିଷୟ ଯେପରି ତୁମ ଭିତର ଦେଇ ଗତି ନକରେ । କେବେ ନିଜକୁ କୁହ ନାହିଁ ଯେ, ''ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆସନ୍ତା ଥରକୁ ଭଲ କରି କରାଯିବ ।''

ଆଃ ! ଏହା ବଡ଼ କଷ୍ଟକର । ତୁମେ ଘଣ୍ଟାଟିଏ ଲାଗି ନିଷ୍ଠାପର ହେବାକୁ ଚେଷ୍ଟା କର, ତା'ହେଲେ ଜାଣିବ ଯେ ଏହା ପ୍ରକୃତରେ କେତେ କଷ୍ଟକର । କେବଳ ଘଣ୍ଟାଏ ପର୍ଯ୍ୟନ୍ତ, ସଂପୂର୍ଣ୍ଣ ଭାବେ, ସମଗ୍ର ଭାବେ ନିଷ୍ଠାପର ହୁଅ । ସେତିକି ସମୟ ଭିତରେ ଯେମିତି କୌଣସି କିଛି ତୁମ ନିଷ୍ଠାକୁ ଅତିକ୍ରମ କରି ନ ଯାଏ । ତା'ମାନେ ତୁମେ ଯାହାକିଛି କରୁଛ, କହୁଛ, ଅନୁଭବ କରୁଛ, ଚିନ୍ତା କରୁଛ ବା ଇଚ୍ଛା କରୁଛ ସେସବୁ ଯେପରି କେବଳ ଈଶ୍ୱରାଭିମୁଖୀ ହୁଏ ।

''ଈଶ୍ୱରଙ୍କ ବ୍ୟତୀତ ମୁଁ ଆଉ କିଛି ବି ଚାହେଁ ନାହିଁ, ଈଶ୍ୱରଙ୍କ ବ୍ୟତୀତ ମୁଁ ଆଉ କିଛି ଭାବେ ନାହିଁ, ଏବଂ ଈଶ୍ୱରଙ୍କ ଅଭିମୁଖରେ ନେଇ ପାରୁଥିବା କର୍ମ ବ୍ୟତୀତ ମୁଁ ଆଉ ଯେପରି ଅନ୍ୟ କିଛି କର୍ମ ନ କରେ, ଈଶ୍ୱରଙ୍କ ବ୍ୟତୀତ ଯେପରି ମୁଁ ଆଉ କିଛି ବି ଭଲ ନ ପାଏ ।''

### ନିଷ୍ଠାହୀନତା ଓ ଅସୁଖ

''ସବୁକିଛି ଏଠି ଅସୁନ୍ଦର, ଏ ପୃଥିବୀ ବଡ଼ କୁତ୍ସିତ, ଲୋକଗୁଡ଼ାକ ଆଦୌ ପ୍ରୀତିପ୍ରଦ ନୁହନ୍ତି ।'' ଏଭଳି ମନୋଭାବ ଆଉ ଟିକିଏ ବଢ଼ିଗଲେ ଜଣେ ଭାବେ – ''ଏ ଖାଦ୍ୟ କିଛି ଭଲ ନୁହେଁ, କାଲି ବରଂ ତାହା ଖୁବ୍ ଚମତ୍କାର ଲାଗୁଥିଲା ।'' ପ୍ରକୃତରେ ଏହା ଏକା ଭଳି କିନ୍ତୁ ଆଜି ଏହା ଭଲ ହୋଇ ନାହିଁ ! ଏହା ହେଉଛି ମାପିବାର ପ୍ରଣାଳୀ ବା ଯନ୍ତ୍ର ! ବର୍ତ୍ତମାନ ତୁମେ ସଙ୍ଗେ ସଙ୍ଗେ ନିଜକୁ କହିଦେଇପାର ଯେ କୌଣସି ପ୍ରକାରେ ନିଷ୍ଠାହୀନତା ତୁମ ଭିତରକୁ ପଶିଯାଇଛି । ଏହା ଜାଣିବା ଖୁବ୍ ସହଜ, ଏଥିଲାଗି ତୁମର ଏତେ ବେଶୀ ଜ୍ଞାନୀ ହେବା ଦରକାର ନାହିଁ । ଶ୍ରୀଅରବିନ୍ଦ ତାଙ୍କର ଯୋଗର ଉପାଦାନ (*Elements of Yoga*)ପୁସ୍ତକରେ କହିଛନ୍ତି : ଜଣେ ସୁଖୀ କି ଅସୁଖୀ ନିଜେ ଜାଣିପାରେ, ଜଣେ ସନ୍ତୁଷ୍ଟ କି ଅସନ୍ତୁଷ୍ଟ ନିଜେ ଜାଣିପାରେ, ସେଥିପାଇଁ ସେ ନିଜକୁ କିଛି ପଚାରିବା ଦରକାର ନାହିଁ, ଏଥିଲାଗି କିଛି ଜଟିଳ ଜିଜ୍ଞାସାବାଦର ମଧ୍ୟ ପ୍ରୟୋଜନ ନାହିଁ, ଏକଥା ସେହିଁ ଜାଣେ ! – ଏହା ଜାଣିବା ଭାରି ସହଜ ମଧ୍ୟ ।

ଯେଉଁ ମୁହୂର୍ତ୍ତରେ ତୁମେ ଅସୁଖୀ ଅନୁଭବ କରିବ, ସେତେବେଳେ ତୁମେ ତା' ତଳେ ଲେଖି ଦେଇପାର : ''ମୁଁ ନିଷ୍ଠାପର ନୁହେଁ !'' ଏହି ଦୁଇଟି ବାକ୍ୟ ଏକ ସଙ୍ଗେ ଗତି କରେ :

**''ମୁଁ ଅସୁଖୀ ଅନୁଭବ କରୁଛି ।''**
**''ମୁଁ ନିଷ୍ଠାପର ନୁହେଁ ।''**

ବର୍ତ୍ତମାନ, ପ୍ରକୃତ ଭୁଲ୍‌ଟି କ'ଣ ? ତା'ପରେ ସେ ଦେଖିବାକୁ ଆରମ୍ଭ କରିବ, ଏହା ଖୋଜି ପାଇବା ଖୁବ୍ ସହଜ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଚତୁର୍ଥ ପରିଚ୍ଛେଦ)

## ଜାତି-ଆତ୍ମାର ଆବିଷ୍କାର

**ଶେଖ ଅବଦୁଲ କାଶମ**

ବ୍ୟକ୍ତି ଜଡ଼କୁ ଆଶ୍ରୟ କରି ରହିଥିବା ଏକ କ୍ଷଣଭଙ୍ଗୁର ଜୀବମାତ୍ର ନୁହେଁ । ସେ ହେଉଛି ଶାଶ୍ୱତ ପରମ ସତ୍ୟରୁ ଉଦ୍ଭବ ହୋଇଥିବା ଏକ ସତ୍ତା । ସେ ନିଜର ଆତ୍ମବିକାଶ ଲାଗି ସତତ ପ୍ରୟାସରତ । ଚିନ୍ମୟତାକୁ ନିଜ ମଧ୍ୟରେ ପ୍ରକାଶ କରିବାହିଁ ବ୍ୟକ୍ତି ଜୀବନର ମୂଳ ଉଦ୍ଦେଶ୍ୟ । ଠିକ୍ ସେହିପରି ଯେକୌଣସି ସମାଜ, ଗୋଷ୍ଠୀ ବା ଜାତିର ମୂଳ ଉଦ୍ଦେଶ୍ୟ ହେଉଛି ଆତ୍ମ-ପରିପୂର୍ଣ୍ଣତା ଦିଗରେ ବିକଶିତ ହୋଇ ଚାଲିବା । ଆପଣାକୁ ଆବିଷ୍କାର କରିବା, ଆପଣାର ସାମର୍ଥ୍ୟ ଓ ସତ୍ତାଗତ ବିଧାନକୁ ଜାଣିବା ତଥା ସେହି ବିଧାନର ଉଦ୍ଦେଶ୍ୟକୁ ସିଦ୍ଧ କରିବା ସକାଶେ ପ୍ରତ୍ୟେକ ଜାତି ଚେଷ୍ଟା କରିଥାଏ । ଗୋଟିଏ ଗୋଷ୍ଠୀ ବା ଜାତି ମଧ୍ୟ ଶାଶ୍ୱତ ପରମ ସତ୍ୟର ଏକ ରୂପ ଅଟେ । ବିଶ୍ୱଗତ ପରମ ଚେତନାର ଏହା ଏକ ଆତ୍ମପ୍ରକାଶ । ବ୍ୟକ୍ତି ଭଳି ଜାତି ମଧ୍ୟ ମୂଳତଃ ଏକ ଆତ୍ମା । ଏହା ଏକ ସଂଘାତ୍ମା ବା ସମୂହ-ଆତ୍ମା (group-soul) । ଏହା ଅଧିକରୁ ଅଧିକ ଆତ୍ମସଚେତନ ହେବା ଉଚିତ । ଏହାର ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ସ୍ୱଭାବ, ତା'ର ବିକାଶଶୀଳ ମନ ଓ ଅନ୍ତର୍ଗତ ଆତ୍ମାର ବିକାଶସାଧନ ଏକାନ୍ତ ଆବଶ୍ୟକ ।

ସଂଘ ବା ସମୂହର ଆତ୍ମା ବ୍ୟକ୍ତିର ଆତ୍ମାଠାରୁ ଅଧିକ ଜଟିଳ । ବ୍ୟକ୍ତିର ଆତ୍ମା ପ୍ରାଣମୟ ଅବଚେତନ କୋଷଗୁଡ଼ିକର ସମଷ୍ଟିକୁ ନେଇ କାର୍ଯ୍ୟ କରିଥାଏ । କିନ୍ତୁ ସମୂହର ଆତ୍ମା ମନର ଭୂମିରେ ସକ୍ରିୟ ରହିଥିବା ଏବଂ ଆଂଶିକ ଭାବରେ ଆତ୍ମସଚେତନ ଥିବା ଅନେକ ସଂଖ୍ୟକ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟ କରିଥାଏ । ସମୂହ-ଆତ୍ମା ପକ୍ଷରେ ନିଜର ସତ୍ୟରୂପଟିକୁ ଆବିଷ୍କାର କରିବା ଅଧିକ କଷ୍ଟସାଧ୍ୟ ଓ ଅଧିକ ସମୟସାପେକ୍ଷ । ଜାତି କ୍ଷେତ୍ରରେ ପରିବର୍ତ୍ତନଗୁଡ଼ିକ ଅଧିକ କ୍ଷିପ୍ର, ତେଣୁ ସେଗୁଡ଼ିକର କାରଣ ଓ ପରିଣାମଗୁଡ଼ିକୁ ଅନୁଶୀଳନ କରିବା ଲାଗି ଅଧିକ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ । ଏକ ଜାତିର ଜୀବନକୁ ହୃଦୟଙ୍ଗମ କରିବା ସହଜ ବ୍ୟାପାର ନୁହେଁ ।

ପ୍ରଥମ ଅବସ୍ଥାରେ ଏକ ଜାତିର ଆତ୍ମସଚେତନତା ଆଶୟପ୍ରଧାନ ହେବା ଅପେକ୍ଷା ଅଧିକ ବିଷୟନିଷ୍ଠ (objective) ହୋଇଥାଏ । ଜାତି କହିଲେ ଆମେ ପ୍ରଥମେ ଏକ ଭୌଗୋଳିକ ସୀମାବିଶିଷ୍ଟ ଆୟତନକୁ ବୁଝୁ, ତାହାର ବାହ୍ୟ ଓ ଭୌତିକ ଦିଗଗୁଡ଼ିକହିଁ ଆମ ଦୃଷ୍ଟିକୁ ପ୍ରଥମେ ଆସେ । ସେତେବେଳେ ଜାତି ପ୍ରତି ଆମେ ଏକ ସଂବେଗମୟ ଭାବପ୍ରବଣତା ଅନୁଭବ କରି ଥାଉ । ଅର୍ଥାତ୍ ପ୍ରାଥମିକ ଅବସ୍ଥାରେ ଯାହା କିଛି ଆଶୟ-ପ୍ରଧାନତା ଥାଏ ତାହା ଉପର ଠାଉରିଆ, ଅସ୍ପଷ୍ଟ ଓ ହୁଗୁଳା ହୋଇଥାଏ । କ୍ରମେ ଆମର ଅନୁଭବ ଗଭୀରତର ହେଲେ ଆମେ ବୁଝିପାରୁ ଯେ ଦେଶର ଅଧିବାସୀ ନରନାରୀ ହେଉଛନ୍ତି ଜାତିର ଅସଲ ଓ ଅଧିକ ଯଥାର୍ଥ ଶରୀର । ଏହା ମଧ୍ୟ ଆମ ଆଗରେ ସ୍ପଷ୍ଟ ହୁଏ ଯେ ସମାଜର ଭୌତିକ ଶରୀରଟି ମଧ୍ୟ ମୂଳତଃ ଏକ ଆତ୍ମଗତ ସାମର୍ଥ୍ୟ (subjective power); ଏହା କେବଳ ଏକ ବାହ୍ୟ ବସ୍ତୁସ୍ଥିତିଗତ ଅସ୍ତିତ୍ୱ (objective existence) ନୁହେଁ । ଜାତି-ଆତ୍ମାର ଏକ ବାହ୍ୟ ଜୀବନ ସାଙ୍ଗକୁ ଏକ ଆନ୍ତର ଜୀବନ ମଧ୍ୟ ରହିଥାଏ । ଅନେକ ମହାନ୍ ସମ୍ଭାବନା ଏବଂ ଏପରିକି ବିପଦକୁ ମଧ୍ୟ ନିଜ ଭିତରେ ବହନ କରି ଜାତି-ଆତ୍ମା ବିକାଶ ଲାଭ କରୁଥାଏ ।

ସମାଜ ସମ୍ବନ୍ଧରେ ବିଷୟନିଷ୍ଠ ଓ ବସ୍ତୁପ୍ରଧାନ ଦୃଷ୍ଟି (objective view of society) ପାଶ୍ଚାତ୍ୟର ଇତିହାସରେ ବିପୁଳ ଭାବରେ ପ୍ରଭାବ ବିସ୍ତାର କରିଛି । ପ୍ରାଚ୍ୟ ଜଗତରେ ଏହି ଦୃଷ୍ଟିର ପ୍ରଭାବ ସେତେ ଚରମ ଅବସ୍ଥାକୁ ଯାଇ ନଥିଲେ ବି ତଥାପି ଶକ୍ତିଶାଳୀ ହୋଇ ରହିଛି । ଜାତୀୟ ଅସ୍ତିତ୍ୱ କହିଲେ ଅଧିକାଂଶ ଲୋକ ରାଜନୀତିକ ଓ ଅର୍ଥନୈତିକ ସ୍ଥିତିକୁ ବୁଝନ୍ତି, ଆଇନକାନୁନ ଓ ସାମାଜିକ ଅନୁଷ୍ଠାନକୁ ବୁଝନ୍ତି । କେବଳ ବ୍ୟକ୍ତିର ଜୀବନସ୍ତରରେହିଁ ଆଶୟପ୍ରଧାନ ଓ ମନୋଧର୍ମୀ ଶକ୍ତି କାର୍ଯ୍ୟ କରୁଛି ବୋଲି କୁହାଯାଏ । କିନ୍ତୁ ଏହା ଦେଖା ଯାଇଛି

ଯେ ଅତୀତର ବିଷୟପ୍ରଧାନ ଯୁଗଟିରେ ମଧ୍ୟ ଅର୍ଥନୈତିକ ଆନ୍ଦୋଳନ ଓ ଆନୁଷ୍ଠାନିକ ନାନା ପରିବର୍ତ୍ତନ ପଛରେ ଏକ ଆଶୟଧର୍ମୀ ସାମର୍ଥ୍ୟ ଅବଚେତନ ଭାବରେ କାର୍ଯ୍ୟ କରିଛି । ସଂଘଗତ ଆତ୍ମାର ଏହି ଆଶୟଧର୍ମୀ ସାମର୍ଥ୍ୟ ଯେତେବେଳେ ଉପର ସ୍ତରରେ ମଧ୍ୟ ପ୍ରକାଶିତ ହୁଏ ସେତେବେଳେ ଜାତି ଆତ୍ମୋପଲବ୍ଧି ନିମନ୍ତେ ଆଗକୁ ଯିବାକୁ ପ୍ରସ୍ତୁତ ବୋଲି କୁହାଯିବ ।

ଆଶୟଗତ ଅସ୍ତିତ୍ୱ (subjective existence) ବିଷୟରେ ସଂଘଗତ ମାନସର ବୋଧ ଅସ୍ପଷ୍ଟ ଓ ଆଂଶିକ ହୋଇଥିବାରୁ ଜାତି ଭିତରେ କେତେଟା ବିଶେଷ ଖିଆଲ, ଅଭ୍ୟସ୍ତତା, ବଦ୍ଧ ଧାରଣା ଓ କେତେଟା ମାନସିକ ପ୍ରବୃତ୍ତିହିଁ ପ୍ରାଧାନ୍ୟ ଲାଭ କରି ରହିଥାଏ । ସେତେବେଳେ ତୁଚ୍ଛା ବାହ୍ୟ ଦିଗଗୁଡ଼ିକୁହିଁ ଅଧିକ ଗୁରୁତ୍ୱ ଦିଆଯାଏ ଏବଂ ପ୍ରଚ୍ଛନ୍ନୀଭୂତ ଅସଲ ତତ୍ତ୍ୱ ଓ ସମ୍ପଦଗୁଡ଼ିକ ପ୍ରକାଶିତ ହେବା ଲାଗି ଦିଆଯାଏ ନାହିଁ ।

ଧର୍ମ କ୍ଷେତ୍ରରେ ମଧ୍ୟ ଆମେ ଏହି ପ୍ରକାର ବିସଙ୍ଗତି ଦେଖୁ । ଧର୍ମର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଧର୍ମସଂସ୍ଥାପକମାନଙ୍କର ଆବିର୍ଭାବ ଏବଂ ସେମାନଙ୍କ ଠିକ୍ ପରବର୍ତ୍ତୀ କାଳକୁ ବାଦ୍ ଦେଲେ ଅନ୍ୟ ସବୁ ସମୟରେ ଧର୍ମାବଲମ୍ବୀମାନେ ବାହ୍ୟବସ୍ତୁଗୁଡ଼ିକୁ ନେଇହିଁ ସର୍ବଦା ବ୍ୟସ୍ତ ଓ ବିଭ୍ରାନ୍ତ ହୋଇ ରହିଛନ୍ତି । ନାନାପ୍ରକାର ବିଧି ଓ ଉପଚାର, ପୂଜା ଓ ଉପାସନା, କର୍ତ୍ତୃତ୍ୱବାଦ, ଗୀର୍ଜାନୁଶାସନ ଏବଂ ନାନା ସୂତ୍ର ଓ ମତବାଦ ଭିତରେ ସେମାନେ ନିଜକୁ ସୀମିତ କରି ରଖିଛନ୍ତି । ଧର୍ମାନ୍ଧତା ଓ କେତେଟା ବିଶ୍ୱାସଗତ ସଂକୀର୍ଣ୍ଣତା ଯୋଗୁଁ କେତେ କେତେ ଯୁଦ୍ଧ ଓ ରକ୍ତପାତ ଘଟିଛି । ଧର୍ମ ନାମରେ ମଣିଷମାନେ ନିର୍ମମ ଓ ହିଂସ୍ର ହୋଇଛନ୍ତି, ଅନ୍ୟ ଧର୍ମର ଲୋକଙ୍କୁ ଉତ୍ପୀଡ଼ିତ ଓ ନିର୍ଯାତିତ କରିଛନ୍ତି, ମାନବିକତାକୁ ବଳି ଦେଇଛନ୍ତି । ଧର୍ମ ସବୁବେଳେ ଆଶୟଗତ ହେବା ଉଚିତ । ଆତ୍ମାର ଉପଲବ୍ଧି ଧର୍ମର ଲକ୍ଷ୍ୟ ହେବା ଉଚିତ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖା ଯାଇଛି ଯେ ଧର୍ମର ଆନୁଷ୍ଠାନିକତା ଓ ଉପଚାରକୁହିଁ ସର୍ବସ୍ୱ ବୋଲି ମାନି ନିଆ ଯାଇଛି । ଧର୍ମ ଭିତରେ ମାନବ ଚେତନାର ବିକାଶୋପଯୋଗୀ ଯେଉଁ ସାରତତ୍ତ୍ୱ ରହିଛି ତାକୁ ଅଣଦେଖା କରା ଯାଇଛି ।

ଜାତିଗୁଡ଼ିକ ଭିତରେ ଆତ୍ମ-ଆବିଷ୍କାରର ପ୍ରବୃତ୍ତି ବର୍ତ୍ତମାନ ଅଧିକ ଶକ୍ତିଶାଳୀ ହେଉଥିବାର ପରିଦୃଷ୍ଟ ହେଉଛି । ଆୟର୍ଲାଣ୍ଡର ଜାତୀୟ ଆନ୍ଦୋଳନ ଏବଂ ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନ ଏ ଦୁଇଟି ହେଉଛି ଆଶୟପ୍ରଧାନ ପ୍ରବୃତ୍ତିର ଉତ୍କୃଷ୍ଟ ଉଦାହରଣ । ୧୯୦୫ ମସିହାରେ ବଙ୍ଗରେ ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ ଜାତିକୁ ଏକ ଭୂମି ରୂପେ ବିଚାର କରାଯାଇ ନଥିଲା, ବରଂ ଜାତି କହିଲେ ଏକ ଆତ୍ମା ବା ଆଧ୍ୟାତ୍ମିକ ସତ୍ତା ରୂପେ ବିବେଚନା କରାଗଲା । ପାଶ୍ଚାତ୍ୟ ଜଗତ୍ ତୁଳନାରେ ପ୍ରାଚ୍ୟର ଦୃଷ୍ଟି ଅଧିକ ଆଶୟପ୍ରଧାନ ରହି ଆସିଛି । ପାରସ୍ୟ, ଭାରତବର୍ଷ, ଚୀନ ଆଦି ଏସୀୟ ଦେଶଗୁଡ଼ିକରେ ଯେଉଁ ରାଜନୀତିକ ଆନ୍ଦୋଳନ ସଂଘଟିତ ହୋଇଛି ତା' ପଛରେ ଆଶୟପ୍ରଧାନ ମନୋବୃତ୍ତି କାର୍ଯ୍ୟ କରିଥିବାର ଲକ୍ଷ୍ୟ କରାଯାଇଛି । କେତେକ ଜାତିଙ୍କର ଜୀବନ କ୍ଷେତ୍ରରେ ଏବେ ଆଶୟ-ପ୍ରଧାନତାର ଏଇ ଯେଉଁ ସଚେତନ ଆବିର୍ଭାବ ଘଟୁଛି ତାହା ସମଗ୍ର ମାନବସମାଜ ପାଇଁ ଏକ ଶୁଭ ସୂଚନା ।

ବର୍ତ୍ତମାନ କାଳର ଦାବୀ ହେଲା ମନୁଷ୍ୟସମାଜ ଆପଣାର ଅନ୍ତର୍ଗତ ଆତ୍ମା ଓ ବିଧାନକୁ ଆବିଷ୍କାର କରିବ ଏବଂ କୌଣସି କୃତ୍ରିମ ମାନଦଣ୍ଡକୁ ଅନୁସରଣ ନ କରି ସେହି ବିଧାନ ଓ ଆତ୍ମାର ନିର୍ଦ୍ଦେଶ ଅନୁସାରେହିଁ ଆପଣାର ଜୀବନକୁ ବଞ୍ଚିବ । ମନୁଷ୍ୟଜାତିର ଏକତା ପାଇଁ ଏହା ଅତ୍ୟନ୍ତ ଜରୁରୀ । କୌଣସି ଜାତି ଯଦି କେବଳ ନିଜ ପାଇଁ ବଞ୍ଚେ ତାହା ପରିଣାମତଃ ଧ୍ୱଂସ ଓ ଅନର୍ଥକୁ ଆମନ୍ତ୍ରଣ କରି ଆଣିବ । ସେଥିଲାଗି ଶ୍ରୀଅରବିନ୍ଦଙ୍କର ପ୍ରାଜ୍ଞ ପରାମର୍ଶ ହେଲା –

"For it is necessary, if the subjective age of humanity is to produce its best fruits, that the nations should become conscious not only of their own but of each other's souls and learn to respect, to help and to profit, not only economically and intellectually but subjectively and spiritually, by each other."

(The Human Cycle, p. 40)

ଅର୍ଥାତ୍, ''କାରଣ, ମନୁଷ୍ୟସମାଜର ଏକ ଆଶୟପ୍ରଧାନ ଯୁଗଟି ଯେପରି ସର୍ବୋତ୍ତମ ଭାବରେ ଫଳପ୍ରସୂ ହୋଇ ପାରିବ, ସେଥିଲାଗି ଏକଥାଟି ଏକାନ୍ତ ଆବଶ୍ୟକ ଯେ ବିଭିନ୍ନ ଜାତି ଯେ କେବଳ ଆପଣା ଆପଣାର ଆତ୍ମାଟି ବିଷୟରେ ସଚେତନ ହୋଇ ରହିବେ ତାହା ନୁହେଁ, ସେମାନେ ପରସ୍ପରର ଆତ୍ମା ବିଷୟରେ ମଧ୍ୟ ସଚେତନ ରହିବେ, ପରସ୍ପରକୁ ସମ୍ମାନ କରି ଶିଖିବେ ଓ ସାହାଯ୍ୟ କରି ଶିଖିବେ; କେବଳ ଆର୍ଥିକ ସମ୍ବନ୍ଧର କ୍ଷେତ୍ରରେ ବା ବୁଦ୍ଧିର କ୍ଷେତ୍ରରେ

ନୁହେଁ, ଆଶୟଗତ ବା ଆତ୍ମିକ କ୍ଷେତ୍ରରେ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସେମାନେ ପରସ୍ପର ଦ୍ୱାରା ଲାଭବାନ୍ ହୋଇ ଶିଖିବେ ।'' (ମାନବ ଯୁଗଚକ୍ର, ପୃ. ୫୯)

ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଜର୍ମାନୀ 'କେନ୍ଦ୍ରୀୟ ଶକ୍ତି'ର ପକ୍ଷରେ ଥାଇ ବିରାଟ ଧ୍ୱଂସ ଲୀଳାରେ ଅଂଶ ଗ୍ରହଣ କରିଥିଲା । କିନ୍ତୁ ଏହି ଘଟଣାର ଏକ ସକାରାତ୍ମକ ଦିଗ ଥିଲା । ଜର୍ମାନୀ ଆଶୟପ୍ରଧାନ ପର୍ଯ୍ୟାୟ ଲାଗି ପ୍ରସ୍ତୁତ ହେଉଥିଲା । ଜର୍ମାନୀ ଭଳି ଅନ୍ୟ କୌଣସି ଜାତି ଏତେ ଆତ୍ମସଚେତନ ନଥିଲେ, ଆପଣାକୁ ଆବିଷ୍କାର କରିବା ଲାଗି, ଆପଣାର ଜୀବନରେ ଗତିଶୀଳତା ଭରିଦେବା ଲାଗି ଏତେ ବେଶୀ ଆକାଙ୍କ୍ଷା ଦେଖାଇ ନଥିଲେ । ଜର୍ମାନୀର ଆକ୍ରମଣ ଫଳରେ ଅନ୍ୟ ଦେଶଗୁଡ଼ିକରେ ଆତ୍ମରକ୍ଷାମୂଳକ ଆତ୍ମସଚେତନତା ଜାଗ୍ରତ୍ ହୋଇଥିଲା । ଜର୍ମାନୀ ପାଖରେ ଏକ ସ୍ୱଷ୍ଟ ଭବିଷ୍ୟ ଦୃଷ୍ଟି ରହିଥିଲା; ମାତ୍ର ତାହା ବୁଦ୍ଧିପ୍ରଧାନ ଥିଲା । ଜର୍ମାନୀର ସାହସିକତାରେ ଆଧ୍ୟାତ୍ମିକ ବଳ ଅପେକ୍ଷା ପ୍ରାଣଗତ ଓ ବୁଦ୍ଧିଗତ ସାମର୍ଥ୍ୟ ଅଧିକ ଥିଲା । ବିସ୍‌ମାର୍କ ଅଥବା କାଇଜର ଦ୍ୱିତୀୟ ୱିଲ୍‌ହେମଙ୍କ ନେତୃତ୍ୱ ଜର୍ମାନୀକୁ ଆଶୟଧର୍ମିତା ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରି ନଥିଲା । ବରଂ କାଣ୍ଟ, ହେଗେଲ୍, ଫିକ୍‌ଟେ ଓ ନିତ୍‌ଶେ ପ୍ରଭୃତି ଦାର୍ଶନିକ, କବି ଗ୍ୱେଟେ, ସଙ୍ଗୀତଜ୍ଞ ବିଥୋଭେନ୍ ଓ ୱାଗ୍‌ନର ଥିଲେ ଆଶୟଧର୍ମୀ ଶକ୍ତିର ଯଥାର୍ଥ ଉତ୍ସ ।

ଜର୍ମାନୀରେ ଅନେକ ପ୍ରବୀଣ ପଣ୍ଡିତ, ଶିକ୍ଷାବିତ୍, ବୈଜ୍ଞାନିକ ଓ ସଂଗଠକ ଥିଲେ ଯେଉଁମାନଙ୍କର ଆଶୟଗତ ନାନା ସାମର୍ଥ୍ୟ ରହିଥିଲା । ପୁନଶ୍ଚ ଏ ଦେଶର ଅଧିବାସୀମାନେ ଥିଲେ ବିଚାରନିଷ୍ଠ, କର୍ମତତ୍ପର ଓ କର୍ତ୍ତବ୍ୟ ପରାୟଣ । ବିଜ୍ଞାନ ଓ ଶିଳ୍ପବିକାଶ ଦିଗରେ ସେମାନେ ଥିଲେ ଖୁବ୍ ପ୍ରଯତ୍ନଶୀଳ । ଅର୍ଥାତ୍, ଜର୍ମାନ୍ ଜାତି ଆପଣାର ଦୃଷ୍ଟି ଓ କର୍ମଶକ୍ତି ମଧ୍ୟରେ ଗୋଟିଏ ସେତୁ ନିର୍ମାଣ କରି ପାରିଥିଲା, ଯଦିଓ ତାହା ସେତେ ସୁଦୃଢ଼ ନଥିଲା । ଜର୍ମାନୀ ଏକ ଦିଗରେ ଆପଣା ସତ୍ତା ତଥା ଜଗତର ଅନ୍ତର୍ନିହିତ ସତ୍ୟକୁ ଅନ୍ୱେଷଣ କରୁଥିଲା ଏବଂ ଅପର ଦିଗରେ ବୈଜ୍ଞାନିକ ଗବେଷଣା ଓ ଅନୁସନ୍ଧାନ ଚଳାଇ ରଖିଥିଲା । ମାତ୍ର ଏହି ଉଭୟ କ୍ଷେତ୍ରରେ ଯଥାର୍ଥ ସଙ୍ଗତି ରକ୍ଷା କରିବାରେ ତାହା ବିଫଳ ହେବାରୁ ପରବର୍ତ୍ତୀ କାଳରେ ଘୋର ସଙ୍କଟର ସମ୍ମୁଖୀନ ହୋଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀର ଭୂମିକା ବିଶ୍ୱବାସୀଙ୍କ ଦୃଷ୍ଟିରେ ନିନ୍ଦନୀୟ ହେଲା । ନାତ୍‌ସି (NAZI) ଶାସନକାଳର କଠୋରତା, ଉଦ୍ଦାମ ଆକ୍ରମଣାତ୍ମକ ସ୍ୱଭାବ ଏବଂ ଦୁର୍ଦାନ୍ତ ଆଚରଣ ବିରୋଧରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ସମସ୍ତେ ଅନୁଭବ କଲେ ଯେ ଜର୍ମାନୀର ଆଚରିତ ମାର୍ଗ ଏକ ସାଂଘାତିକ ଭୁଲ୍ ଥିଲା ଏବଂ ସେହି କୁମାର୍ଗ ଅନୁସରଣର ପୁନରାବୃତ୍ତି ନ ହେବା ଉଚିତ । ଜର୍ମାନୀର ଭୁଲ୍‌ଗୁଡ଼ିକ ଥିଲା ଭବିଷ୍ୟତ୍ ବିଶ୍ୱ ପାଇଁ ଏକ ଚେତାବନୀ । ଯୋଗମାର୍ଗରେ ଯେମିତି ମିଥ୍ୟା ଆଲୋକକୁ ସତ୍ୟ ବୋଲି ମନେ କଲେ ନାନା ବିପଦର ସମ୍ମୁଖୀନ ହେବାକୁ ପଡ଼େ ଏବଂ ନିଷ୍ଠାର ଅଭାବ ଯୋଗୁଁ ଯୋଗଭ୍ରଷ୍ଟ ହେବାକୁ ପଡ଼େ, ଜର୍ମାନୀକୁ ସେଇ ରକମର ଦୁର୍ଦ୍ଦଶା ଭୋଗିବାକୁ ହୋଇଥିଲା । ଜର୍ମାନୀ ତା'ର ପ୍ରାଣଗତ ଅହଂ (vital ego)କୁହିଁ ତା'ର ଅସଲ ଆତ୍ମା ବୋଲି ଭ୍ରମ କରିଥିଲା । ସେ ଆତ୍ମାର ଅନୁସନ୍ଧାନରେ ବାହାରି ଥିଲା ସତ, ମାତ୍ର ଅସୁର ଭଳି ପ୍ରାଣଗତ ଶକ୍ତିକୁହିଁ ସର୍ବସ୍ୱ ବୋଲି ମନେ କଲା ଏବଂ ତା'ର ଅପବ୍ୟବହାର କରି ପରିଶେଷରେ ପରାଜୟ ଓ ପତନର ଦୁର୍ଦ୍ଦଶା ଭୋଗ କଲା । କହିବା ବାହୁଲ୍ୟ, ଏହି ଯୁଦ୍ଧରେ ଏକାକୀ ଜର୍ମାନୀର କୋଡ଼ିଏ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

ଗୋଟିଏ ଦେଶକୁ ତା'ର ଭୌତିକ, ପ୍ରାଣିକ, ମନୋଗତ କିଂବା ମିଜାଜଗତ ସୂତ୍ର ଭିତରେ ଆବଦ୍ଧ କରି ରଖି ହେବ ନାହିଁ । ଜାତି-ଆତ୍ମାର ଆହ୍ୱାନକୁ ଶୁଣିବାକୁ ହେବ, ତା'ର ପ୍ରାଣଗତ ଦାବିର ଚିତ୍କାରକୁ ନୁହେଁ । କୌଣସି ଜାତି ଯଦି ତା'ର ସ୍ୱଧର୍ମକୁ ଅନୁସରଣ ନକରେ ଏବଂ ଅହଂର ତୁଷ୍ଟି ପାଇଁ ଅସତ୍ୟ ଓ ଅନ୍ୟାୟ ମାର୍ଗରେ ପରିଚାଳିତ ହୋଇ ଯୁଦ୍ଧ ଓ ରକ୍ତପାତରେ ଲିପ୍ତ ହୁଏ ତାହା ହେଲେ ତା'ର ସମୂଳ ବିନାଶ ଅବଶ୍ୟମ୍ଭାବୀ ।

ଭ୍ରାନ୍ତ ଆଶୟଗତତାର ପ୍ରମାଦପୂର୍ଣ୍ଣ ପରିଣତି ସମ୍ପର୍କରେ ଆମକୁ ସାବଧାନ ହେବାକୁ ପଡ଼ିବ । ସାମାଜିକ ବିବର୍ତ୍ତନର ପଥକୁ ସୁଗମ ଓ ନିରାପଦ କରି ରଖିବାକୁ ହେଲେ ଅସଲି ଆଶୟଗତତାର ସ୍ୱରୂପକୁ ଚିହ୍ନିବାକୁ ହେବ ତଥା ତାକୁ ନିଷ୍ଠାର ସହ ଅନୁସରଣ କରିବାକୁ ହେବ ।

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୨)

### ଆଶ୍ରମ ଜୀବନରେ ଅର୍ଥଶକ୍ତିର ସଦୁପଯୋଗ :

ଶ୍ରୀମା *୬* ଜୁଲାଇ, ୧୯୫୮ରେ ଜନୈକ ସାଧକଙ୍କୁ କଥାଛଳରେ ଉଲ୍ଲେଖ କରିଥିବା ଉକ୍ତିର କିୟଦଂଶର ଉଦ୍ଧୃତି :

''... ମୁଁ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ପ୍ରଥମ ସାକ୍ଷାତ୍‌ରେ ପ୍ରଶ୍ନ କରିଥିଲି – ପୃଥିବୀପୃଷ୍ଠରେ ଆମର ମହାନ୍ କର୍ମ ସମ୍ପାଦନ କରିବା ନିମିତ୍ତ କ'ଣ ସବୁ ଆବଶ୍ୟକ । ସେ କହିଲେ (ଏ ସମ୍ବନ୍ଧରେ ସେ ଲେଖି ବି ଥିଲେ) ଯେ ଏହି କର୍ମରେ ନିରାପଦରେ ସିଦ୍ଧି ଲାଭ କରିବାକୁ ହେଲେ ଆମର ତିନୋଟି ଶକ୍ତିର ଆବଶ୍ୟକ : ପ୍ରଥମଟି ଉତ୍ତମ ସ୍ୱାସ୍ଥ୍ୟ ଲାଭର ଶକ୍ତି, ଦ୍ୱିତୀୟଟି ସରକାରଙ୍କ ଉପରେ କର୍ତ୍ତୃତ୍ୱ ହାସଲ କରିବାର ଶକ୍ତି ଏବଂ ତୃତୀୟଟି ଅର୍ଥ ଉପରେ କାର୍ଯ୍ୟକାରୀ କ୍ଷମତା ।

''ସ୍ୱାଭାବିକ ରୂପେ ଉତ୍ତମ ସ୍ୱାସ୍ଥ୍ୟ ସାଧନା ଉପରେ ନିର୍ଭର କରେ; କିନ୍ତୁ ଏ ସମ୍ବନ୍ଧେ ନିଶ୍ଚିତ ରୂପେ କହି ହେବ ନାହିଁ; ଏ ସମ୍ବନ୍ଧରେ ଅନ୍ୟାନ୍ୟ ସହାୟକ ଉପାୟ ମଧ୍ୟ ରହିଛି । ଦ୍ୱିତୀୟଟି ହେଲା ସରକାରଙ୍କ ଉପରେ କର୍ତ୍ତୃତ୍ୱ, ଶ୍ରୀଅରବିନ୍ଦ ଏ ସମ୍ବନ୍ଧେ ଜାଣିଥିଲେ, ପଢ଼ାଶୁଣା କରିଥିଲେ, ଅତ୍ୟନ୍ତ ମନୋଯୋଗପୂର୍ବକ ଅନୁଧ୍ୟାନ କରିଥିଲେ । ଏ ସମ୍ବନ୍ଧରେ ମୋତେ ଶେଷରେ କହିଥିଲେ, 'ସରକାରଙ୍କ ଉପରେ କର୍ତ୍ତୃତ୍ୱ ହାସଲ କରିବାର ଏକମାତ୍ର ପନ୍ଥା ହେଉଛି ସରକାର ହୋଇ ଉଠିବା (TO BE) । ଜଣେ କେତେକ ବ୍ୟକ୍ତିବିଶେଷଙ୍କ ଉପରେ ନିଜର ପ୍ରଭାବ ବିସ୍ତାର କରିପାରେ, ସେମାନଙ୍କ ମଧ୍ୟରେ ନିଜର ସଙ୍କଳ୍ପଶକ୍ତିର ସଞ୍ଚାର କରିପାରେ, କିନ୍ତୁ ସେମାନଙ୍କର ହାତସବୁ ବନ୍ଧା । ସରକାରଙ୍କ କ୍ଷେତ୍ରରେ ଜଣେ ବ୍ୟକ୍ତିବିଶେଷ ବୋଲି କେହି ନଥା'ନ୍ତି, ଏପରିକି ସ୍ୱତନ୍ତ୍ର ରୂପେ କେତେକ ବ୍ୟକ୍ତି ବି ନଥା'ନ୍ତି, ଯିଏକି ସର୍ବଶକ୍ତିମାନ୍ ଏବଂ ଯିଏକି କୌଣସି କିଛି ବିଷୟରେ ଚୂଡ଼ାନ୍ତ ସିଦ୍ଧାନ୍ତ ନେଇ ପାରିବ । ଜଣେ ନିଜକୁ ସରକାରଙ୍କ ସ୍ଥାନରେ ନିଶ୍ଚିତ ରୂପେ ଉପବେଶନ କରାଇବା ଉଚିତ ଏବଂ ବାଞ୍ଛନୀୟ ଦିଗ୍‌ଦର୍ଶନ ଦେବା ଉଚିତ ।

''ଶେଷଟି ଅର୍ଥ ଶକ୍ତି ଉପରେ କର୍ତ୍ତୃତ୍ୱ ହାସଲ ସମ୍ବନ୍ଧେ ସେ ମୋତେ କହିଲେ, 'ମୁଁ ଏବେ ବି ନିର୍ଭୁଲ ଭାବରେ କହିପାରିବି ନାହିଁ ଏହା କାହା ଉପରେ ନିର୍ଭର କରେ ।' ତା'ପରେ ଦିନେ ଏ ବିଷୟରେ ମନୋନିବେଶ କରି ମୁଁ ଧ୍ୟାନସ୍ଥ ହେଲି । ଏବଂ ଏହି ଅବସ୍ଥାରେ କିଛି ପଥ ଅତିକ୍ରମ କରିଯିବା ପରେ ମୁଁ ଗୋଟିଏ ସ୍ଥାନରେ ପହଞ୍ଚିଲି ଯାହାକି ଭୂଗର୍ଭସ୍ଥ ଏକ କୃତ୍ରିମ ରମଣୀୟ ଗୁହା ସଦୃଶ ଥିଲା (a subterranian grotto); ଅର୍ଥାତ୍ ଏହିଟି ଥିଲା ଅବଚେତନା ବା ବୋଧହୁଏ ଏପରିକି ନିଶ୍ଚେତନାର ସ୍ତରରେ ଏକ ଉତ୍ସ ଯାହାକି ଅର୍ଥ ଶକ୍ତିର ଗନ୍ତାଘର । ସେହି ଗୁହା ଭିତରକୁ ପ୍ରବେଶ କରିବା ମୁହୂର୍ତ୍ତରେ (ଏହା ଥିଲା ଏକ ଆଭ୍ୟନ୍ତରୀଣ ଗୁହା ସଦୃଶ) ମୁଁ ଲକ୍ଷ୍ୟ କଲି କୁଣ୍ଡଳୀକୃତ ହୋଇ ଲମ୍ବ ଭାବରେ ଦଣ୍ଡାୟମାନ ଏକ ବିଶାଳକାୟ ସର୍ପ, ତ୍ରିପଣ୍ଡ କଳା ଏକ ଭୟଙ୍କର ଅଜଗର ସର୍ପ, ଦୁର୍ଜୟ ଭାବରେ ଏକ ସାତ ମହଲା ଅଟ୍ଟାଳିକା ସଦୃଶ ବିଶାଳ ସର୍ପ । ଏହି ସର୍ପଟି ମୋତେ କହିଲା, 'ତୁମେ ଏହା ଭିତରକୁ ପ୍ରବେଶ କରିପାରିବ ନାହିଁ ।' – 'କାହିଁକି ଯାଇ ପାରିବି ନାହିଁ ? ମୋତେ ଯିବାକୁ ଦିଅ !'– 'ମୁଁ ନିଜେ ତୁମକୁ ଭିତରକୁ ଯିବା ସକାଶେ ରାସ୍ତା ଛାଡ଼ିଦେଇ ପାରେ, କିନ୍ତୁ ମୁଁ ଯଦି ଏପରି କରିବି, ସେମାନେ ମୋତେ ତତ୍‌କ୍ଷଣାତ୍ ଧ୍ୱଂସ କରିଦେବେ ।'– 'ଏହି 'ସେମାନେ' କିଏ ?' –'ସେମାନେ ହେଉଛନ୍ତି ଆସୁରିକ ଶକ୍ତି, ଯେଉଁମାନେ ଅର୍ଥ ଉପରେ ନିୟନ୍ତ୍ରଣ ଜାରି କରିଥା'ନ୍ତି । ସେମାନେ ମୋତେ ଜଗୁଆଳୀ ରୂପେ ପ୍ରବେଶ ପଥରେ ନିଯୁକ୍ତ କରିଛନ୍ତି । ତେଣୁ ତୁମେ ନିର୍ଦ୍ଦିଷ୍ଟ ଭାବରେ ପ୍ରବେଶ କରିପାରିବ ନାହିଁ ।' – 'ଆଚ୍ଛା, ତା'ହେଲେ ଏହା ଭିତରକୁ ପ୍ରବେଶ କରିବାର ଶକ୍ତି ଅର୍ଜନ କରିବାକୁ ହେଲେ କ'ଣ କରିବାକୁ ହେବ ?' – ମୁଁ ଶୁଣିଛି (ଅର୍ଥାତ୍, ଏ ସମ୍ବନ୍ଧରେ ମୋ ନିଜର ବିଶେଷ ଜ୍ଞାନ ନାହିଁ, କିନ୍ତୁ ଯେଉଁମାନେ ଅର୍ଥ ଉପରେ ନିୟନ୍ତ୍ରଣ ରଖିଛନ୍ତି, ସେମାନେ ପରସ୍ପର ଭିତରେ କଥା ହେଉଥିବାର ଶୁଣିଛି) ଯେ ଯାହାର ଯାବତୀୟ ମାନୁଷିକ ଯୌନ ଉଦ୍ଦୀପନା ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି (କେବଳ ନିଜ ଉପରେ କର୍ତ୍ତୃତ୍ୱ

ନୁହେଁ, କିନ୍ତୁ ଜାଗତିକ ଯୌନ ପ୍ରବୃତ୍ତି ଉପରେ କର୍ତ୍ତୃତ୍ୱ ରହିଥିବ, ଅର୍ଥାତ୍ ବିଶ୍ୱଗତ ଭାବରେ ସର୍ବତ୍ର, ପ୍ରତ୍ୟେକଟି ମନୁଷ୍ୟ ମଧ୍ୟରେ ଏହି କର୍ତ୍ତୃତ୍ୱ ରହିଥିବ) ସେହିଁ କେବଳ ଏହା ମଧ୍ୟରେ ପ୍ରବେଶ କରିପାରିବ । ଅନ୍ୟ କଥାରେ କହିବାକୁ ଗଲେ ଏପରି ଶକ୍ତିଶାଳୀ ବ୍ୟକ୍ତିକୁ ଅର୍ଥ ଉପରେ ନିୟନ୍ତ୍ରଣ ଜାରି ରଖିଥିବା ଅସୁରଗଣ ଭିତରକୁ ପ୍ରବେଶ କରିବାରେ ବାଧା ଦେଇ ପାରିବେ ନାହିଁ ।

''ଏ ବିଷୟରେ ବ୍ୟକ୍ତିଗତ ସିଦ୍ଧି ହାସଲ କରିବା ଅତ୍ୟନ୍ତ ସହଜ, କହିବାକୁ ଗଲେ କିଛି ବି ନୁହେଁ । କିନ୍ତୁ ଜଗତର ପ୍ରତିଟି ମଣିଷଙ୍କ ମଧ୍ୟରେ ଏହି କର୍ତ୍ତୃତ୍ୱ – ଅର୍ଥାତ୍ ଯୌନ ପ୍ରବୃତ୍ତି ଉପରେ ନିୟନ୍ତ୍ରଣ ଓ ପ୍ରଭୁତ୍ୱ ହାସଲ, ସଙ୍କଳ୍ପ କରିବା ମାତ୍ରେ ସର୍ବତ୍ର ଏହା ଉପରେ ସିଦ୍ଧି ହାସଲ କରିବା – ଏହା ସମ୍ପୂର୍ଣ୍ଣ ଭିନ୍ନ କଥା । ମୋର ମନେହୁଏ ନାହିଁ ଯେ ଏହି ସର୍ତ୍ତ କାହାରି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇଛି । ...

''ଅବଶ୍ୟ କେତେକ ପରିମାଣରେ ଏହା କାର୍ଯ୍ୟକାରୀ ହୋଇଛି, କିନ୍ତୁ ନଗଣ୍ୟ ଭାବରେ । ... ସେଥି ସକାଶେ ଏହି ସଂକ୍ରାନ୍ତରେ ଆମେ କହିପାରୁ ଯେ ଏହା ଅସୁରଗଣ ଏବଂ ମନୁଷ୍ୟ ପ୍ରଜାତି (human species) ମଧ୍ୟରେ ଏକ ସମସ୍ୟା । ...

''ତୁମେ ଜାଣ, ମଣିଷ ପ୍ରଜାତି ହେଉଛି ପ୍ରକୃତିର ଏକ ଅଂଶ । କିନ୍ତୁ ଶ୍ରୀଅରବିନ୍ଦ ବୁଝାଇ ଦେଇଛନ୍ତି ଯେ ଯେଉଁ ମୁହୂର୍ତ୍ତରେ ମନର ଅନୁପ୍ରବେଶ ଘଟିଛି ମଣିଷ ପ୍ରଜାତିରେ, ଏହି ମନ ବିଶ୍ୱପ୍ରକୃତି ସହିତ ମଣିଷ ପ୍ରଜାତିର ଏକ ସ୍ୱତନ୍ତ୍ର ସମ୍ବନ୍ଧ ସ୍ଥାପନ କରିଛି ଯାହାକି ଇତିପୂର୍ବରୁ କୌଣସି ପ୍ରଜାତି କ୍ଷେତ୍ରରେ ଘଟି ନଥିଲା । ... ତେଣୁ ମନ-ବିକଶିତ ପ୍ରଜାତିର ଆସୁରିକ ଶକ୍ତି ଉପରେ ନିଜର ପ୍ରଭାବ ବିସ୍ତାର କରିବାର କ୍ଷମତା ରହିଛି । ... ତା'ର ଏହି କ୍ଷମତା ଭୌତିକ (terrestrial) ନୁହେଁ କିନ୍ତୁ ଅତି-ଭୌତିକ (extra-terrestrial) । ...

''ତେଣୁ ଏହିସବୁ କଥାକୁ ବିବେଚନା କରି ଶ୍ରୀଅରବିନ୍ଦ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ କେବଳ ଅତିମାନସ ଶକ୍ତିହିଁ ଏସବୁ ଉପରେ ନିୟନ୍ତ୍ରଣ ଆଣିବାକୁ ସକ୍ଷମ ହେବ । ଏବଂ ପୃଥିବୀପୃଷ୍ଠରେ ଏହାର ଅବତରଣ ଘଟିଲେ ସବୁକିଛିର ସମାଧାନ ଘଟିବ, ଏପରିକି ବିଶ୍ୱପ୍ରକୃତିର ମଧ୍ୟ ପରିବର୍ତ୍ତନ ଘଟିବ । ...''

(Mother's Agenda : 6 July, 1958)

*

ଗୁଜୁରାଟରୁ ଜଣେ ନୈଷ୍ଠିକ ଭକ୍ତ ନିଜ ଅଞ୍ଚଳରୁ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅହେତୁକୀ କୃପା ବଳରେ ଅର୍ଥ ସଂଗ୍ରହ କରି ଆଶ୍ରମକୁ ପଠାଉଥିଲେ । ଏହି ଭକ୍ତଙ୍କର ସାଧନା ଓ କର୍ମରେ ଯଥାର୍ଥ ମନୋଭାବ ପୋଷଣ ନିମିତ୍ତ ୧୯୨୭ (ଖୁବ୍ ସମ୍ଭବତଃ ଅଗଷ୍ଟ ମାସ)ରେ ଶ୍ରୀଅରବିନ୍ଦ ତାଙ୍କୁ ଏକ ପତ୍ର ଲେଖିଥିଲେ ଅର୍ଥ ଶକ୍ତି ଉପରେ ଯାହାକି 'ମା' ପୁସ୍ତକର ଚତୁର୍ଥ ଅଧ୍ୟାୟରେ ଲିପିବଦ୍ଧ ହୋଇଛି । ସେଥିରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି :

''ଅର୍ଥ ବିଶ୍ୱଗତ ଶକ୍ତିର ଗୋଟିଏ ସ୍ଥୂଳ ଚିହ୍ନ । ... ବାହ୍ୟ ଜୀବନର ପରିପୂର୍ଣ୍ଣତା ନିମିତ୍ତ ଏହି ଶକ୍ତି ଅପରିହାର୍ଯ୍ୟ । ଉତ୍ପତ୍ତି ଓ କର୍ମରେ ଏହା ହେଲା ଭଗବାନଙ୍କର ଶକ୍ତି । ... ଆସୁରିକ ପ୍ରଭାବ ଏହାକୁ ଅଧିକାର କରି ନିଜର ଉଦ୍ଦେଶ୍ୟ ସାଧନ ସକାଶେ ବିକୃତ କରିଛି । ... ଯେଉଁ ଅର୍ଥର ପ୍ରକୃତ ମାଲିକ ଭଗବାନ୍, ତାଙ୍କ ନିମିତ୍ତ ଅର୍ଥର ପୁନରୁଦ୍ଧାର, ଭାଗବତ ଜୀବନ ନିମିତ୍ତ ଭାଗବତ ଭାବରେ ତାହାର ବ୍ୟବହାର,– ଏହାହିଁ ହେଲା ସାଧକ ପକ୍ଷରେ ଅତିମାନସର ପଥ । ...

''ଅତିମାନସ ସୃଷ୍ଟିରେ ଅର୍ଥ-ବଳକୁ ଭାଗବତୀ ଶକ୍ତିଙ୍କ ନିକଟକୁ ଫେରାଇ ଆଣିବାକୁ ହେବ – ମା' ଭଗବତୀ ତାଙ୍କର ଦିବ୍ୟ ଓ ସୃଜନଶୀଳ ଦୃଷ୍ଟିରେ ଯେପରି ଭାବରେ ନିର୍ଦ୍ଧାରିତ କରିଛନ୍ତି ସେହି ଅନୁସାରେ ଏକ ନୂତନ ଦିବ୍ୟ ପ୍ରାଣ, ଦିବ୍ୟ ଶରୀରକୁ ସତ୍ୟ, ସୁନ୍ଦର, ସୁସମଞ୍ଜସ ଉପଚାରରେ ଓ ସୁନିୟମରେ ଗଢ଼ିବା ନିମିତ୍ତ ଅର୍ଥକୁ ବ୍ୟବହାର କରିବାକୁ ହେବ । କିନ୍ତୁ ଏହା ପୂର୍ବରୁ ପ୍ରଥମେ ଦରକାର ହେଲା, ମା'ଙ୍କ ନିମିତ୍ତ ଧନକୁ ଜୟ କରି ନେଇ ଆସିବା । ...''

('ମା' ପୁସ୍ତକ, ପୃ. ୨୦)

*

ପୁନଶ୍ଚ ସେଇ ୬ ଜୁଲାଇ, ୧୯୫୮ରେ ଶ୍ରୀମା'ଙ୍କର କଥୋପକଥନରୁ କିଛି ଉଦ୍ଧୃତି :

''ମୁଁ ମୋର ତରୁଣୀ ବୟସରେ ତୁରସ୍କଦେଶୀୟା ଜଣେ ଅତ୍ୟନ୍ତ ଗରିବ ତରୁଣୀ ସଦୃଶ ଜୀବନ ଅତିବାହିତ କରୁଥିଲି । ଜଣେ ଚିତ୍ରଶିଳ୍ପୀ ହିସାବରେ ତଦାନୀନ୍ତନ ସାମାଜିକ ପ୍ରଥାନୁସାରେ ମୋତେ ଘରୁ ବାହାରକୁ ଯିବାକୁ ପଡୁଥିଲା । ଶିଳ୍ପୀମାନଙ୍କର ଜୀବିକା ନିର୍ବାହ କରିବା ସକାଶେ ଏମିତି କରିବାକୁ ହେଉଥିଲା । ପାଦର ଜୋତା ଛିଣ୍ଡି ଯାଇଥାଏ, ସେସବୁକୁ ରଙ୍ଗ ଦେଇ ଲୁଚାଉଥିଲି; ପିନ୍ଧିବା ସକାଶେ ଅତ୍ୟାବଶ୍ୟକୀୟ ସୁରୁଚିସମ୍ପନ୍ନ ପୋଷାକ ପରିଚ୍ଛଦ ବି ନଥିଲା । ... କିନ୍ତୁ ଏହି ଧରଣର ବାହ୍ୟ

ପରିସ୍ଥିତିରେ ମଧ୍ୟ ମୁଁ କସ୍ମିନ୍‌କାଳେ ହତାଶା ଅନୁଭବ କରୁ ନଥିଲି । କିନ୍ତୁ କେବେ କେବେ ମୋର ପ୍ରକୃତରେ କିଛି ଦରକାର ବୋଲି ମୋ ଭିତରୁ କାଣିଚାଏ ଭାବନା ଉଦ୍ରେକ ହେବା ମାତ୍ରେ ପ୍ରତିଥର ମୁଁ ଲକ୍ଷ୍ୟ କରିଛି ବିଶ୍ୱପ୍ରକୃତି (Nature) ମୋତେ ପ୍ରଚୁର ପରିମାଣରେ ସେଇ ବସ୍ତୁ ଦେଉଥିଲା । ବିଭିନ୍ନ ସୂତ୍ରରୁ ସେସବୁ ମୋ ପାଖରେ ଆସି ପହଞ୍ଚି ଯାଉଥିଲା । ମୋର ବ୍ୟକ୍ତିଗତ ବ୍ୟବହାର ସକାଶେ ସେ ସବୁବେଳେ ମୋତେ ପ୍ରଚୁର ପରିମାଣରେ ଦେଉଥିଲା ।

''ମୁଁ କେବେ ବି କିଛି ତାକୁ ପ୍ରତ୍ୟକ୍ଷ ଭାବରେ ମାଗୁ ନଥିଲି । କିନ୍ତୁ ଯଦି କେବେ ଆକସ୍ମିକ ଭାବରେ ନିଜକୁ ନିଜେ କହିଉଠୁଥିଲି, 'ଉଁ ... ଏଇ ଜିନିଷଟି ମୋ ପାଖରେ ଥିଲେ ଭଲ ହୁଅନ୍ତା ନାହିଁ'; – ଏତିକି ଭାବନା ଉଦ୍ରେକ ହେବାର ଅବ୍ୟବହିତ ପରେ ସେଇ ବସ୍ତୁ ଅନେକ ପରିମାଣରେ ଆସି ମୋ ସାମନାରେ ଠୁଳ ହୋଇ ଯାଉଥିଲା । ...

''ଆଜି ସକାଳେ (୬ ଜୁଲାଇ, ୧୯୫୮) ମୁଁ ନିଜକୁ ନିଜେ ପଚାରିଲି, 'ସତରେ କ'ଣ ବିଶ୍ୱପ୍ରକୃତିର ଅର୍ଥ ଶକ୍ତି ଉପରେ ନିୟନ୍ତ୍ରଣ ରହିଛି ? – ଏ ବିଷୟରେ କିଛି ପରୀକ୍ଷା କରି ଦେଖିବି ।'...

''ଇତି ପୂର୍ବରୁ ବର୍ଷ ବର୍ଷ ଧରି ପୃଥିବୀପୃଷ୍ଠରେ ଆମର ମହାନ୍ କର୍ମ ସକାଶେ ବିଶ୍ୱପ୍ରକୃତିର ସହାୟତା ଚାହିଁଛି; ସେ ସବୁବେଳେ ବିଦ୍ରୋହ ପ୍ରକାଶ କରି କହୁଥିଲା, 'ତୁମେ ଏତେ ତରତରରେ ସବୁ କିଛି କରିବାକୁ କାହିଁକି ଚାହୁଁଛ ? ଦିନେ ନା ଦିନେ ଏହା କରାଯିବ ।'... କିନ୍ତୁ ଗତ ବର୍ଷ ୮ ନଭେମ୍ବର, ୧୯୫୭ରେ ଏକ ଅଭୂତପୂର୍ବ ଅନୁଭୂତି[୧] ହେବା ପରେ ମୁଁ ଏ ସମ୍ବନ୍ଧେ ଅର୍ଥାତ୍ ଅର୍ଥ ଶକ୍ତି ସମ୍ବନ୍ଧରେ ଏକ ପରୀକ୍ଷା କରିବାକୁ ମନସ୍ଥ କରିଥିଲି । ମୁଁ ବିଶ୍ୱପ୍ରକୃତିକୁ କହିଲି, 'ଦେଖ, ମୋର ସୁନା ଶିଶୁ, ତୁମେ ଏବେ ସହଯୋଗ କରିବ ବୋଲି ସମ୍ମତି ପ୍ରଦାନ କରିଛ । ଇତିପୂର୍ବରୁ ତୁମେ ତ ମୋତେ (ବ୍ୟକ୍ତିଗତ ଭାବରେ) ପ୍ରତିଶ୍ରୁତି ଦେଇଥିଲ ଯେ ମୋର କୌଣସି କିଛିର ଅଭାବ ହେବ ନାହିଁ ଏବଂ ତୁମେ ସେସବୁ ବି ପ୍ରାୟ ପୂରଣ କରିଆସିଛ । ... ଏବେ କିନ୍ତୁ ମୁଁ ମୋ ନିଜ ସକାଶେ ତୁମଠାରୁ କିଛି ଚାହୁଁ ନାହିଁ । ମୋ କର୍ମ ସକାଶେ ମୋର ପ୍ରଚୁର ଅର୍ଥ ଆବଶ୍ୟକ । ମୁଁ ସେହି ଅର୍ଥକୁ ମୁକ୍ତ ଭାବରେ ମୋ କର୍ମରେ ବିନିଯୋଗ କରିବାକୁ ଚାହେଁ । ମୋତେ କୋଟିଏ ଟଙ୍କା ଦିଅ । ମୋତେ ଏତିକି ଅର୍ଥ ଦେଇ ତୁମେ ତୁମର ସହଯୋଗିତାର ପ୍ରମାଣ ଦିଅ ।'... ସେ କିନ୍ତୁ କିଛି ବି ଦେଲା ନାହିଁ କି ପଦେ ବି କିଛି କହିଲା ନାହିଁ । ...

''କିନ୍ତୁ ଗଣେଶଙ୍କ କ୍ଷେତ୍ରରେ କ'ଣ ଘଟିଥିଲା ସେକଥା କହୁଛି ଶୁଣ – ଏବେ ଯେଉଁଠି 'ପ୍ରସ୍ପେରିଟି' ବିତରଣ ହୁଏ ('ଲାଇବ୍ରେରି ହାଉସ୍'ର ଉପର ମହଲା ହଲ୍‌ରେ), ତିରିଶ ବର୍ଷ ପୂର୍ବରୁ, ୧୯୩୦ରେ ଆମେ ନିତି ସନ୍ଧ୍ୟାରେ ଧ୍ୟାନସ୍ଥ ହେଉଥିଲୁ । ଆମେ ସେତେବେଳେ ଆଠ-ଦଶ ଜଣ ଥିଲୁ । ସେହିଦିନ ଯେଉଁସବୁ ପୁଷ୍ପ ସଂଗ୍ରହ ହୋଇଥାଏ ସେସବୁକୁ ମୁଁ ସଜାଇ ରଖୁଥିଲି । ଉପସ୍ଥିତ ପ୍ରତ୍ୟେକେ ସେହିସବୁ ପୁଷ୍ପର ଆଧ୍ୟାତ୍ମିକ ନିହିତାର୍ଥ ଉପରେ ବାକ୍ୟଟିଏ ପ୍ରସ୍ତୁତ କରୁଥିଲେ ଏବଂ ତଦନୁସାରେ ଧ୍ୟାନସ୍ଥ ହେଉଥିଲେ । ଦିନେ ଧ୍ୟାନର ବିଷୟବସ୍ତୁ ଥିଲା ଧନସମ୍ପଦ ଉପରେ । ଠିକ୍ ସେହି ମୁହୂର୍ତ୍ତରେ ମୋର ଏକ ଭାବନା ଆସିଲା : ସମସ୍ତେ ପ୍ରାୟ କହିଥା'ନ୍ତି ଗଣେଶ ହେଉଛନ୍ତି ଅର୍ଥର ଦେବତା, ସୌଭାଗ୍ୟ ଓ ସମୃଦ୍ଧିର ତଥା ଜଗତର ଧନସମ୍ପତ୍ତିର ଦେବତା । ଆଉ ଏହି ଦେବତାଙ୍କର ହାତୀ ମୁଖାବୟବ କାହାଣୀଟି ମଣିଷର କଳ୍ପନାପ୍ରସୂତ ନୁହେଁ କି ? ତା'ପରେ ମୁଁ ଧ୍ୟାନସ୍ଥ ହେଲି । ସେହି ଧ୍ୟାନମଗ୍ନ ଅବସ୍ଥାରେ ମୁଁ କାହାକୁ ଦେଖିଲି – ବାସ୍ତବ, ଜୀବନ୍ତ, ଜ୍ୟୋତିର୍ମୟ, ଅପରୂପ କଳେବରରେ ହାତୀମୁଣ୍ଡ ଶୋଭିତ ଏକ ଜାଗ୍ରତ୍ ସତ୍ତା ହଲ୍ ଭିତରକୁ ଧୀରେ ପ୍ରବେଶ କଲେ ଏବଂ ମୋ ସାମନାରେ ଅଟକିଗଲେ । ମୁଖମଣ୍ଡଳରେ ଥିଲା ତାଙ୍କର ସ୍ମିତହାସ୍ୟ ।[୨]

''ସେଇଠୁ ମୁଁ ମୋର ଧ୍ୟାନସ୍ଥ ଅବସ୍ଥାରେ ତାଙ୍କୁ କହିଲି, 'ଆଃ ! ତା'ହେଲେ ସତକୁ ସତ ତୁମର ଅସ୍ତିତ୍ୱ ରହିଛି !'

---

[୧] ଏହି ଅନୁଭୂତି ତଥା ୧୯୫୮ର ନବବର୍ଷ ବାଣୀ ସମ୍ବନ୍ଧେ ଶ୍ରୀମା ତାଙ୍କର 'ପ୍ରଶ୍ନୋତ୍ତର' କ୍ଲାସ (ପହିଲା ଜାନୁଆରୀ, ୧୯୫୮)ରେ ଏବଂ 'ପରିଶିଷ୍ଟ' ଶିରୋନାମାରେ ଅତ୍ୟନ୍ତ ଚିତ୍ତାକର୍ଷକ ଭାବରେ ବର୍ଣ୍ଣନା କରିଛନ୍ତି । ଅବଶ୍ୟ ପଠନୀୟ । (MCW, Vol-9; pp. 245-248) । ଏଠାରେ କେବଳ ସେହି ବର୍ଷର ଶ୍ରୀମା'ଙ୍କ ନବବର୍ଷ ବାଣୀଟି ଉଦ୍ଧାର କରୁଛୁ :

"O Nature, material Mother, Thou hast said that thou wilt collaborate and there is no limit to the splendour of this collaboration."

''— 'ନିଃସନ୍ଦେହରେ ମୋର ଅସ୍ତିତ୍ୱ ରହିଛି ! ତୁମେ ମୋଠାରୁ କ'ଣ ଆଶା କରୁଛ, ମୋତେ ତା' ମାଗିପାର; ଅବଶ୍ୟ ନିଃସନ୍ଦେହରେ ଆର୍ଥିକ ଦୃଷ୍ଟିକୋଣରୁ; ମୁଁ ତୁମକୁ ଦେବି ।' ତା'ପରେ ମୁଁ ତାଙ୍କଠୁ ଅର୍ଥର ସାହାଯ୍ୟ ମାଗିଲି । — 'ଠିକ୍ ଅଛି !' — ଏହା କହି ସେ ଅନ୍ତର୍ଦ୍ଧାନ ହୋଇଗଲେ ।

''ଗଣେଶ ତାଙ୍କର ପ୍ରତିଶ୍ରୁତି ଦଶ ବର୍ଷ ଧରି ଅକ୍ଷୁଣ୍ଣ ରଖିଥିଲେ । ଦଶ ବର୍ଷ ଧରି ପ୍ରଚୁର ଅର୍ଥ ମୋ ପାଖକୁ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରବଳ ସ୍ରୋତରେ ଆସିବା ସଦୃଶ ଅଜାଡ଼ି ହୋଇ ଆସୁଥିଲା । ଏବଂ ମୁଁ ଆଶ୍ରମ ପରିଚାଳନା କାମରେ ଅନାୟାସରେ ବ୍ୟୟ କରିପାରୁଥିଲି । ମୁଁ ତାଙ୍କୁ ମାଗିବି; ସେ ଆସନ୍ତା ଦର୍ଶନକୁ ବା ମାସକ ପରେ ବା କିଛି ଦିନ ପରେ, ତା' ଉପରେ ନିର୍ଭର କରୁଥିଲା, ଠିକ୍ ଠିକ୍ ଅର୍ଥ ମୋତେ ଯୋଗାଇ ଦେଉଥିଲେ ।

''ଏହାପରେ ଆରମ୍ଭ ହେଲା ବିଶ୍ୱଯୁଦ୍ଧ; ଯାବତୀୟ ବାଧାବିପତ୍ତିର ଅତଡ଼ା ଅଜାଡ଼ି ହୋଇ ପଡ଼ିଲା — ଉଲ୍ଲେଖଯୋଗ୍ୟ ଭାବରେ ଆଶ୍ରମବାସୀଙ୍କ ସଂଖ୍ୟା ବଢ଼ିଲା, ଖର୍ଚ୍ଚ ବି ବଢ଼ିଲା । ଜିନିଷପତ୍ରର ଯୁଦ୍ଧକାଳୀନ ଦରଦାମ ବୃଦ୍ଧି ଦୁର୍ଭାଗ୍ୟ ନେଇ ଆସିଲା, ଆଗ ଅପେକ୍ଷା ପ୍ରତିଟି ଜିନିଷର ଦାମ ଦଶ ଗୁଣା ବଢ଼ିଗଲା । ତା'ପରେ ଦିନେ ହଠାତ୍ ମୋ ତହବିଲ ଶୂନ୍ୟ ହୋଇଉଠିଲା, ଏକେବାରେ ଶୂନ୍ୟ ନୁହେଁ, କିନ୍ତୁ ଧୀରେ ଧୀରେ ଅତ୍ୟନ୍ତ କମ୍ ପରିମାଣର ଅର୍ଥ ଆସିଲା । ସେଇଠୁ ମୁଁ ଦିନେ ଗଣେଶଙ୍କୁ ମନେ ମନେ ସ୍ମରଣ କରି ପ୍ରଶ୍ନ କଲି; ସେ କିନ୍ତୁ ଆସିଲେ ନାହିଁ । ପରେ ତାଙ୍କ ପ୍ରତିକୃତି ମାଧ୍ୟମରେ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ରଶ୍ନ କଲି, 'ତୁମର ଦେଇଥିବା ପ୍ରତିଶ୍ରୁତି କଥା କ'ଣ ହେଲା ?' ସେ ଉଭା ହୋଇ ମୋତେ କହିଲେ, 'ମୁଁ ଏବେ ତା' ରକ୍ଷା କରି ପାରିବି ନାହିଁ; ମୋ ସକାଶେ ଏବେ ତୁମର ଚାହିଦା ଅତ୍ୟନ୍ତ ବେଶୀ; ମୋର ସମ୍ବଳ ଖୁବ୍ ସୀମିତ ହୋଇଉଠିଛି ।' ସେଇଠୁ ମୁଁ କହିଉଠିଲି, 'ଓଃ ! କି ଦୁର୍ଭାଗ୍ୟ !'... ଏହା ପରଠୁ ମୁଁ ତାଙ୍କୁ କେବେ ବି କିଛି ମାଗିନି ।

''ଇତି ମଧ୍ୟରେ ମୋର ଜଣେ ମୁସଲମାନ ଶିଷ୍ୟାର ପିତାଙ୍କର ଖ୍ରୀଷ୍ଟମାସ ପର୍ବ ପ୍ରତି ବିଶେଷ ଧରଣର ଅନୁରାଗ ଥିଲା । ଝିଅଟି ମୋତେ କିଛି ନ କହି ଶାନ୍ତାକ୍ଲଜ୍‌ଙ୍କୁ ଆବାହନ କରି କହିଲା, 'ଶ୍ରୀମା ତୁମର ଅସ୍ତିତ୍ୱ ସମ୍ବନ୍ଧେ ସେତେଟା ନିଶ୍ଚିତ ନୁହଁନ୍ତି । ତୁମେ ତାଙ୍କୁ ଏକ ଉପହାର ଦେଇ ତୁମର ଅସ୍ତିତ୍ୱ ଥିବାର ପ୍ରମାଣ ଦିଅ । ଖ୍ରୀଷ୍ଟମାସ ଉତ୍ସବପାଳନ ଉପଲକ୍ଷେ ତୁମେ ତାଙ୍କୁ କିଛି ଉପହାର ଦେଇପାର ।' ଏବଂ ସତକୁ ସତ ଥରେ ଏହି ଉତ୍ସବରେ ଶାନ୍ତାକ୍ଲଜ୍ ଉପହାର ପଠାଇଥିଲେ । କିନ୍ତୁ ମାତ୍ର ଥରଟିଏ ।

''କିନ୍ତୁ ଦଶ ବର୍ଷ ଧରି (୧୯୩୦ରୁ ୧୯୩୯ ପର୍ଯ୍ୟନ୍ତ) ଗଣେଶ ତାଙ୍କର ପ୍ରତିଶ୍ରୁତି ରକ୍ଷା କରିଥିଲେ । ଯୁଦ୍ଧ ଆରମ୍ଭ ହେବାରୁ ସବୁକିଛି ଭଣ୍ଡୁର ହୋଇଗଲା । ଯାହାବି ହେଉ ଆଶ୍ରମରେ ଯଥାର୍ଥ ଭାବରେ ଆର୍ଥିକ ସଙ୍କଟସବୁ କେବଳ ଦଶ ବର୍ଷ ପରେହିଁ ୧୯୪୯ରେ ଆରମ୍ଭ ହୋଇଥିଲା । ଏବଂ ଏହା ପରଠୁ ଏହା ଏକ ସଂଗ୍ରାମ ହୋଇ ଉଠିଛି ॥...''[୩]

ପରିଶେଷରେ ଶ୍ରୀଅରବିନ୍ଦଙ୍କର 'ମା' ପୁସ୍ତକରୁ ପରିଚ୍ଛେଦଟିଏର ଉଦ୍ଧୃତି :

''ଏହି ପଥରେ ଆଦର୍ଶ ସାଧକର ଲକ୍ଷଣ ହେଲା ଏହି : ପ୍ରୟୋଜନ ହେଲେ ସେ ଦରିଦ୍ରଭାବରେ ଜୀବନ ଯାପନ କରିପାରେ, ଅଥଚ କୌଣସି ଅଭାବବୋଧ ତାକୁ ସ୍ପର୍ଶ କରେ ନାହିଁ, ତା'ର ଅନ୍ତରରେ ଭାଗବତ ଚେତନାର ଅବାଧ ଲୀଳାକୁ ବ୍ୟାହତ କରେ ନାହିଁ; ଧନୀ ପରି ଯଦି ଜୀବନ ଯାପନ କରିବାକୁ ହୁଏ, ତାହାହିଁ ସେ କରିପାରେ, କିନ୍ତୁ ମୁହୂର୍ତ୍ତକ ସକାଶେ ଧନର ବାସନା ବା ଆସକ୍ତିର ଅଧୀନ ହୋଇପଡ଼େ ନାହିଁ, ଅଥବା ଯେଉଁସବୁ ଜିନିଷ ସେ ବ୍ୟବହାର କରେ ତହିଁରେ ଆସକ୍ତ ହୋଇ ରହେ ନାହିଁ, ଅସଂଯତ ପ୍ରବୃତ୍ତିର ଦାସ ହୁଏ ନାହିଁ, କିଂବା ଅର୍ଥ ରହିଲେ ଯେଉଁସବୁ ଅଭ୍ୟାସର ସୃଷ୍ଟି ହୁଏ ତହିଁରେ ଅବଶ ବା ଅସହାୟ-ତୁଲ୍ୟ ଆବଦ୍ଧ ହୁଏ ନାହିଁ । ଭାଗବତ ଇଚ୍ଛା ଓ ଭାଗବତ ଆନନ୍ଦହିଁ ତା'ର ସର୍ବସ୍ୱ ।'' (ପୃ. ୧୯ - ୨୦)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

---

[୨] ଗଣେଶଙ୍କର ଯଥାର୍ଥ ଅବୟବ ସମ୍ବନ୍ଧେ MCW, Vol. 6; p. 68 ମଧ୍ୟ ଦ୍ରଷ୍ଟବ୍ୟ ।

[୩] ବି.ଦ୍ର. : ଉପରୋକ୍ତ ବର୍ଣ୍ଣନାରେ 'Mother's Agenda'ର ସହାୟତା ସହିତ ଆଶ୍ରମର ଜନୈକ ସାଧକ ମଦନଲାଲ ହିମତ୍‌ସିଂକାଙ୍କ ନିକଟକୁ ଶ୍ରୀମା'ଙ୍କ ୮ ନଭେମ୍ବରର, ୧୯୬୨ରେ ଲିଖିତ ପତ୍ରର ମଧ୍ୟ ସହାୟତା ନିଆଯାଇଛି ।

# ଅଭୀପ୍ସା

## ରାମକୃଷ୍ଣ ଦାସ

ମନୁଷ୍ୟର ଅଭୀପ୍ସା ଗୋଟିଏ ଅସାଧାରଣ, ପ୍ରବଳ, ଜୀବନ୍ତ, ଜାଗ୍ରତ୍ କ୍ରିୟାଶୀଳ ଶକ୍ତି । ମନୁଷ୍ୟ ମଧ୍ୟସ୍ଥ ଅଭୀପ୍ସା ଅମୃତ ତତ୍ତ୍ୱ । ଅଭୀପ୍ସା ବିକୃତ ନ ହେଲେ ମନୁଷ୍ୟକୁ ଅଜର ଅମର କରାଏ, ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ କରାଏ, ଭଗବତ୍ ଦିବ୍ୟାନନ୍ଦ, ଦିବ୍ୟ-ଜ୍ଞାନରେ ନିବାସ କରାଏ । ଅଭୀପ୍ସାହିଁ ମନୁଷ୍ୟକୁ ମହାନ୍ କରି ତୋଳେ । ଅଭୀପ୍ସା ଅନ୍ତରାତ୍ମାର ଧର୍ମ । ତା'ର ପ୍ରଜ୍ୱଳିତ ଅପ୍ରତିହତ ଅଗ୍ନିଶିଖା ସର୍ବଥା ଊର୍ଦ୍ଧ୍ୱମୁଖୀ । ତାହା ସର୍ବଦା ବିକାଶୋନ୍ମୁଖ । ଅନ୍ତରାତ୍ମାର ଅଭୀପ୍ସା ଅବ୍ୟର୍ଥ, ଅମୋଘ, ସତ୍ୟ ଏବଂ ଯଥାର୍ଥ । ସେଥିରେ ସମସ୍ତ ଅଧ୍ୟାତ୍ମ ସାଧନା ହୁଏ ସିଦ୍ଧ । ଏହି ଶୁଦ୍ଧ ଅଭୀପ୍ସା ମନ, ପ୍ରାଣ ଦ୍ୱାରା ବିକୃତ ନ ହେବାରେ ହୁଏ ସାଂସାରିକ ଅସାଧ କାର୍ଯ୍ୟ ସାଧନ ।

ମନୁଷ୍ୟ ମଧ୍ୟସ୍ଥ ଆନ୍ତର ସତ୍ତା ଭଗବାନଙ୍କ ପ୍ରତିଭୂ ବା ସ୍ୱରୂପ । ସେହି ସତ୍ତା ମନୁଷ୍ୟର ମନ, ପ୍ରାଣ, ଶରୀରକୁ ଧାରଣ କରିଥାଏ । ସେ ସର୍ବଥା ସଚେତ, ମୋହ-ମାୟାମୁକ୍ତ, ଜ୍ଞାନାନନ୍ଦଯୁକ୍ତ ତଥା ଭଗବାନଙ୍କ ସହ ଥାଏ ଏକ । ଏହି ଅନ୍ତରାତ୍ମା ଥାଏ ମନ, ପ୍ରାଣର ପଶ୍ଚାତରେ । ତା'ର ଅଭୀପ୍ସା ସତ୍ୟ, ଶୁଦ୍ଧ, ପବିତ୍ର । ସେ ସର୍ବଦା ଚାହେଁ ପରମାନନ୍ଦ, ପରମ ଜ୍ଞାନ, ପରମ ଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି । ତାହାର ଏକମାତ୍ର ଉଦ୍ଦେଶ୍ୟ ସମସ୍ତ ସତ୍ତା, ସମସ୍ତ କର୍ମ ସମଗ୍ରରୂପେ ଭଗବାନଙ୍କ ଚରଣରେ ନିବେଦନ କରି ତାଙ୍କରି ଯନ୍ତ୍ରରୂପେ ତାଙ୍କରି ସଂକଳ୍ପରେ ପରିଚାଳିତ ହେବା । କିନ୍ତୁ ଅନ୍ତରାତ୍ମାର ଏହି ଅଭୀପ୍ସା କାର୍ଯ୍ୟକାରୀ ହୁଏ ମନ, ପ୍ରାଣ ଓ ଶରୀର ମଧ ଦେଇ । ବ୍ୟକ୍ତିର ମନ-ପ୍ରାଣ-ଶରୀର ଅଶୁଦ୍ଧ ଥିଲେ ନିଜର କାମନା-ବାସନା ଦ୍ୱାରା ଶୁଦ୍ଧ ଅଭୀପ୍ସା ବିକୃତ ହୁଏ ଏବଂ ସେ ଭ୍ରମ-ମୋହ-ମାୟାଗ୍ରସ୍ତ ହୋଇ ଅନ୍ତରାତ୍ମାର ଅଭୀପ୍ସିତ ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ, ପରମ ଶାନ୍ତିକୁ ଜାଗତିକ ବସ୍ତୁ, ଅସ୍ଥାୟୀ ପାରିବାରିକ ସମ୍ବନ୍ଧ, ନାଶବାନ୍ ନିଜ ଶରୀର ତଥା ନାମ-ଯଶଃ, ଭୋଗ-ବିଳାସରେ ଖୋଜେ, ଶେଷରେ ବରାବର ନିରାଶ ହୁଏ । କିନ୍ତୁ ଅଭୀପ୍ସାର ଶକ୍ତି ଅମୋଘ । ତାହା ଯେତେ ମହାନ୍ ଓ ତୀବ୍ର ହୁଏ ତେତେ ମହାନ୍ କାର୍ଯ୍ୟ ସିଦ୍ଧି କରେ । ଶୁଦ୍ଧ ଅବସ୍ଥାରେ ବ୍ୟକ୍ତିକୁ ପରମାନନ୍ଦ, ମୃତ୍ୟୁମୁକ୍ତ ଅମରତ୍ୱ, ରୋଗମୁକ୍ତ ନୀରୋଗତ୍ୱ, ପ୍ରକୃତିର ଦାସତ୍ୱରୁ ମୁକ୍ତ ଦିବ୍ୟ-ମାନବତ୍ୱ ପ୍ରଦାନ କରେ । ଅଶୁଦ୍ଧ ମନ, ପ୍ରାଣ ତାକୁ ବିକୃତ ରୂପେ ପ୍ରକାଶ କଲେ ତାହା ବ୍ୟର୍ଥ ହୁଏ ନାହିଁ, ଜାଗତିକ କାର୍ଯ୍ୟ ସିଦ୍ଧି କରେ । ଆତ୍ମାର ଅବିକୃତ ଇଚ୍ଛା ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କ୍ରିୟାଶୀଳ ହେଲେ ତା'ର ନାମ ହୁଏ **ଅଭୀପ୍ସା** । ଏହି ଅଭୀପ୍ସା ଅଶୁଦ୍ଧ ମନ, ପ୍ରାଣରେ ବିକୃତ ହୋଇ କାମନା-ବାସନା ତୁଷ୍ଟି ସକାଶେ ସାଂସାରିକ କର୍ମରେ ଉପଯୋଗ ହେଲେ ତାହାର ନାମ ହୁଏ ଇଚ୍ଛା ବା କାମନା-ବାସନା ।

ମନୁଷ୍ୟ ମଧ୍ୟରେ ସୁପ୍ତ ରହିଛି ଅଫୁରନ୍ତ ଶକ୍ତି, ଅକଳ୍ପନୀୟ ସମ୍ଭାବନାରାଜି । ସେ ସମସ୍ତ ଜାଗ୍ରତ୍ ହୁଏ ଅଭୀପ୍ସା ଦ୍ୱାରା । ଯେଉଁମାନଙ୍କ ଅନ୍ତରାତ୍ମାର ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ ଦ୍ୱାରା ବିକୃତ ନ ହୋଇ ଭଗବତ୍ ପ୍ରାପ୍ତି ମାର୍ଗରେ ଅପ୍ରତିହତ ଗତିରେ ଅଗ୍ରସର ହୁଏ, ତା'ର ତୀବ୍ରତା ତଥା ବ୍ୟାପକତା ଅନୁସାରେ ବ୍ୟକ୍ତି ସଂସାରତ୍ୟାଗୀ ବ୍ୟାସ, ବଶିଷ୍ଠ, ବାଲ୍ମୀକି, ନାରଦ; ଯୋଗେଶ୍ୱର କପିଳ, ବୁଦ୍ଧ; ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ; ମହାତ୍ମା ତୁଳସୀଦାସ, ସମର୍ଥ ରାମଦାସ, ତୁକାରାମ, ନାମଦେବ, ବଳରାମ ଦାସ, ଜଗନ୍ନାଥ ଦାସଙ୍କ ସଦୃଶ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରନ୍ତି; ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି, ଭଗବତ୍ ଯନ୍ତ୍ରରୂପେ ସଂସାରରେ ମହାନ୍ କାର୍ଯ୍ୟ ସାଧନ କରନ୍ତି । ସେହିମାନଙ୍କର ଆଦର୍ଶ, ନିର୍ଦ୍ଦେଶ, ଉପଦେଶ ତଥା ରଚିତ ଶାସ୍ତ୍ରର ବ୍ୟବସ୍ଥା ଅନୁସାରେ ସଂସାର ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ ।

ଅଥବା ସେହି ବ୍ୟାପକ, ଶୁଦ୍ଧ ଅଭୀପ୍ସା ଦ୍ୱାରା ବ୍ୟକ୍ତି ନୈଷ୍ଠିକ ବ୍ରହ୍ମଚାରୀ, ମହାନ୍ ଜ୍ଞାନୀ, ମହାନ୍ ପଣ୍ଡିତ, ଶାସ୍ତ୍ରଜ୍ଞ, ବୁଦ୍ଧି-ବିଦ୍ୟାରେ ନିପୁଣ, ଯୁଦ୍ଧ-ବିଦ୍ୟାବିଶାରଦ, ରାଜନୀତିକୁଶଳ, ନୀତିଶାସ୍ତ୍ରର ମର୍ମଜ୍ଞ, ମହାବଳଶାଳୀ, ଶତ୍ରୁମାନମର୍ଦ୍ଦକ, ଭକ୍ତଶିରୋମଣି, ମହାବୀର ହନୁମାନ୍, ଦୃଢ଼ପ୍ରତିଜ୍ଞ ପିତାମହ ଭୀଷ୍ମ ଏବଂ ଧନୁର୍ଦ୍ଧାରୀ ଅର୍ଜୁନଙ୍କ ସଦୃଶ ଜଗତରେ ମହାନ୍ ଶ୍ରେଷ୍ଠ ହୋଇ ଭଗବତ୍ ପ୍ରାପ୍ତି, ଭଗବତ୍ ଚେତନାରେ ନିରନ୍ତର ବାସ କରିବା ସଙ୍ଗେ ସଙ୍ଗେ ସଂସାରରେ ଅସାଧ କାର୍ଯ୍ୟ ସାଧନ କରନ୍ତି ।

ଏପରିକି ପୁରାତନ ଯୋଗରେ ଜ୍ଞାନ, କର୍ମ, ଭକ୍ତି ତଥା ଗୀତା-ଭାଗବତ, ବେଦୋପନିଷଦ୍, ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ଭଗବତ୍ ପ୍ରାପ୍ତି ମାର୍ଗର ଯେତେ ପ୍ରକାର ସାଧନ, ଯେତେ ପ୍ରକାର ଯୌଗିକ କ୍ରିୟା, ସଂଯମ-ନିୟମ, ଆସନ-ପ୍ରାଣାୟାମ, ଧ୍ୟାନ-ଧାରଣା ଆଦିର ଅଭୀପ୍ସାହିଁ ପ୍ରାଣ । ଅଭୀପ୍ସା ଦ୍ୱାରାହିଁ ଏସବୁ କ୍ରିୟା ଫଳପ୍ରସୂ ହୁଏ । ଅଭୀପ୍ସା ଛଡ଼ା ଏହି ସମସ୍ତ ସାଧନ ବ୍ୟର୍ଥ, ନିରର୍ଥକ, ଅଫଳପ୍ରସୂ । ଏହି ଶୁଦ୍ଧ ଅଭୀପ୍ସା ଯେତେ ବିଶାଳ ଏବଂ ବହୁମୁଖୀ ହୁଏ, ସେହି ଅନୁପାତରେ ବ୍ୟକ୍ତିର ସୁପ୍ତ ଶକ୍ତି ଜାଗ୍ରତ୍ ହୁଏ ଏବଂ ତା'ର କର୍ମକ୍ଷେତ୍ର ମଧ୍ୟ ବ୍ୟାପକ ତଥା ବହୁମୁଖୀ ହୁଏ । ଅନ୍ତରାତ୍ମାର ଏହି ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ ଦ୍ୱାରା ବିକୃତ ହୋଇ ପ୍ରକାଶ ହେଲେ ବି ତାହା ବ୍ୟର୍ଥ ହୁଏ ନାହିଁ । ପରମାଣୁ ଶକ୍ତି ଜଗତକୁ ସମୃଦ୍ଧିଶାଳୀ କିଂବା ଧ୍ୱଂସ କରିବା ସଦୃଶ ବ୍ୟକ୍ତିକୁ ମହାନ୍ ଆଦର୍ଶ ମାନବରେ ଅଥବା ପ୍ରତାପୀ ରାକ୍ଷସରେ ପରିଣତ କରେ । ଅନ୍ତରାତ୍ମାର ଶକ୍ତିଶାଳୀ ଅଭୀପ୍ସା ବ୍ୟକ୍ତିର ଅଧିକ ଅଶୁଦ୍ଧ ମନ-ପ୍ରାଣରେ ପ୍ରକାଶ ହେଲେ ବ୍ୟକ୍ତି ହୁଏ ଦୁର୍ଦ୍ଦାନ୍ତ ଚୋର, ମହାଦୁରାଚାରୀ, ଜଗତ୍‌ପୀଡ଼କ ଅସୁର । ସେହି ଶକ୍ତିଶାଳୀ ଅନ୍ତରାତ୍ମାର ଅଭୀପ୍ସା ବ୍ୟକ୍ତିର କମ୍ ଅଶୁଦ୍ଧ ମନ-ପ୍ରାଣରେ ପ୍ରକାଶ ହେଲେ ସେ ହୁଏ ମହାଯୋଦ୍ଧା, ମହାନ୍ ବିଦ୍ୱାନ୍, ପଣ୍ଡିତ, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ବା ଦେଶନେତା । ସଂସାରରେ ଉତ୍ତମ ବା ନିକୃଷ୍ଟ ଯେଉଁ ବିରାଟ କାର୍ଯ୍ୟ ଦୃଷ୍ଟିଗୋଚର ହୁଏ ତାହା ହୁଏ ଅଭୀପ୍ସା ବା ତୀବ୍ର ଇଚ୍ଛାରେ । ମନୁଷ୍ୟ ମଧ୍ୟରେ ଅଭୀପ୍ସା ବା ଇଚ୍ଛା ଯେତେ ତୀବ୍ର ଏବଂ ବ୍ୟାପକ ହୁଏ, ବ୍ୟକ୍ତି ତେତେ ମହାନ୍ ହୋଇପାରେ । ଅଭୀପ୍ସା ବିନା ବ୍ୟକ୍ତି ଗଳି ଗଳି ବୁଲି ଭିକ ମାଗି ଉଦର ପୋଷଣ କରି ଜଡ଼ ଗଛ, ପଥର ସଦୃଶ ପଡ଼ି ରହେ । ଯଥାର୍ଥରେ ଅଭୀପ୍ସା ମନୁଷ୍ୟର ପରମ ସମ୍ପଦ । ବ୍ୟକ୍ତି ତାହା ଉତ୍ତମ କାର୍ଯ୍ୟରେ ପ୍ରୟୋଗ କରି ମହାନ୍ ଶ୍ରେଷ୍ଠ ହୋଇ ଜଗତବନ୍ଦ୍ୟ ହୋଇପାରେ ବା ନିନ୍ଦନୀୟ କାର୍ଯ୍ୟରେ ପ୍ରୟୋଗ କରି ପ୍ରାଣିପୀଡ଼କ ନରାଧମ ହୋଇପାରେ । ଏହା ନିର୍ଭର କରେ ବ୍ୟକ୍ତି ଉପରେ ।

### ଅଭୀପ୍ସା ବିକୃତ ହେବାର କାରଣ

ଅନ୍ତରାତ୍ମାର ଶୁଦ୍ଧପୂତ ଅଭୀପ୍ସା ଅଶୁଦ୍ଧ ମନ-ପ୍ରାଣ ଦ୍ୱାରା ବିକୃତ (deformed) ହେବାର କାରଣ ହେଲା ବ୍ୟକ୍ତିର ବିଚାର ଶକ୍ତିର ଅଭାବ । ସେ ଜଡ଼ପଥର, ଗଛ ବା ପଶୁ ନୁହେଁ — ସେ ମନୁଷ୍ୟ । ତା'ର ବୁଦ୍ଧି-ବିବେକ ଅଛି । ସେ ଭଲ, ମନ୍ଦ, ହିତ-ଅହିତ ବିଚାର କରି ନିର୍ଣ୍ଣୟ କରିପାରେ । ନିଜ ସକାଶେ ଉତ୍ତମ ବସ୍ତ୍ର, ଉତ୍ତମ ଭୋଜନ, ଉତ୍ତମ ବାସସ୍ଥାନ, ମାନ-ସମ୍ମାନ, ସୁଖଭୋଗ ଚାହେଁ । ସେହି ସକାଶେ ସେ ଚୋରି କରେ, ଡକାୟତି କରେ, ଅନ୍ୟର ଅନିଷ୍ଟ କରି ନିଜର ଏବଂ ନିଜ ପରିବାରର ସୁଖସୁବିଧା ପାଇଁ ପ୍ରଯତ୍ନ କରେ; ଅନ୍ୟ ଦେଶ ଉପରେ ଅଧିକାର ବିସ୍ତାର କରେ, ନେତା ହୁଏ, ବହୁତ ନୂତନ ବସ୍ତୁ ଆବିଷ୍କାର କରେ । କିନ୍ତୁ ଏସବୁ କରେ କାହିଁକି ? ଏହା ମଧ୍ୟରେ ସେ ଚାହେଁ କ'ଣ ? ଏ ବିଷୟରେ ସେ କେବେ ବି ଗଭୀରଭାବେ ବିଚାର କରେ ନାହିଁ । ସେହି ସକାଶେ ତା' ପାଖରେ ନିଜର ଚାହିଦା ବସ୍ତୁର ଯଥାର୍ଥ ସ୍ୱରୂପ ରହିଯାଏ ଅସ୍ପଷ୍ଟ ।

ପ୍ରତ୍ୟେକ ବ୍ୟକ୍ତି — ଅତି ନୀଚଠାରୁ ଆରମ୍ଭ କରି ଅତି ଉଚ୍ଚ ପର୍ଯ୍ୟନ୍ତ ସକଳେ ଚାହାନ୍ତି ପ୍ରତ୍ୟେକ କର୍ମରେ, ପ୍ରତ୍ୟେକ ଘଟଣାରେ, ପ୍ରତ୍ୟେକ ପରିସ୍ଥିତିରେ ଦୁଃଖ-ଅବିମିଶ୍ର ପରମାନନ୍ଦ । ସୁଖ ସହିତ ଦୁଃଖ କୌଣସି ବ୍ୟକ୍ତି ଭୁଲ୍‌ରେ ବା ସ୍ୱପ୍ନରେ ଚାହେଁ ନାହିଁ । ବ୍ୟକ୍ତି ଯଦି କୌଣସି ବ୍ୟକ୍ତିକୁ ଦୁଇ ଅଣା ପଇସା ଦିଏ ବା କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏ, ତେବେ ସେ କେତେ ଥର ବିଚାର କରେ, ତା'ପରେ ଦିଏ ବା କାର୍ଯ୍ୟରେ ପ୍ରବୃତ୍ତ ହୁଏ । ସେ ଯଦି ଏହି କାର୍ଯ୍ୟ ସମ୍ବନ୍ଧେ ବିଚାର କରିପାରେ ତେବେ ନିଜ ଚାହିଦା ବସ୍ତୁ ସମ୍ବନ୍ଧେ ବିଚାର ନ କରିବା ତା'ର ଅପରାଧ, ସେହି ସକାଶେ ସେ ପ୍ରତ୍ୟେକ ଜନ୍ମରେ ଦୁଃଖକଷ୍ଟ ଭୋଗୁ ଥାଏ ।

ଯେଉଁ ବ୍ୟକ୍ତି ପଶୁଧର୍ମୀ, ଯାହାର ନିମ୍ନପ୍ରାଣ ଅତ୍ୟନ୍ତ ଅଶୁଦ୍ଧ ଥାଏ, ତାହାର ଅନ୍ତରାତ୍ମାର ପରମାନନ୍ଦ ପ୍ରାପ୍ତି ଶୁଦ୍ଧ ଅଭୀପ୍ସା ନିମ୍ନପ୍ରାଣର ତୁଷ୍ଟି — ଚୋରି ଡକାୟତି, ଅନ୍ୟର ଅନିଷ୍ଟ କରିବା ଇଚ୍ଛା, କାମନାବାସନାରେ ପରିଣତ ହୁଏ । ସେ ଇନ୍ଦ୍ରିୟତୁଷ୍ଟି ସକାଶେ ଅବିହିତ ନିନ୍ଦନୀୟ ତାମସିକ ଘୋର କର୍ମରେ ଲିପ୍ତ ହୁଏ । ପରିଣାମରେ ପରମାନନ୍ଦ ପରିବର୍ତ୍ତେ ଦୁଃଖଦ୍ୱନ୍ଦ୍ୱରେ ତା' ଜୀବନ ଜର୍ଜରିତ ହୋଇଯାଏ ।

ଅନ୍ୟ ଶ୍ରେଣୀର ବ୍ୟକ୍ତି ଯେଉଁମାନଙ୍କର ନିମ୍ନପ୍ରାଣ କିଛି ପରିମାଣରେ ଶୁଦ୍ଧ ହୋଇଥାଏ, ବୁଦ୍ଧି ସହିତ ବିଚାର-ବିବେକ କିଛି ପରିମାଣରେ ବିକଶିତ ହୋଇଥାଏ, ସେମାନଙ୍କର ଅନ୍ତରାତ୍ମାର ପରମାନନ୍ଦ, ପରମ ଜ୍ଞାନ ପ୍ରାପ୍ତିର ଅଭୀପ୍ସା ଦେଶସେବା, ପରୋପକାର ଆଦି ଉତ୍ତମ କାର୍ଯ୍ୟରେ ଉପଯୋଗ ହୁଏ ।

ଏହି ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ଏକ ଶ୍ରେଣୀର ବ୍ୟକ୍ତି ଥାଆନ୍ତି ସେମାନଙ୍କର ମନ, ପ୍ରାଣ ବିଶେଷ ଶୁଦ୍ଧ ହୋଇଥାଏ, ବିବେକ-ବୁଦ୍ଧି ମଧ୍ୟ ଉତ୍ପନ୍ନ ହୋଇଥାଏ । ସେହିମାନେ ବିଚାର କରନ୍ତି, ''ଆମ୍ଭେମାନେ ଚାହୁଁ କ'ଣ ?'' ସେମାନେ ମନର ଉପରି ସ୍ତରରେ ବିଚାର ନ କରି ମନକୁ ପାର ହୋଇ ଆଉ କିଛି ଗଭୀରରେ ପ୍ରବେଶ କରନ୍ତି, ସେଠାରେ ଅନ୍ତରାତ୍ମାର ଅଭୀପ୍ସା କମ୍ ବିକୃତ ହୋଇଥାଏ । ସେମାନେ ବୁଝିପାରନ୍ତି — ମାତାପିତା, ସ୍ତ୍ରୀ-ପୁତ୍ର ସମ୍ବନ୍ଧରେ; ଦେଶ-ଜାତି, ପରୋପକାର ଆଦି କର୍ମରେ ବ୍ୟକ୍ତି ଚାହେଁ ପରମ ସୁଖ । ସେହି ସୁଖ ସହିତ କୌଣସି ପ୍ରକାର ଦୁଃଖ ଲେଶମାତ୍ର ଚାହେଁ ନାହିଁ । ସେ ଚାହେଁ ମରଣଶୀଳ ଶରୀରରେ ଅମରତ୍ୱ, ପରିବର୍ତ୍ତନଶୀଳ ଶରୀରରେ ବାର୍ଦ୍ଧକ୍ୟମୁକ୍ତ ଚିରଯୌବନ, ରୋଗମୁକ୍ତ ନୀରୋଗତ୍ୱ । ପ୍ରତ୍ୟେକ ମନୁଷ୍ୟର ଏହାହିଁ ଯଥାର୍ଥ ଚାହିଦା, ଏହାହିଁ ଜୀବନର ପ୍ରାପ୍ୟ ବସ୍ତୁ । ଏହି ସକାଶେ ସେ ସଂସାରକୁ ଆସିଛି । ଏହାହିଁ ଅନ୍ତରାତ୍ମାର ଅଭୀପ୍ସା । ଯେପର୍ଯ୍ୟନ୍ତ ଏହା ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ସେ ଜନ୍ମ-ମରଣ, ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ ।

ମନୁଷ୍ୟ ତା' ଜୀବନର ଯଥାର୍ଥ ଉଦ୍ଦେଶ୍ୟ ବୁଝିପାରିଲେ ତା'ର ପ୍ରାପ୍ତିର ଉପାୟ ଖୋଜେ । ସାଂସାରିକ କୌଣସି ବସ୍ତୁରେ ଏହା ପ୍ରାପ୍ତ ହୁଏ ନାହିଁ, ପ୍ରାପ୍ତ ହୁଏ କେବଳ ଭଗବାନଙ୍କ ସହିତ ସମସ୍ତ ସତ୍ତା ଏକତ୍ର ପ୍ରାପ୍ତ ହେବାରେ । କାରଣ ଭଗବାନ୍ କେବଳ ଶାଶ୍ୱତ, ଆନନ୍ଦ-ଜ୍ଞାନାଦି ଦିବ୍ୟ ଗୁଣର ମୂର୍ତ୍ତିମାନ୍ ବିଗ୍ରହ ।

ଶରୀରକୁ ତ୍ୟାଗ କରି ନିର୍ବିଶେଷ ସତ୍ତାରେ ଏକ ହେବାରେ କିଂବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବାନଙ୍କ ସେବକ ହେବାରେ ଅନ୍ତରାତ୍ମାର ଅଭୀପ୍ସା ପୂର୍ଣ୍ଣ ହୁଏ ନାହିଁ । ତା'ର ଅଭୀପ୍ସା ପୂର୍ଣ୍ଣ ହୁଏ ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୋଇ ଭଗବାନଙ୍କୁ ପ୍ରକାଶ କରିବାରେ । ଅନ୍ତରର ଏହି ଯଥାର୍ଥ ଅଭୀପ୍ସା ବ୍ୟକ୍ତି ବୁଝିପାରେ ବିବେକବିଚାର ଦ୍ୱାରା ।

ଏହିଠାରେ ପ୍ରଶ୍ନ କରାଯାଇପାରେ, ''ବ୍ୟକ୍ତି କ୍ରମଶଃ ବିକାଶ ମାର୍ଗରେ ଗତି କରୁଅଛି, ଯେତେବେଳେ ବିବେକ-ବୁଦ୍ଧିର ବିକାଶ ହେବ ସେତେବେଳେ ସେ ବିଚାର ସ୍ୱତଃସ୍ଫୂର୍ତ୍ତ-ଭାବେ କରିପାରିବ, ପୁଣି ସେ ପ୍ରଚେଷ୍ଟା କରି ବିଚାର କରିବ କାହିଁକି ?''

ଏହି ପ୍ରଶ୍ନ ଯଦି ଯୁକ୍ତିଯୁକ୍ତ ହୁଅନ୍ତା, ତେବେ ସଂସାରରେ ତଥା ଜୀବନରେ କୌଣସି ବ୍ୟବସ୍ଥା ହୁଅନ୍ତା ନାହିଁ; ବ୍ୟକ୍ତି ସମସ୍ତ କିଛି ପ୍ରକୃତି ହାତରେ ଛାଡ଼ିଦେଇ ଜଡ଼ ପଥର ତୁଲ୍ୟ ନିଷ୍କ୍ରିୟ ହୋଇ ବସି ରହନ୍ତା । ସେ ବର୍ଷାରୁ ରକ୍ଷା ପାଇବା ପାଇଁ ଘର ତିଆରି କରନ୍ତା ନାହିଁ । ରୋଗମୁକ୍ତ ହେବା ପାଇଁ ଔଷଧର ଆବଶ୍ୟକତା ନ ଥା'ନ୍ତା, ସର୍ପ-ବ୍ୟାଘ୍ରାଦିଙ୍କର ଆକ୍ରମଣରେ ସେ ହାତବାନ୍ଧି ଛିଡ଼ା ହୁଅନ୍ତା; ନିଜର ଏବଂ ପରିବାରର ହିତସାଧନ ତଥା ସୁଖ ସୁବିଧା ସକାଶେ ଅନ୍ୟର ଗଳା କାଟନ୍ତା ନାହିଁ; ଅନ୍ୟର ଅନିଷ୍ଟ କରନ୍ତା ନାହିଁ । ଏହାସବୁ ଯଦି ସେ ବିଚାର ବୁଦ୍ଧିରେ କରିପାରେ ତେବେ ସେ ନିଜ ଚାହିଁବା ବସ୍ତୁକୁ ମଧ୍ୟ ବିଚାର କରିପାରେ ।

ଏତତ୍ ବ୍ୟତୀତ ଭଗବତ୍ ପ୍ରକୃତି-ଶକ୍ତି ମଧ୍ୟ ବାରଂବାର ସଚେତ କରାଏ । ସେ ଯେଉଁ ସମ୍ମାନ ଚାହୁଁଥାଏ, ସେଥିରେ ଅସମ୍ମାନିତ ହୁଏ; ଯେଉଁ ବସ୍ତୁକୁ ପ୍ରିୟ ମନେ କରିଥାଏ ତାହା ଅପ୍ରିୟ ହୁଏ; ଯେଉଁ ବ୍ୟକ୍ତିକୁ ନିଜର ମନେ କରିଥାଏ ସେ ଶତ୍ରୁତାଚରଣ କରେ ବା ବିଶ୍ୱାସଘାତକତା କରେ; ଯେଉଁ ପରିବାର ବା ପୁତ୍ରକନ୍ୟା ଉପରେ ତା'ର ଅଧିକ ସ୍ନେହ-ମମତା ଥାଏ, ସେମାନଙ୍କର ବିୟୋଗ ହୁଏ । ଏହିସବୁ ଘଟଣା ଦ୍ୱାରା ସେ ଚାହୁଁଥିବା ସୁଖ ପରିବର୍ତ୍ତେ ତାକୁ ମହାଦୁଃଖ ମିଳେ । ଏହା ଦେଖୁଥିବା ସତ୍ତ୍ୱେ, ଅନୁଭବ କରୁଥିବା ସତ୍ତ୍ୱେ ସେହି କର୍ମକୁ ବାରଂବାର ଆବୃତ୍ତି କରୁଥାଏ । ଏହିସବୁ ପ୍ରତିକୂଳ ଘଟଣା ଦ୍ୱାରା ବ୍ୟକ୍ତିକୁ ସଚେତ ହେବାର ସୁଯୋଗ ଦିଆଯାଇଥାଏ । ସୁତରାଂ ଅଧିକ ମୋହଗ୍ରସ୍ତ ଥିବାରୁ ଏହି ଘଟଣାସବୁକୁ ସେ ବିଚାର କରେ ନାହିଁ । ଏପରିକି ସଂସାରରେ ନୂତନ ଚେତନା ସ୍ଥାପନା କରିବା ସକାଶେ ସ୍ୱୟଂ ଭଗବାନ୍ ଯେତେବେଳେ ପୃଥିବୀକୁ ଆସନ୍ତି, ସ୍ୱୟଂ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି, ବହୁ ଦୁଃଖ-ତାପପୀଡ଼ିତ ନରନାରୀଙ୍କୁ ପରମାନନ୍ଦ ପ୍ରାପ୍ତିର ମାର୍ଗ ନିର୍ଦ୍ଦେଶ କରନ୍ତି । ସେତେବେଳେ ବି ବିଚାରବିହୀନ ବ୍ୟକ୍ତି ସଚେତ ହୋଇପାରେ ନାହିଁ; ଆଗତ ଭଗବତ୍ କୃପାକୁ ପ୍ରତ୍ୟାଖ୍ୟାନ କରେ, ସେହି ଦେବ-ମୁହୂର୍ତ୍ତରେ ବି ମୋହ-ନିଦ୍ରାରେ ନିଦ୍ରିତ ରହେ । ଏହା ବ୍ୟକ୍ତିର ଦୋଷ, ପ୍ରକୃତି ବା ଭଗବାନଙ୍କର ନୁହେଁ । ତାକୁ ଭଗବାନ୍ ବିବେକ-ବୁଦ୍ଧି ଦେଇଛନ୍ତି, ସେ ଯଦି ସାଂସାରିକ ସକଳ କର୍ମ ସମ୍ବନ୍ଧେ ବିଚାର କରି କେବଳ ଜୀବନର ପରମ ଲକ୍ଷ୍ୟକୁ ବାଦ୍ ଦିଏ, ତେବେ ଏହା ସକାଶେ ଦାୟୀ କେବଳ ସେ ନିଜେ ।

## ଶୁଦ୍ଧ ଅଭୀପ୍ସା

ଯେଉଁମାନେ ସଜାଗ ଥାଆନ୍ତି ସେହିମାନେ ନିଜ ଜୀବନର ଉଦ୍ଦେଶ୍ୟ ଏବଂ ଚାହିଁବା ବସ୍ତୁ ସମ୍ବନ୍ଧେ ବିଚାର କରନ୍ତି । ବିଚାର ଦ୍ୱାରା ବାହ୍ୟ ମନର କୋଳାହଳ ଶାନ୍ତ ହୁଏ; ସେହିମାନଙ୍କର ଅନ୍ତରର ଗଭୀରରୁ ଅନ୍ତରାତ୍ମାର ପରମାନନ୍ଦ ପ୍ରାପ୍ତିର ଶୁଦ୍ଧ ଅଭୀପ୍ସା ପ୍ରକାଶ ପାଏ । ଅନ୍ତରାତ୍ମା ଚାହେଁ ପରମାନନ୍ଦ, ପରମ ଜ୍ଞାନ, ପରମ ଶାନ୍ତି, ପରମ ଶକ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି । ଏହାକୁ ପ୍ରାପ୍ତ ହେବା ପାଇଁ ମନୁଷ୍ୟ ଏହି ପୃଥିବୀକୁ ଆସିଅଛି । ଏହା ବ୍ୟତୀତ ଜୀବନ ଦୁଃଖ-ଯାତନାମୟ ଅପୂର୍ଣ୍ଣ, ଅର୍ଥହୀନ ।

ନିଜ ସ୍ୱଭାବ, ଅନ୍ତରାତ୍ମାର ନିର୍ଦ୍ଧାରଣ, ପାରିପାର୍ଶ୍ୱିକ ପରିସ୍ଥିତି ଅନୁସାରେ ବ୍ୟକ୍ତି ଗୃହ-ପରିବାରରେ ରହି ଭଗବତ୍ ପ୍ରାପ୍ତିର ପ୍ରୟାସ କରନ୍ତି ଅଥବା ଗୃହ ତ୍ୟାଗ କରି ପରିବାରର ସମ୍ବନ୍ଧ ଛିନ୍ନ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି । କିନ୍ତୁ ଏହି ଉଭୟ ପ୍ରକାର ବ୍ୟକ୍ତିଙ୍କର ଶୁଦ୍ଧ ଅଭୀପ୍ସା ଆବଶ୍ୟକ । ଶୁଦ୍ଧ ଅଭୀପ୍ସାର ସ୍ୱରୂପ ଶ୍ରୀଅରବିନ୍ଦ ଲେଖିଅଛନ୍ତି –

"This Yoga demands a total dedication of the life to the aspiration for the discovery and embodiment of the Divine Truth and to nothing else whatever. To divide your life between the Divine and some outward aim and activity that has nothing to do with the search for the Truth is inadmissible. The least thing of that kind would make success in the Yoga impossible." (CWSA, Vol. 29, p. 15)

ଅର୍ଥାତ୍ – ''ଏହି ଯୋଗ ଚାହେଁ ଭାଗବତ ସତ୍ୟର ଆବିଷ୍କାର ଏବଂ ସେହି ସତ୍ୟକୁ ମୂର୍ତ୍ତିମାନ୍ କରି ଧାରଣ କରିବା ପାଇଁ ଯେଉଁ ଅଭୀପ୍ସା କେବଳ ତାହାରି ପାଖରେ ଜୀବନର ସର୍ବାଙ୍ଗୀନ ଉତ୍ସର୍ଗ ଓ ଅନ୍ୟ କୌଣସି କିଛି ପାଖରେ ନୁହେଁ । ଏକ ଦିଗରେ ଭଗବାନ୍ ଏବଂ ଅନ୍ୟ ଦିଗରେ କୌଣସି ବହିର୍ମୁଖୀ ଲକ୍ଷ୍ୟ ଓ କାର୍ଯ୍ୟ ଯାହା ସହିତ ସତ୍ୟ-ସନ୍ଧାନର କୌଣସି ସମ୍ପର୍କ ନାହିଁ – ଏହିପରି ଦୁଇଟି ବିଷୟ ମଧ୍ୟରେ ତୁମ ଜୀବନକୁ ଭାଗ ଭାଗ କଲେ ଚଳିବ ନାହିଁ । ଏହିପରି କିଛି ସାମାନ୍ୟ ମାତ୍ର ରହିଲେ ଯୋଗରେ ସାଫଲ୍ୟ ଅସମ୍ଭବ ।''

ଶ୍ରୀଅରବିନ୍ଦ ଏହି ଅନୁଚ୍ଛେଦଟିରେ ଶୁଦ୍ଧ ଅଭୀପ୍ସାର ଯଥାର୍ଥ ସ୍ୱରୂପ ସୁନ୍ଦର ଭାବେ ଚିତ୍ରଣ କରିଅଛନ୍ତି । ତାଙ୍କର ଉଦ୍ଦେଶ୍ୟ ହେଲା – ଯେଉଁ ଅଭୀପ୍ସା ପରମାନନ୍ଦ ସ୍ୱରୂପ ଭାଗବତ ସତ୍ୟକୁ ମୂର୍ତ୍ତିମାନ ରୂପେ ଉପଲବ୍ଧି କରିବାକୁ ଚାହେଁ ତାହାରି ପାଖରେ ଜୀବନର ସର୍ବାଙ୍ଗୀନ ଉତ୍ସର୍ଗ ଦରକାର, ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁ ପାଖରେ ନୁହେଁ ।

ବହୁ ବ୍ୟକ୍ତି କହନ୍ତି, ''ଶୁଦ୍ଧ ଅଭୀପ୍ସାର ସର୍ତ୍ତ ବହୁତ କଠିନ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ତାହା ସମ୍ଭବ ନୁହେଁ । ମନୁଷ୍ୟର ମନ ଅସ୍ଥିର ଏବଂ ବାୟୁକୁ ହାତ ମୁଠାରେ ରଖିବା ସଦୃଶ ଦୁଷ୍କର । ପ୍ରାଣର ଗତି ବହୁ ବିଚିତ୍ର, ବାସନା-କାମନା, ଆସକ୍ତି, ଭୋଗ-ବିଳାସ, ନାମ-ଯଶଃରେ ମୋହିତ । ବହୁପତ୍ନୀର ପତି ପରି ସେ ସର୍ବଦା ଅଶାନ୍ତ । ନିମ୍ନ ପ୍ରକୃତିରାଜିର ଘୋର ଆକ୍ରମଣରେ ସେ ସର୍ବଦା ଆକ୍ରାନ୍ତ । ଏପରି ସ୍ଥଳେ ଶୁଦ୍ଧ ଅଭୀପ୍ସା ବ୍ୟକ୍ତି ପକ୍ଷେ ସମ୍ଭବ ହେବାର ଉପାୟ କ'ଣ ?'' ଏହାର ଉପାୟ ହେଲା – ଲକ୍ଷ୍ୟ ପ୍ରାପ୍ତି ସକାଶେ ଏବଂ ନିଜେ ଓ ନିଜର ଯାହାକିଛି ସମସ୍ତ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଦୃଢ଼ ସଂକଳ୍ପ ଏବଂ ପ୍ରଯତ୍ନ । ବ୍ୟକ୍ତି ତରଫରୁ ଏତିକି ରହିଲେ ଭାଗବତୀ ଶକ୍ତି ତାକୁ ପ୍ରତିପଦରେ ସାହାଯ୍ୟ କରନ୍ତି । ସେ ଭଗବତ୍ ପ୍ରାପ୍ତି ଅଭୀପ୍ସାକୁ ସତତ ଜାଗ୍ରତ୍ ରଖିପାରେ; ଶେଷରେ ସେ କ୍ରମଶଃ ସମସ୍ତ ବିରୋଧୀ ଗତିବୃତ୍ତିକୁ ରୂପାନ୍ତରିତ କରି ଲକ୍ଷ୍ୟରେ ପହୁଞ୍ଚି ପାରେ ।

ବ୍ୟକ୍ତି ମଧ୍ୟରେ ଅଜ୍ଞାନ-ଅନ୍ଧକାର ଶକ୍ତି ମନ-ପ୍ରାଣକୁ ଯନ୍ତ୍ର କରି ବାସନା-କାମନା, ଭୋଗ-ବିଳାସର ତୃପ୍ତି ସକାଶେ ସର୍ବଦା କ୍ରିୟାଶୀଳ ଥାଏ । ଏହାରି ପଶ୍ଚାତରେ ଥାଏ ଭାଗବତୀ ଶକ୍ତିର ଅଂଶ ବା ପ୍ରତିଭୂ ଜ୍ଞାନାନନ୍ଦ ସ୍ୱରୂପ ଅନ୍ତରାତ୍ମା । ତା'ର ଅଭୀପ୍ସାଗ୍ନି କେବେ କେବେ ଅଜ୍ଞାନ-ଅନ୍ଧକାରକୁ ଭେଦ କରି ସମ୍ମୁଖକୁ ଆସେ । ତା'ର ଗତି ସର୍ବଦା ଭଗବଦାଭିମୁଖୀ । ବ୍ୟକ୍ତି ସେହି ଅଭୀପ୍ସାର ଅଗ୍ନିକୁ ଧରି ରଖି ପ୍ରତିକୂଳ ଗତିବୃତ୍ତିକୁ ପରିତ୍ୟାଗ କରିବା ସକାଶେ ପ୍ରଯତ୍ନଶୀଳ ହେଲେ କ୍ରମଶଃ ଅଭୀପ୍ସାଗ୍ନି ବୃଦ୍ଧି ପାଏ ଏବଂ ଅନ୍ଧକାର ଶକ୍ତିର ହ୍ରାସ ଘଟେ ।

ବ୍ୟକ୍ତିର ଅଶୁଦ୍ଧ ପ୍ରାଣ କାମନା-ବାସନା, ଲାଳସା-ଆବେଗରେ ପୂର୍ଣ୍ଣ ଥାଏ; ମନ ଚଞ୍ଚଳ, ଅସ୍ଥିର ଏବଂ ନିରର୍ଥକ ଯାନ୍ତ୍ରିକ ବିଚାରର କାରଖାନା ହୋଇଥାଏ; ଶରୀରକୁ ଜଡ଼ତା, ତାମସିକତା, ଆଳସ୍ୟ ଅଧିକାର କରିଥାଏ; ନିରାଶା, ହତାଶା, ଉଦ୍‌ବେଗତା ଜୀବନର ଆଶା, ଉତ୍ସାହ, ଶ୍ରଦ୍ଧା ଓ ବିଶ୍ୱାସକୁ

ଆଚ୍ଛାଦିତ କରି ସାରିଥାଏ; ଅଥବା ବ୍ୟକ୍ତି ପାରିବାରିକ ସମ୍ବନ୍ଧ, ଧନ, ମାନଯଶଃ ଲିପ୍ସାରେ ଉନ୍ମତ୍ତ ହୋଇ ମହାମୋହ ନିଶା ଅବଚେତନାର ଗହ୍ୱରରେ ବୁଡି ଯାଇଥାଏ । ଅର୍ଥାତ୍ ବ୍ୟକ୍ତିର ମନ-ପ୍ରାଣ-ଶରୀର ସତ୍ତାର ଶତକଡ଼ା ଅନେଶତ ଭାଗ ପ୍ରତିକୂଳ ଶକ୍ତିର ଯନ୍ତ୍ର ହୋଇ ଜୀବନର ଯଥାର୍ଥ ଲକ୍ଷ୍ୟକୁ ଭୁଲି ତାହାର ବିରୁଦ୍ଧାଚରଣ କରୁଥାଏ । ଏହି ଘୋର ପ୍ରତିକୂଳ ଅବସ୍ଥାରେ ଯଦି ବ୍ୟକ୍ତିର ଅନ୍ତରାତ୍ମାର ଭଗବତ୍ ପ୍ରାପ୍ତିର ଶୁଦ୍ଧ ଅଭୀପ୍ସା ମନ-ପ୍ରାଣ-ଶରୀରର ଆବରଣକୁ ଭେଦ କରି ଥରେ ସମ୍ମୁଖକୁ ଆସେ ଏବଂ ସେହି ଅଭୀପ୍ସାକୁ ବ୍ୟକ୍ତିର ବୁଦ୍ଧି ଗ୍ରହଣ କରେ ତଥା ତାକୁ ଧରି ରଖି ସେହି ମୁହୂର୍ତ୍ତରେ ଜୀବନର ଲକ୍ଷ୍ୟକୁ ଦୃଢ଼ତା ସହିତ ନିର୍ଦ୍ଧାରଣ କରିନିଏ, ଅର୍ଥାତ୍ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରେ, ପ୍ରଯତ୍ନରେ ପ୍ରବୃତ୍ତ ହୁଏ, ତେବେ ଏହି ସଂକଳ୍ପ ହେଲା ଜୀବନର ସମଗ୍ର ଅବସ୍ଥାର ଶତକଡ଼ା ଏକ ଭାଗ । ଅବଶିଷ୍ଟ ଶତକଡ଼ା ଅନେଶତ ଭାଗ ଲକ୍ଷ୍ୟର ବିପରୀତ । ଏହି ଅଭୀପ୍ସାକୁ ଧରି ବ୍ୟକ୍ତି ପ୍ରଯତ୍ନଶୀଳ ହେଲେ ସମଗ୍ର ଅଶୁଦ୍ଧ, ପ୍ରତିକୂଳ ସତ୍ତାକୁ କ୍ରମଶଃ ସେ ରୂପାନ୍ତର କରେ ଏବଂ ଭଗବତ୍ ପ୍ରାପ୍ତି କରେ । ବ୍ୟକ୍ତି ପ୍ରୟାସ କରିବାକୁ ସମର୍ଥ ହୁଏ ଭଗବାନଙ୍କ ସାହାଯ୍ୟରେ । ବ୍ୟକ୍ତି ଭଗବାନଙ୍କ ସହାୟତା ଯେତେ ଚାହେଁ ଭଗବାନ୍ ତେତେ ସହାୟତା କରନ୍ତି । ତାଙ୍କ କୃପା କେବେ ବି କୁଣ୍ଠିତ ନୁହେଁ । ଅପରପକ୍ଷେ ବ୍ୟକ୍ତିର ଯଦି ଶତକଡ଼ା ଅନେଶତ ଭାଗ ଅନୁକୂଳ ଥାଏ, କେବଳ ଶତକଡ଼ା ଏକ ଭାଗ ପ୍ରତିକୂଳ ଥାଏ, ଏହି ଅବସ୍ଥାରେ ବ୍ୟକ୍ତି ଭଗବାନଙ୍କ ସାହାଯ୍ୟ ନ ନେଇ ଲକ୍ଷ୍ୟରେ ପହୁଞ୍ଚିବାକୁ ଦୃଢ଼ ସଂକଳ୍ପ ନ କରି ପ୍ରୟାସରେ ହେଳା ବା ତ୍ରୁଟି କରେ କିଂବା ବିରୋଧିନୀ ଶକ୍ତିର ଆକ୍ରମଣକୁ ସ୍ୱୀକାର କରେ; ତେବେ ତା'ର କ୍ରମଶଃ ଅଧ୍ୟାତ୍ମ ମାର୍ଗରୁ ପତନ ହୁଏ । ବ୍ୟକ୍ତିର ପତନ ଏବଂ ଉତ୍ଥାନ ତଥା ଲକ୍ଷ୍ୟରେ ପହୁଞ୍ଚିବାର ଶୀଘ୍ରତା ବା ବିଳମ୍ବ ଆଧାରର ଶୁଦ୍ଧି ଅଶୁଦ୍ଧି ଉପରେ ଅଧିକ ନିର୍ଭର କରେ ନାହିଁ, ନିର୍ଭର କରେ ତା'ର ଭଗବାନଙ୍କ ପ୍ରତି ବିଶ୍ୱାସ, ଭରସା ସହ ପ୍ରଯତ୍ନ ଉପରେ ।

### ଶୁଦ୍ଧ ଅଭୀପ୍ସାରେ ବ୍ୟକ୍ତିଗତ ପ୍ରୟାସ

ସାଧନାର ଆରମ୍ଭିକ ଅବସ୍ଥାରେ ଶୁଦ୍ଧ ଅଭୀପ୍ସା କରିବା ଅଧିକ ନିର୍ଭର କରେ ବ୍ୟକ୍ତିର ପ୍ରୟାସ ଉପରେ । ସେତେବେଳେ ତା'ର ସମସ୍ତ ସତ୍ତାର ଗତିବୃତ୍ତି ପ୍ରତିକୂଳ ଥାଏ । କେବଳ ଆତ୍ମା ଥାଏ ଜାଗ୍ରତ୍ । ବ୍ୟକ୍ତି ବିବେକ-ବିଚାରରେ ଲକ୍ଷ୍ୟପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରି ଭଗବାନଙ୍କ ଆଶ୍ରୟରେ ପ୍ରଯତ୍ନଶୀଳ ହୁଏ । ପ୍ରତ୍ୟେକ ଅବସ୍ଥାରେ କର୍ମ ସମ୍ପନ୍ନ କରିବା ସକାଶେ ଭାଗବତୀ ଶକ୍ତିକୁ ଆବାହନ କରେ ଏବଂ ପ୍ରତିକୂଳ ସତ୍ତା, ପ୍ରତିକୂଳ ଗତିବୃତ୍ତିକୁ ଭାଗବତୀ ଶକ୍ତିଙ୍କ ଚରଣରେ ନିବେଦନ କରେ । ଏହି ଅବସ୍ଥାରେ ଭାଗବତୀ ଶକ୍ତି ବ୍ୟକ୍ତିକୁ ସାହାଯ୍ୟ କରନ୍ତି ତଥା ସମର୍ପିତ ଭାଗରେ କ୍ରିୟା କରନ୍ତି । ଏହି ରୂପେ ବ୍ୟକ୍ତିର ଅଭୀପ୍ସା ତଥା ସମର୍ପଣ ଦ୍ୱାରା ବ୍ୟକ୍ତି ସତ୍ତାକୁ ଭାଗବତୀ ଶକ୍ତି କ୍ରମଶଃ ଅଧିକାର କରନ୍ତି । ଭାଗବତୀ ଶକ୍ତିଙ୍କ କ୍ରିୟାବୃଦ୍ଧି ସଙ୍ଗେ ସଙ୍ଗେ ବ୍ୟକ୍ତିର ପ୍ରଯତ୍ନ କମ୍ ହୁଏ । ଅର୍ଥାତ୍ ବ୍ୟକ୍ତିର ପ୍ରଯତ୍ନ ସ୍ଥାନରେ ଭାଗବତୀ ଶକ୍ତି କ୍ରିୟା କରନ୍ତି । ଏହି ପ୍ରଣାଳୀରେ ବ୍ୟକ୍ତିର ପ୍ରଯତ୍ନ ସ୍ଥାନକୁ କ୍ରମଶଃ ଅଧିକାର କରନ୍ତି ଭାଗବତୀ ଶକ୍ତି । ଶେଷରେ ଯେତେବେଳେ ବ୍ୟକ୍ତି ଆଧାରରେ ପୂର୍ଣ୍ଣ ରୂପେ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରନ୍ତି, ସେତେବେଳେ ବ୍ୟକ୍ତିର ପ୍ରଯତ୍ନ ପୂର୍ଣ୍ଣ ରୂପେ ବନ୍ଦ ହୁଏ । ଯଥାର୍ଥରେ ଏହି ଯୋଗର ସାଧନା କରନ୍ତି ଭାଗବତୀ ଶକ୍ତି । ବ୍ୟକ୍ତି କେବଳ ଭାଗବତୀ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦେଉଥାଏ । ଏହା ହେଉଛି ସାଧନାର ଶେଷ ଅବସ୍ଥା । ସାଧନାର ଆରମ୍ଭିକ ଅବସ୍ଥାରେ ଯଦି ତାମସିକ ଜଡ଼ତାର ଆଶ୍ରୟ ଗ୍ରହଣ କରି ବ୍ୟକ୍ତି ପ୍ରଯତ୍ନ ନ କରେ, ଆଳସ୍ୟକୁ ପ୍ରୋତ୍ସାହିତ କରି ଭଗବାନ୍ ସବୁ କରିଦେବେ ବୋଲି ଭାବେ, ତେବେ ସାଧକ ମଧ୍ୟରେ ବିରୋଧିନୀ ଶକ୍ତିକୁ କ୍ରିୟା କରିବାକୁ ସୁଯୋଗ ମିଳେ । ସାଧକର ଯୋଗ-ମାର୍ଗରୁ ପତନ ହେବା ସକାଶେ ଏହାହିଁ ଉତ୍ତମ ଅବସ୍ଥା ।

ଶ୍ରୀଅରବିନ୍ଦ କହିଛନ୍ତି : –

"It is not possible to get rid of the stress on personal effort at once – and not always desirable; for personal effort is better than tamasic inertia.

"The personal effort has to be transformed progressively into a movement of the Divine Force. If you feel conscious of the Divine Force, then call it in more and more to govern your effort, to take it up, to transform it into something not yours, but the

Mother's. There will be a sort of transfer, a taking up of the Forces at work in the personal Adhar – a transfer not suddenly complete but progressive."

ଅର୍ଥାତ୍, ''ବ୍ୟକ୍ତିଗତ ଚେଷ୍ଟା ଉପରେ ଜୋର୍ ଦେବାର ଅଭ୍ୟାସ ହଠାତ୍ ତ୍ୟାଗ କରିବା ସମ୍ଭବପର ନୁହେଁ,– ସର୍ବଦା ବାଞ୍ଛନୀୟ ବି ନୁହେଁ, କାରଣ ବ୍ୟକ୍ତିଗତ ପ୍ରୟାସ ତାମସିକ ଜଡ଼ତା ଅପେକ୍ଷା ଶ୍ରେୟଃ ।

''ଏହି ବ୍ୟକ୍ତିଗତ ପ୍ରୟାସକୁ ଧୀରେ ଧୀରେ ଦିବ୍ୟ ଶକ୍ତିଙ୍କ ଗତିବିଧିରେ ପରିଣତ କରିବାକୁ ହେବ । ଯଦି ତୁ ଦିବ୍ୟଶକ୍ତିଙ୍କ ସମ୍ବନ୍ଧେ ସଚେତନ ହେଉ, ତାହାହେଲେ ଉତ୍ତରୋତ୍ତର ଅଧିକ ତୋ' ମଧ୍ୟରେ ତାହାଙ୍କୁ ଡାକି ଆଣିବୁ, ନିଜର ଚେଷ୍ଟାକୁ ନିୟମନ କରିବା ପାଇଁ ଏବଂ ସେହି ଚେଷ୍ଟାକୁ ଏପରି କିଛିରେ ପରିବର୍ତ୍ତିତ କରିବା ପାଇଁ ଯାହା ତୋର ନିଜର ନୁହେଁ, କିନ୍ତୁ ମା'ଙ୍କର । ଏହି ପ୍ରକାରର ଗୋଟିଏ ହସ୍ତାନ୍ତରିତ ହେବା ଦ୍ୱାରା ବ୍ୟକ୍ତିଗତ ଆଧାରରେ କ୍ରିୟାଶୀଳ ଶକ୍ତିରାଜିର ଗୋଟିଏ ଊର୍ଦ୍ଧ୍ୱାୟନ ହେବ ଏବଂ ଏହି କାର୍ଯ୍ୟ ହଠାତ୍ ସଂପୂର୍ଣ୍ଣ ହେବ ନାହିଁ; କିନ୍ତୁ ହେବ କ୍ରମଶଃ ।''

## ଶୁଦ୍ଧ ଅଭୀପ୍ସାକୁ ଜାଗ୍ରତ୍ ରଖିବାର ଉପାୟ

ଶୁଦ୍ଧ ଅଭୀପ୍ସାକୁ ସତତ ପ୍ରଜ୍ୱଳିତ ରଖିବାର ଉପାୟ ହେଲା ସାଧକର ଜାଗ୍ରତତା । ସାଧକ ଜାଗ୍ରତ୍ ହୋଇ ଲକ୍ଷ୍ୟ ପ୍ରାପ୍ତିର ଅନୁକୂଳ ବସ୍ତୁ ଗ୍ରହଣ କରି ମନ-ପ୍ରାଣର କାମନା-ବାସନା, ଅଭିରୁଚିକୁ ବର୍ଜନ କରିବ । ଯେପର୍ଯ୍ୟନ୍ତ ପ୍ରତିକୂଳ ବସ୍ତୁ ତ୍ୟାଗ କରା ନ ହୁଏ ସେପର୍ଯ୍ୟନ୍ତ ଶୁଦ୍ଧ ଅଭୀପ୍ସା ବିକୃତ ହୁଏ ଅଥବା ସୁପ୍ତ ହୋଇପଡ଼େ ।

ପ୍ରତିକୂଳ ବସ୍ତୁ ଏବଂ ଗତିବୃତ୍ତିକୁ ଦୁଇଟି ପ୍ରଣାଳୀରେ ତ୍ୟାଗ କରାଯାଇପାରେ । ଗୋଟିଏ ପ୍ରକାର ହେଲା – ପ୍ରତିକୂଳ ବସ୍ତୁ ଏବଂ ବିଚାରକୁ ଅହିତକର ଜାଣି ଗ୍ରହଣ ନ କରି ବର୍ଜନ କରିବା । ଏଥିରେ ପ୍ରତିକୂଳ ବସ୍ତୁ ତଥା ଗତିବୃତ୍ତି ସହିତ ସଂଘର୍ଷ କରିବାକୁ ହୁଏ । ଯେଉଁ ସାଧକମାନଙ୍କର ସଂକଳ୍ପ ଶକ୍ତି ପ୍ରବଳ ଥାଏ, ସବୁ ସମୟରେ ବିଶେଷ ରୂପେ ଜାଗ୍ରତ୍ ରହି ପାରନ୍ତି ସେହିମାନେ ଏହି ପ୍ରଣାଳୀରେ ସଫଳତା ପ୍ରାପ୍ତ କରିପାରନ୍ତି । ଯେଉଁମାନଙ୍କର ସଂକଳ୍ପ ଶକ୍ତି ପ୍ରବଳ ନ ଥାଏ, ସେମାନଙ୍କର ପ୍ରତିକୂଳ ବସ୍ତୁ ତ୍ୟାଗ ପରିବର୍ତ୍ତେ ପ୍ରତିକୂଳ ବସ୍ତୁ ସେମାନଙ୍କୁ ଅଧିକାର କରେ । କାରଣ ସେମାନେ ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବା ଉଦ୍ଦେଶ୍ୟରେ ସର୍ବଦା ତାହାରି ସ୍ମରଣ କରନ୍ତି, ସେସବୁ ଚେତନାରେ ରହିବା ସକାଶେ ସ୍ଥାନ ପାଇଯାଆନ୍ତି ।

ଅନ୍ୟଟି ହେଲା ସହଜ ଓ ନିରାପଦ । ସାଧକ ପ୍ରତିକୂଳ ବସ୍ତୁ ଓ ଗତିବୃତ୍ତିକୁ ଜାଣେ, ଚିହ୍ନେ; କିନ୍ତୁ ସେସବୁକୁ ବର୍ଜନ କରିବାକୁ ପ୍ରୟାସ କରେ ନାହିଁ । ତା'ର ସମସ୍ତ ପ୍ରୟାସ ହୁଏ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖି ତାହାର ପ୍ରାପ୍ତି ସକାଶେ ନିରନ୍ତର, ଅହରହ ଅଭୀପ୍ସା କରିବା । ଏଥିରେ ସାଧକର ଚେତନା ଭଗବାନଙ୍କ ସହିତ ଏକ ହୋଇଯିବାରୁ ପ୍ରତିକୂଳ ବସ୍ତୁ ଏବଂ ଗତିବୃତ୍ତି ସ୍ୱାଭାବିକ ରୂପେ ତ୍ୟାଗ ହୋଇଯାଏ । ସାଧକର ଅଭୀପ୍ସା ଯେତେ ତୀବ୍ର ହୁଏ ତା'ର ଚେତନା ତେତେ ଅଧିକ ଭାଗବତମୟ ହୁଏ । ସେ ସମୟରେ ପ୍ରତିକୂଳ ବସ୍ତୁ ଆସିଲେ ଯଦ୍ୟପି ତ୍ୟାଗ କରିବାକୁ ହୁଏ ତଥାପି ବୃତ୍ତି ଭଗବତ୍ ସ୍ମରଣରେ ନିମଗ୍ନ ଥିବାରୁ ତା'ର ଚେତନାରେ ବିରୋଧୀ ଗତିବୃତ୍ତିର ଦୂଷିତଭାବ ଆଶ୍ରୟ ପାଏ ନାହିଁ; କ୍ରମଶଃ ସେସବୁ ତା'ର ମୂଳ ଶୁଦ୍ଧ ତତ୍ତ୍ୱରେ ରୂପାନ୍ତର ହେବା ନିମିତ୍ତ ତୟାର ହୁଏ । ଶେଷରେ ସମର୍ପଣ ଓ ଅଭୀପ୍ସା ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ସମସ୍ତ ସତ୍ତାକୁ ଭାଗବତୀ ଶକ୍ତି ଅଧିକାର କରି ରୂପାନ୍ତର କରନ୍ତି । ସେତେବେଳେ ସାଧକକୁ କେବଳ ଦେବାକୁ ହୁଏ ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାରେ ସମ୍ମତି । ସାଧନା କରନ୍ତି ଭାଗବତୀ ଶକ୍ତି, ସାଧକ ରହେ ଦ୍ରଷ୍ଟା ସଦୃଶ । ପରିଣାମରେ ସାଧକର ସମସ୍ତ ସତ୍ତାରେ ଭଗବାନ୍ ପ୍ରକଟ ହୁଅନ୍ତି, ସେ ପୂର୍ଣ୍ଣରୂପେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରେ, ଯନ୍ତ୍ରରୂପେ ଭାଗବତୀ ଶକ୍ତିଙ୍କ ଦ୍ୱାରା ପରିଚାଳିତ ହୁଏ । ତା'ର ସମସ୍ତ ସତ୍ତା ଭଗବତ୍ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ପରିପୂର୍ଣ୍ଣ ହୁଏ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୬୨୬ - ୬୩୨)

❑❑❑

# ବିପ୍ଳବର ନୂତନ ବହ୍ନି

## ପ୍ରପତ୍ତି

''ଭୌତିକ ଜୀବନ କେବଳ ଅନ୍ଧ-ଆବର୍ତ୍ତନ ନୁହେଁ କିଂବା ପାର୍ଥିବ ଜୀବନର ବାଧାବିପତ୍ତିରୁ ପଶ୍ଚାତ୍ପଦ ହୋଇ ପରମ ଦିବ୍ୟ ଅନିର୍ବଚନୀୟ ନୀରବତା ମଧ୍ୟରେ ବିଲୟ ନୁହେଁ ବରଂ ଏକ ବିଶାଳତର ଦିବ୍ୟସତ୍ୟ ଓ ଚେତନାର ଶାନ୍ତି, ଜ୍ୟୋତିଃ ଓ ଶକ୍ତିକୁ ଉତ୍ତାରି ଆଣି ଜୀବନର ରୂପାନ୍ତର ସାଧନହିଁ ଆଜି ଭାରତର ଶ୍ରେଷ୍ଠ ଅଧ୍ୟାତ୍ମ ସାଧକଗଣଙ୍କର ପ୍ରୟାସ । ଏଠାରେ ସେହି ପ୍ରୟାସର ହୃଦ୍-କେନ୍ଦ୍ରରେ, ବହୁବର୍ଷ ବ୍ୟାପୀ ଏକାଗ୍ର ଲକ୍ଷ୍ୟ, ସର୍ବମୟ ଶାନ୍ତି ମଧ୍ୟରେ ନିରବଚ୍ଛିନ୍ନ ଅବସ୍ଥାନ ଏବଂ ଜ୍ୟୋତିଃ ଓ ଶକ୍ତିର କ୍ରମବର୍ଦ୍ଧମାନ ଆସନ୍ନ ଅବତରଣର ଅନୁଭୂତି ସହ ପଥ କ୍ରମଶଃ ସ୍ପଷ୍ଟତର ହୋଇ ଉଠୁଛି । ଆଜି ଏକଥା ବୋଧ ହେଉଛି ଯେ ଭାରତର ଅନ୍ତରାତ୍ମା ତାହାର ଉତ୍ତରାଧିକାର ସୂତ୍ରରେ ପୂର୍ଣ୍ଣ ପ୍ରତିଷ୍ଠିତ ହେବାକୁ ପ୍ରସ୍ତୁତ ଏବଂ ତାହାର ଏକ ଅତୁଳନୀୟ ଗୌରବର ମୁହୂର୍ତ୍ତ ଉପସ୍ଥିତ, ଯେତେବେଳେ ତାହାର ଏହି ଭୂମିରୁ ସେହି ବାଣୀ, ସେହି ଆଦର୍ଶ ପ୍ରଚାରିତ ହେବ, ଯାହା ମାନବଜାତିକୁ ତାହାର ଭାଗ୍ୟର ଉଚ୍ଚତମ ପରିଣତି ଦିଗରେ ପରିଚାଳିତ କରିବ ।'' — ଶ୍ରୀଅରବିନ୍ଦ

ଦେଶ, ଜାତି, ସମାଜ, ସମଗ୍ର ମାନବଗୋଷ୍ଠୀ, ପୃଥିବୀ, ବିଶ୍ୱ ଏବଂ ଏହି ଜୀବନ ନିରବଚ୍ଛିନ୍ନ ଭାବେ ଗତିଶୀଳ । ଯାହା ସ୍ଥାଣୁ, ନିଷ୍କ୍ରିୟ, ମୂକ ଓ ଅଚେତନ ବୋଲି ବୋଧ ହେଉଛି ତାହା ମଧ୍ୟ ଗତିଶୀଳ । ଜୀବନ, କର୍ମ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ସବୁକିଛି ଗତିମୁଖର । ଏହି ଗତିଶୀଳତା ପରିବର୍ତ୍ତନର ମୁଖ୍ୟ କାରଣ । ସମୟ ସ୍ରୋତରେ କୌଣସି ବସ୍ତୁ ସ୍ଥାୟୀ ହୋଇପାରେ ନାହିଁ । ସବୁକିଛି ଯେପରି ଧୀରେ ଧୀରେ ଗୋଟିଏ ପରିଣାମର ଦିଗରେ ଅଜ୍ଞାତସାରରେ ଗତି କରୁଛି । ଏହି ଗତି ଏତେ ପ୍ରଖର, ଏତେ ଦ୍ରୁତ ଏବଂ ଏପରି ଅକ୍ଷୁଣ୍ଣ ଓ ଅଖଣ୍ଡ ଯେ ଏହାକୁ କେହି ବାଧା ଦେଇ ପାରିବେ ନାହିଁ । ଏହି ପରିବର୍ତ୍ତନ ଓ ଗତିଶୀଳତାର କାରଣହିଁ ହେଲା ବିବର୍ତ୍ତନ । ପ୍ରତ୍ୟେକ ବସ୍ତୁ ନିଜର ସ୍ୱଧର୍ମର ବିକାଶ ପଥରେ ଆଗେଇ ଚାଲିଛି । ପୃଥିବୀର ବିବର୍ତ୍ତନଧାରା ପ୍ରତି ଲକ୍ଷ୍ୟ କଲେ ବୁଝାଯାଏ ଯେ ଏହି ପୃଥିବୀ ଜଡ଼, ପ୍ରାଣ ଓ ମନ ମଧ୍ୟ ଦେଇ ନିଜକୁ ବିକାଶ କରିଛି । ଜଡ଼ ଭୂମିରେ ପ୍ରାଣର ଉଦ୍ଭବ ଏବଂ ପ୍ରାଣ ଭୂମିରେ ମନର ଉଦ୍ଭବ ବିବର୍ତ୍ତନର ଏକ ଏକ ନୂତନ ପାବଛ । ପ୍ରକୃତି ତା'ର ନିଜସ୍ୱ ଧାରାରେ ଏହି ବିବର୍ତ୍ତନର ଧାରାକୁ ବହନ କରି ଚାଲିଛି ଏବଂ ତା'ର ନିଜସ୍ୱ ଧାରାରେ ମଧ୍ୟ ଏହି ବିବର୍ତ୍ତନ ଘଟାଇ ଚାଲିଛି । ପ୍ରକୃତି ମଧ୍ୟରେ ଏକ ସଚେତନତା ଅଛି, କିନ୍ତୁ ତାହା ଏତେ ସୁପ୍ତ, ଗୋପନ ଏବଂ ଅସ୍ପଷ୍ଟ ଯେ ତାହାକୁ ଆଉ ସଚେତନତା ବୋଲି କୁହାଯାଇ ପାରିବ ନାହିଁ । ପ୍ରକୃତିର ଧାରା ସେଥିପାଇଁ ମୂକ, ଅନ୍ଧ, ବିଚାରଶୂନ୍ୟ ଓ ଅଜ୍ଞାନ । କିନ୍ତୁ ଏହି ପ୍ରାକୃତିକ ବିବର୍ତ୍ତନ ଧାରାରେ ଏକ ଅଭିନବ ବିପ୍ଳବ ସୃଷ୍ଟି ହେଲା ଯେତେବେଳେ ମନୁଷ୍ୟର ସୃଷ୍ଟି ହେଲା । ମନୁଷ୍ୟ ବୁଦ୍ଧିମାନ୍, ପ୍ରଜ୍ଞା-ଯୁକ୍ତ ଅଥଚ ସଚେତନ । ସଚେତନତାର ଅର୍ଥ ଏହି ଯେ ମନୁଷ୍ୟ ନିଜକୁ, ନିଜ କର୍ମ ଓ ଜୀବନକୁ ନିଜେହିଁ ନିରପେକ୍ଷଭାବେ, ନିର୍ଲିପ୍ତଭାବେ ଦେଖିପାରେ, ଜାଣିପାରେ, ବୁଝିପାରେ । ଏକମାତ୍ର ମନୁଷ୍ୟ ମଧ୍ୟରେହିଁ ଏହି ସଚେତନତା, ସଜ୍ଞାନତା ବିଦ୍ୟମାନ । ଅନ୍ୟାନ୍ୟ ଭୂମିରେ ଚେତନା ରହିଛି, ମାତ୍ର ଚେତନାର ପ୍ରସ୍ଫୁଟିତ ଆଦ୍ୟ ଭୂମିହିଁ ମନଃଶକ୍ତି । ଯେହେତୁ ମନୁଷ୍ୟ ସଚେତନ ଓ ବୁଦ୍ଧିମାନ୍, — ସେ ନିଜର ଜୀବନ, କର୍ମ ଓ ପ୍ରକୃତିର ଗତିଧାରାରେ ଯୋଜନାବଦ୍ଧ, ନିୟନ୍ତ୍ରିତ ଓ ନିର୍ଦ୍ଦିଷ୍ଟ ବିଧିବଦ୍ଧ ପରିବର୍ତ୍ତନ କରାଇପାରେ । ବିବର୍ତ୍ତନର ଧାରା ମନୁଷ୍ୟ ମଧ୍ୟରେ ଆଉ ଅଚେତନ, ଅନ୍ଧ ଓ ଅସ୍ପଷ୍ଟ ନୁହେଁ, ତାହା ଅନେକ ପରିମାଣରେ ସ୍ୱ-ନିୟନ୍ତ୍ରିତ (Self-controlled) ଏବଂ ସ୍ୱୟଂ-ପରିଚାଳିତ (Self-directed) ଓ ଆତ୍ମ-ସଚେତନ (Self-conscious) । ବିବର୍ତ୍ତନ ଧାରାରେ ଏହି ଯେଉଁ ନୂତନ ପରିଣାମ ଦେଖା ଦେଲା ତାହାହିଁ ହେଲା ବିପ୍ଳବ ।

ପ୍ରକୃତି ବିବର୍ତ୍ତନମୁଖୀ, କିନ୍ତୁ ମନୁଷ୍ୟ ସମାଜ ବିପ୍ଳବମୁଖୀ । ମନୁଷ୍ୟର ସଚେତନ ଚେଷ୍ଟା ଓ ପ୍ରକ୍ରିୟାରେ ଯୁଗ ଯୁଗର ଅନ୍ଧ, ଆବର୍ତ୍ତମୟ ମନ୍ଥର ଗତିଧାରା ଯେତେବେଳେ କ୍ଷିପ୍ରତର ଓ ସରଳ ହୋଇଉଠେ, ସେତେବେଳେ ପ୍ରକୃତିର କ୍ଷେତ୍ରରେ ବିପ୍ଳବ ଦେଖାଦିଏ । ବିଂଶ ଶତାବ୍ଦୀକୁ ଯଥାର୍ଥରେ ଏକ ବିପ୍ଳବର ଯୁଗ ବୋଲି କୁହାଯାଇପାରେ । ବିଜ୍ଞାନର ବିପ୍ଳବ, ସମାଜ, ରାଷ୍ଟ୍ର, ସାହିତ୍ୟ, ଶିକ୍ଷା, କଳା ଓ ସଂସ୍କୃତି ଆଦି ସକଳ କ୍ଷେତ୍ରରେ ଅଭୂତପୂର୍ବ ବିପ୍ଳବ ଦେଖା ଦେଇଛି । ମନୁଷ୍ୟର

ଆପ୍ରାଣ ଉଦ୍ୟମ, ପ୍ରଚେଷ୍ଟା ଓ ପ୍ରୟାସ ଫଳରେ ବାହ୍ୟ ଜଗତରେ ଆଶ୍ଚର୍ଯ୍ୟଜନକ ଓ ଚମକପ୍ରଦ ବିପ୍ଳବ ସୃଷ୍ଟି ହୋଇଛି । ସେହିପରି ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ମଧ୍ୟ ଅଶ୍ରୁତପୂର୍ବ ବିପ୍ଳବ ସୃଷ୍ଟି ହୋଇଛି । ଏସବୁହିଁ ହୋଇ ଯାଇଛି ଏବଂ ହେବାର ପଥରେ, କିନ୍ତୁ ଅନ୍ୟ ଗୋଟିଏ କ୍ଷେତ୍ରରେ ବିପ୍ଳବ ସୃଷ୍ଟି ହୋଇପାରି ନାହିଁ, ତାହା ହେଲା ମନୁଷ୍ୟର ନିଜ ପ୍ରକୃତିର କ୍ଷେତ୍ରରେ । ମନୁଷ୍ୟର ବୁଦ୍ଧିର ଚରମ ବିକାଶ ଘଟିଛି, କିନ୍ତୁ ତାହାର ନିମ୍ନ, ସ୍ଥୂଳ, ଅସଂସ୍କୃତ, ଅପରିଚ୍ଛନ୍ନ, ଆସୁରିକ ପ୍ରକୃତି ଯେପରି ଆଦିମ ଯୁଗରେ ଥିଲା, ଆଜି ମଧ୍ୟ ସେହିପରି ରହିଛି । ତାହାର ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ ସବୁକିଛି ପୂର୍ବପରି ରହିଛି । ମୃତ୍ୟୁ, ଜରା, ରୋଗର ଆକ୍ରମଣରେ ସେ ଢଳି ପଡ଼ୁଛି । ପ୍ରକୃତିର ଦାସତ୍ୱରେ ସେହିପରି ସେ ପଡ଼ି ରହିଛି । ଏ କ୍ଷେତ୍ରରେ ଯେ ବିପ୍ଳବ ସମ୍ଭବ ଏବଂ ପରିବର୍ତ୍ତନ ବା ରୂପାନ୍ତର ସମ୍ଭବ – ଏକଥା ଏପର୍ଯ୍ୟନ୍ତ ବି ଦୃଢ଼ ଭାବେ ସ୍ୱୀକୃତି ଲାଭ କରି ନାହିଁ । ମନୁଷ୍ୟ ପ୍ରକୃତିର ରୂପାନ୍ତର, ମନୁଷ୍ୟ ମଧ୍ୟରେ ଦେବତାର ଆବିର୍ଭାବ, ତାହାର ନିମ୍ନ ସ୍ଥୂଳ ଆସୁରିକ ପ୍ରକୃତିର ଦିବ୍ୟ ଜ୍ୟୋତିଃରେ ଉଦ୍‌ଭାଷଣ – ଏହାହିଁ ହେବ ଆମ ଯୁଗର ବିପ୍ଳବର ନୂତନ ବହ୍ନି, ଯେଉଁ ବହ୍ନିର ପ୍ରଜ୍ୱଳିତ ଶିଖା ସମଗ୍ର ମାନବ-ଗୋଷ୍ଠୀର ଗତିଧାରାକୁ ପରିବର୍ତ୍ତନ କରି ପାରିବ ।

ଏହି ନୂତନ ବିପ୍ଳବର ରୂପରେଖ ଓ ଯୁବ-ସମାଜର ଭୂମିକା ସମ୍ବନ୍ଧରେ ଏଠାରେ ସାମାନ୍ୟ କେତୋଟି ବିଷୟରେ ସୂଚନା ଦେବା । ମନୁଷ୍ୟ ଆଜି ଗୁରୁତର ଏବଂ ଗଭୀରତର ସମସ୍ୟାର ସମ୍ମୁଖୀନ ହୋଇଛି । ସକଳ ପ୍ରକାର ବାହ୍ୟିକ, ସ୍ଥୂଳ ଓ ଭୌତିକ ପରିବର୍ତ୍ତନ ସତ୍ତ୍ୱେ ମନୁଷ୍ୟର ଭିତରଟା ରିକ୍ତ, ଶୂନ୍ୟ ଏବଂ ଶ୍ରୀହୀନ ହୋଇ ପଡ଼ିଛି । ପୂର୍ବରୁ ଯେତେବେଳେ ବିପ୍ଳବ ଘଟି ଯାଇଛି ତାହା ବାହାରେ ବାହାରେ ସାମାଜିକ ବା ରାଷ୍ଟ୍ରୀୟ ଜୀବନରେ କିଛି ସ୍ଥୂଳ ପରିବର୍ତ୍ତନ କରିଛି । ଗୋଟିଏ ଶାସନତନ୍ତ୍ର ପରିବର୍ତ୍ତେ ଆଉ ଗୋଟିଏ ଶାସନତନ୍ତ୍ରର ପ୍ରତିଷ୍ଠା ହୋଇଛି, ମାତ୍ର ମନୁଷ୍ୟର ମୂଳ ସମସ୍ୟାକୁ ସମାଧାନ କରିପାରି ନାହିଁ । ବର୍ତ୍ତମାନ ସକଳ ପ୍ରକାର ବିପ୍ଳବ ସଂଘଟିତ ହେବା ପରେ ଯେତେବେଳେ ମନୁଷ୍ୟ ସନ୍ତୁଷ୍ଟ ହୋଇ ପାରିଲା ନାହିଁ ସେତେବେଳେ ଦେଖା ଦେଲା ଏକ ସର୍ବବ୍ୟାପୀ ବିକ୍ଷୋଭ, ଅଶାନ୍ତି ଓ ବ୍ୟସ୍ତତା; ଯୁଦ୍ଧ-ବିଗ୍ରହ ଓ ପୃଥିବୀବ୍ୟାପୀ ଗଣ ଆନ୍ଦୋଳନ ଓ ଜାଗରଣ । ଏଥିରୁ ଜଣାଯାଏ ଯେ ବର୍ତ୍ତମାନ ପୃଥିବୀ ଏକ ନୂତନ ବିପ୍ଳବର ସମ୍ମୁଖୀନ ହୋଇଛି ।

ପ୍ରଥମତଃ, ଏହି ବିପ୍ଳବର ଅର୍ଥ ଚେତନାର ଭୂମିରେ ଏକ ବିପ୍ଳବ ସାଧନ କରିବା ଯାହା ଫଳରେ ବର୍ତ୍ତମାନ ଖଣ୍ଡିତ, ଦ୍ୱନ୍ଦ୍ୱମୂଳକ, କ୍ଷୁଦ୍ର ଓ ସୀମିତ ଚେତନାର ସ୍ଥଳରେ ଏକ ବ୍ୟାପକ ଓ ପୂର୍ଣ୍ଣ ଜ୍ୟୋତିର୍ମୟ ଚେତନାର ଉଦ୍ଭବ ହେବ ।

ଦ୍ୱିତୀୟତଃ, ଯେହେତୁ ଏହି ବିପ୍ଳବ ଚେତନାର ଭୂମିରେ ସଂଘଟିତ ହେବ, ସେଥିପାଇଁ ଏହା ଆତ୍ମିକ, ବାହ୍ୟିକ ନୁହେଁ; ସୂକ୍ଷ୍ମ, ସ୍ଥୂଳ ନୁହେଁ । ଅନ୍ୟାନ୍ୟ ବିପ୍ଳବ ତୁଲ୍ୟ ଏହା କୌଣସି ବାହ୍ୟ ବା ସ୍ଥୂଳ ପରିବର୍ତ୍ତନ ଦ୍ୱାରା ସାଧିତ ହୋଇ ପାରିବ ନାହିଁ । ଗୋଟାଏ ଶାସନକୁ ହଟାଇ ଅନ୍ୟ ଗୋଟାଏ ସରକାରକୁ ଗାଦିରେ ବସାଇବା ଏହି ବିପ୍ଳବର ଚିହ୍ନ ନୁହେଁ । ଏହି ପ୍ରକାର ବିପ୍ଳବ ଯେ ବର୍ତ୍ତମାନ ସମସ୍ୟାର ସମାଧାନ କରିବାରେ ଏକାନ୍ତ ଶକ୍ତିହୀନ – ଏଥିରେ ସନ୍ଦେହ ନାହିଁ ।

ତୃତୀୟତଃ, ଏହି ବିପ୍ଳବରେ ବ୍ୟକ୍ତିହିଁ ପ୍ରଥମ ପଦକ୍ଷେପ ନେବ ଏବଂ ନିଜ ମଧ୍ୟରେ ନିଜ ପ୍ରକୃତି, କର୍ମ ଓ ଜୀବନ ମଧ୍ୟରେ ସେହି ଅଗ୍ନି ଦ୍ୱାରା ନିଜକୁ ଉଝାଳି ଶୁଦ୍ଧ ଓ ନିର୍ମଳ କରିବ । ଯଦି କେତେକଙ୍କ ମଧ୍ୟରେ ଏହି ଅଗ୍ନି କ୍ରିୟାଶୀଳ ହୋଇ ପାରିଲା, ଅର୍ଥାତ୍ ଏହି ନୂତନ ବୈପ୍ଳବିକ ପରିଣାମ ଦେଖା ଦେଲା, ତେବେ ଏକ ନୂତନ ମାନବ-ଗୋଷ୍ଠୀର ପ୍ରାଥମିକ କ୍ରିୟା ଆରମ୍ଭ ହେଲା ବୋଲି କୁହାଯାଇପାରେ ।

ଚତୁର୍ଥତଃ, ଏହି ବିପ୍ଳବ ଫଳରେ ମନୁଷ୍ୟର ଜୀବନ, ଚିନ୍ତାଧାରା ଓ କର୍ମରେ ଏକ ବ୍ୟାପକ ପରିବର୍ତ୍ତନ ଦେଖା ଦେବ । ପ୍ରଥମ ପରିବର୍ତ୍ତନ ହେବ ବ୍ୟକ୍ତିତ୍ୱର କେନ୍ଦ୍ର ଭୂମିରେ । ବର୍ତ୍ତମାନ ବ୍ୟକ୍ତିତ୍ୱ ଅହଂ-କେନ୍ଦ୍ରିକ (Ego-centred), କିନ୍ତୁ ଯେତେବେଳେ ବ୍ୟକ୍ତିତ୍ୱ ଅହଂ-କେନ୍ଦ୍ରିକ ନ ହୋଇ ସତ୍ୟ-କେନ୍ଦ୍ରିକ (Truth-centred) ବା ଈଶ୍ୱର-କେନ୍ଦ୍ରିକ (God-centred) ହେବ ସେତେବେଳେ ବ୍ୟକ୍ତିତ୍ୱ ବ୍ୟାପକ ଓ ବିଶାଳ ହୋଇ ଉଠିବ କ୍ଷୁଦ୍ର କ୍ଷୁଦ୍ର କାମନାବାସନାକୁ ବାଦ୍ ଦେଇ – ନିମ୍ନତର ବୃତ୍ତିର ସନ୍ତୁଷ୍ଟି ନିମିତ୍ତ ବ୍ୟାକୁଳ ନ ହୋଇ ବୃହତ୍ତର ଶକ୍ତି ଓ ସାମର୍ଥ୍ୟ ଅର୍ଜନରେ ସହାୟକ ହେବ ।

ବିପ୍ଳବର ଏହି ନୂତନ ବହ୍ନି ହେଲା ଏକ ବିଶାଳ ଆଧ୍ୟାତ୍ମିକ ଆଲୋକ, ଶକ୍ତି ଓ ସାମର୍ଥ୍ୟ । ଏହି ଶକ୍ତି ଓ ଆଲୋକର ନାମ ଶ୍ରୀଅରବିନ୍ଦଙ୍କ ଭାଷାରେ ଅତିମାନସ ଶକ୍ତି (The Supramental Power) । ପୃଥିବୀପୃଷ୍ଠରେ ଅତିମାନସ ଶକ୍ତିର ଅବତରଣ ଓ କ୍ରିୟା ଫଳରେ ଆଜି ଯେଉଁ ବିପ୍ଳବ ଦେଖା ଦେଇଛି, ତାହା ପରିବର୍ତ୍ତେ ଅନିବାର୍ଯ୍ୟ ରୂପେ ଦେଖା ଦେବ

ଏକ ନୂତନ ସୃଷ୍ଟି, ନୂତନ ସମାଜ ଓ ନୂତନ ମାନବଜାତି । ବର୍ତ୍ତମାନ ପୃଥିବୀ ଏହିପରି ଏକ ବିପ୍ଳବର ସମ୍ମୁଖୀନ ହୋଇଛି । ଏଥିରେ ପୃଥିବୀର ଭାଗ୍ୟ ନିର୍ଦ୍ଧାରିତ ହୋଇଯିବ । ହୁଏତ ଏହା ଏହି ବିପ୍ଳବର ନୂତନ ଅଗ୍ନିରେ ଦଗ୍ଧ ହୋଇ ଶୁଦ୍ଧ ଓ ପବିତ୍ର ହୋଇ ଉତ୍ତୀର୍ଣ୍ଣ ହେବ, ନଚେତ୍ ଧ୍ୱଂସ ହୋଇଯିବ ।

❑❑❑

## ଆଶାର ନଙ୍ଗର

ବାଇଶି ତେଇଶି ବର୍ଷର ଯୁବକଟି ଗୋଟିଏ ସାକ୍ଷାତ୍କାରର ସାମନା କରୁଥାଏ । ଜାହାଜ କମ୍ପାନିର ଛୋଟିଆ ଚାକିରିଟିଏ ପାଇଁ ହେଉଥାଏ ସେହି ସାକ୍ଷାତ୍କାର । ଯେଉଁମାନେ ଯୁବକଟିକୁ ପ୍ରଶ୍ନ ପଚାରୁଥା'ନ୍ତି ସେମାନେ ଥାଆନ୍ତି ଅତ୍ୟନ୍ତ ପ୍ରବୀଣ ଏବଂ ବୟସ୍କ ।

ସାକ୍ଷାତ୍କାର ନେଉଥିବା ଜଣେ ଚୟନକର୍ତ୍ତା ଯୁବକଟିକୁ ପଚାରିଲେ, ''ଆଚ୍ଛା କହିଲ, ତୁମେ ଯାଉଥିବା ଜାହାଜଟି ହଠାତ୍ ମଝି ସମୁଦ୍ରରେ ଝଡ଼ ତୋଫାନର ସମ୍ମୁଖୀନ ହେଲା । ତୁମେ କ'ଣ କରିବ ?''

''ଗୋଟିଏ ନଙ୍ଗର ପକେଇ ଦେବି ।'' – ଯୁବକଟି ଉତ୍ତର ଦେଲା ।

ଚୟନକର୍ତ୍ତା ମୁରୁକି ହସିଲେ । ଅନ୍ୟମାନଙ୍କ ମୁହଁକୁ ଚାହିଁଲେ । ତା'ପରେ ସେଇ ପ୍ରଶ୍ନଟିକୁ ଆଉ ଥରେ ପଚାରିଲେ ଭିନ୍ନ ବାଗରେ – ''ଠିକ୍ ଅଛି । ଏଥର ପୂର୍ବ ଅପେକ୍ଷା ବଡ଼ ଆଉ ଗୋଟିଏ ଝଡ଼ ଆସୁଛି, ଯାହା ତୁମ ଜାହାଜକୁ ଉଡ଼େଇ ନେଇ କେଉଁଠି ପିଟି ଦେବ । ତୁମେ କ'ଣ କରିବ ?'' ଯୁବକଟି ପୂର୍ବ ପରି ସ୍ଥିର ଓ ଅବିଚଳିତ ଭଙ୍ଗୀରେ ଉତ୍ତର ଦେଲା, ''ଆଉ ଗୋଟିଏ ବଡ଼ ନଙ୍ଗର ପକେଇ ଦେବି ମହାଶୟ ।''

ଏଥର ଅନ୍ୟ ଜଣେ ଚୟନକର୍ତ୍ତାଙ୍କ ପାଳି । ମଜା ଦେଖିବା ପାଇଁ ସେ ପଚାରିଲେ, ''କିନ୍ତୁ ଏବେ ଆଉ ଗୋଟାଏ ବିରାଟ ଝଡ଼ ଆସିଲା । ଖୁବ୍ ବିରାଟ । ସେହି ଝଡ଼ ତୋଫାନରେ ଜାହାଜ ନିଶ୍ଚୟ ଉଡ଼ିଯିବ । କ'ଣ କରିବ ତୁମେ ?''

– ''ମୋ ପାଖରେ ଥିବା ସବୁଠୁ ବଡ଼ ନଙ୍ଗର ପକେଇ ଦେବି ମହାଶୟ ।''

ଯୁବକଟିର ଏ ପ୍ରକାର ଉତ୍ତରରେ ବିସ୍ମିତ ଚୟନକର୍ତ୍ତା ପଚାରିଲେ, ''କିନ୍ତୁ ତୁମେ ସେଇ ସମୁଦ୍ର ଭିତରେ ଏତେଗୁଡ଼ାଏ ନଙ୍ଗର କେଉଁଠାରୁ ଆଣିବ ?''

''ଯେଉଁଠୁ ଆପଣ ଏତେ ଗୁଡ଼ିଏ ଝଡ଼ ତୋଫାନ ଆଣୁଛନ୍ତି । ଆପଣ ଆପଣଙ୍କର କଳ୍ପନାରୁ ଝଡ଼ର ଆଶଙ୍କା ଆଣୁଛନ୍ତି, ମୁଁ ମୋ କଳ୍ପନାରୁ ନଙ୍ଗରର ଆଶା ଯୋଗାଡ଼ କରୁଛି ।'' – ଯୁବକଟି ଅବିଚଳିତ ସ୍ୱରରେ ଉତ୍ତର ଦେଲା ।

ଏ କଥାଟି ଗପ ହୋଇପାରେ, ସତ ମଧ୍ୟ ହୋଇପାରେ; ମାତ୍ର ଏହା ପଛରେ ଲୁକ୍କାୟିତ ଗୂଢ଼ ଦର୍ଶନକୁ ଆମେ କ'ଣ କେବେ ନିଜ ନିଜର ଜୀବନରେ କୌଣସି ଥର ଅନୁଭବ କରି ନାହାନ୍ତି ! ନିକଟରେ ଓଡ଼ିଶାର ଜଣେ ଭଦ୍ରଲୋକଙ୍କର ଝିଅ ଲଣ୍ଡନ ଯାଉଥିଲା । ଝିଅର ବୟସ କୋଡ଼ିଏ ବର୍ଷ, ପ୍ରଥମ ଥର ଏକାକିନୀ ଲଣ୍ଡନ ଯାଉଥାଏ । ଏୟାରପୋର୍ଟରେ ତା'ର ଜିନିଷପତ୍ର ସବୁ ଚୋରି ହୋଇଗଲା । ଘରଠାରୁ ହଜାର ହଜାର ମାଇଲ ଦୂରରେ ସେ କ'ଣ ବା କରିପାରନ୍ତା ? ପାଖରେ ବାପା, ମାଆ କି କୌଣସି ସମ୍ପର୍କୀୟ ନାହାନ୍ତି । ଭାଙ୍ଗିପଡ଼ିଲା ଝିଅଟି । ଆଶ୍ଚର୍ଯ୍ୟଜନକ ଭାବରେ ଜଣେ କଳା ଲୋକ ତା' ପାଖକୁ ଆସି ତା'ର ସମସ୍ୟା ପଚାରିଲେ ଓ ତା'କୁ ସାହାଯ୍ୟ କଲେ । ଝିଅର ବାପା ଏ କଥାଟି ଜାଣିବା ପରେ ନିଜ ଆଖିର ଲୁହକୁ ଅଟକେଇ ପାରିଲେ ନାହିଁ ।

ଯେଉଁଠି ଆଶଙ୍କା ଅଛି, ସେଇଠି ଆଶା ଅଛି । ଯେଉଁଠି ଅଛି ସଞ୍ଜଦୀପକୁ ଲିଭେଇ ଦେବାକୁ ସମର୍ଥ ପବନ, ସେଇଠି ରହିଛି ଦୀପଶିଖାକୁ ଘୋଡ଼େଇ ରଖିବାର ପଣତକାନି । ଯେଉଁଠି ଲୁହ ଅଛି, ସେଇ ଆଖି ପାଖରେ ନିଶ୍ଚୟ ଆଲିଙ୍ଗନଟିଏ ଅପେକ୍ଷା କରି ରହିଛି ।

(ଉତ୍ସ : କଥାଟିଏ, ପୃଷ୍ଠା : ୨୯-୩୧, ସୃଜନ : ଗୌରହରି ଦାସ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୭)

**ମହେନ୍ଦ୍ରନାଥ ସ୍ୱାଇଁ**

**ବିନମ୍ର ପ୍ରଣାମୀ :**

ଫେବ୍ରୁଆରୀ ୭, ୧୯୧୪ ମସିହାର ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଉଲ୍ଲେଖ କରିଛନ୍ତି – ସଂପୂର୍ଣ୍ଣ ରୂପେ ପରମ ପ୍ରଭୁଙ୍କ ସହିତ ଏକାକାର ହୋଇ ଯାଇଥିବା, ମିଳିତ ହୋଇ ଯାଇଥିବା ଏକ ସାଧକ ଭକ୍ତଟିର ଅନୁଭୂତିଟିକୁ । ଏହି ପ୍ରକାର ଭକ୍ତଟିଏ ଏହି ଜଗତରେ ଯେତେସବୁ ଜିନିଷ, ଉପାଦାନ, ଜୀବସତ୍ତା ତଥା ପରିସ୍ଥିତି ଭିତରେ ଓ ସମୟର ପ୍ରଭାବକୁ ହିସାବକୁ ନେଇ ପରମପ୍ରଭୁ କିପରି ଅନବରତ ନିଜକୁ ପ୍ରକାଶିତ କରି ଚାଲିଛନ୍ତି ତାହା ଅତି ନିକଟରୁ ଦେଖୁଥାଏ, ଦର୍ଶନ କରି ଆନନ୍ଦ ସାଗରରେ ବୁଡ଼ ମାରୁଥାଏ; ଏବଂ ଏହିସବୁ ଅନୁଭୂତିମାନଙ୍କୁ ପ୍ରାପ୍ତ ହେବା ପାଇଁ କୌଣସି ବାହ୍ୟ ନୀତି-ନିୟମ-କାନୁନର ଆବଶ୍ୟକତା ନାହିଁ ବୋଲି ସେ ଭଲ ଭାବରେ ବୁଝି ସାରିଥାଏ । ଆଲୋଚ୍ୟ ପ୍ରାର୍ଥନାଟିରେ ଶ୍ରୀମା ଲେଖନ୍ତି –

"FOR him who, by being integrally united with Thee, is constantly conscious of what expresses Thee most perfectly in action considering the circumstances, no external rule is any longer necessary. The principles of life are in sum only makeshifts for diminishing as far as possible the ignorance of those who do not know Thee yet, and for counteracting somehow or other the moments of blindness and obscurity of those who have only an intermittent contact with Thee."

ଅର୍ଥାତ୍ ''ତାଙ୍କରି ପାଇଁ, ଯିଏ ତୁମ ସହିତ ସମ୍ପୂର୍ଣ୍ଣ ରୂପେ ଏକୀଭୂତ ହୋଇଯିବା ଦ୍ୱାରା, ନିରବଚ୍ଛିନ୍ନ ଭାବରେ ଯାହାସବୁ ତୁମକୁ ପ୍ରକାଶିତ କରୁଥାଏ ଅତ୍ୟଧିକ ପୂର୍ଣ୍ଣତା ମଧ୍ୟରେ, ନିଖୁଣ ଭାବରେ, ସକଳ କାର୍ଯ୍ୟରେ ପରିବେଶ ଓ ପରିସ୍ଥିତିକୁ ବିଚାର କରି ଯିଏ ଏହିସବୁ ବିଷୟରେ ସଚେତନ ଥାଏ; ତା' ପାଇଁ କୌଣସି ବାହ୍ୟ ନୀତିନିୟମର ଆବଶ୍ୟକତା ଆଉ ନଥାଏ । ଜୀବନଯାତ୍ରାର ବିଧିଗୁଡ଼ିକ ମୋଟ ଉପରେ କାର୍ଯ୍ୟୋଦ୍ଧାରର ଉପାୟ ମାତ୍ର; କାରଣ ତାହା ଫଳରେ ଯେତେଦୂର ସମ୍ଭବ ତୁମକୁ ଏପର୍ଯ୍ୟନ୍ତ ଜାଣି ନଥିବା ଲୋକମାନଙ୍କର ଅଜ୍ଞାନତାକୁ କମ୍ କରାଯାଇପାରେ ଏବଂ ଯେଉଁମାନଙ୍କର ତୁମ ସହିତ କେବଳ ମାତ୍ର ଏକ "intermittent" ବା ଅସ୍ଥାୟୀ ସମ୍ପର୍କ ରହିଛି ସେମାନଙ୍କ ଭିତରେ ସ୍ଥିତ ଅଜ୍ଞାନ, ଅନ୍ଧକାର ଏବଂ ଗ୍ରହଣଶୀଳତାର ଅଭାବକୁ ଯେକୌଣସି ଉପାୟରେ ଶୋଧନ କରିବା ।''

ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଶ୍ରୀମା ଲେଖୁଛନ୍ତି –

"To make rules for oneself and to make them as general, that is, as supple as possible, is good, but provided one considers them only as artificial lights which should not be used except when the full natural light of communion with Thee fails. Besides, a constant revision of these rules is imperative, for they can be only the expression of a present knowledge and must necessarily gain by all growth and improvement of knowledge."

ଅର୍ଥାତ୍, ''ନିଜ ପାଇଁ ନିୟମଟିଏ ଗଢ଼ିବା ଏବଂ ତାକୁ ସର୍ବସାଧାରଣ କରିଦେବା, ତାହା ଯେତେଦୂର ସମ୍ଭବ ନମନୀୟ ହେବା ଉଚିତ – ଏହା ଖୁବ୍ ଭଲ କଥା, କିନ୍ତୁ ବ୍ୟକ୍ତି ଅନ୍ୟାନ୍ୟ କଥା ସହିତ ଏଗୁଡ଼ିକୁ ଏକ କୃତ୍ରିମ ଆଲୋକ ବୋଲି ଧରି ନେବ ଏବଂ ସେଗୁଡ଼ିକୁ ବ୍ୟବହାର କରିବ ସେତିକି ବେଳେ ଯେତେବେଳେ ସମ୍ପୂର୍ଣ୍ଣ ପ୍ରାକୃତିକ ଆଲୋକ ସହିତ ଯାହା ତୁମ ସହ ସଂଯୋଗ ସ୍ଥାପନ କରିବାରେ ସକ୍ଷମ ହୋଇପାରେ ନାହିଁ । ସେଥିପାଇଁ ଏହି ନିୟମ ସକଳର ପୁନଃ ସମୀକ୍ଷା ହେବା ଅପରିହାର୍ଯ୍ୟ, କାରଣ ସେଗୁଡ଼ିକ କେବଳ ବର୍ତ୍ତମାନ ସର୍ବସ୍ୱ ଜ୍ଞାନକୁ ପ୍ରକାଶ କରିପାରେ ଏବଂ ନିଶ୍ଚିତ ଭାବରେ ଆବଶ୍ୟକୀୟ

ଫଳ ପ୍ରାପ୍ତ ହୋଇପାରେ – ସେହି ଜ୍ଞାନକୁ ବୃଦ୍ଧି କରି ଏବଂ ସେଥିରେ ଅଧିକ ଉନ୍ନତି କରିପାରେ ।’’

“That is why when meditating upon the attitude one should have towards all those who come to us, in order not only to refrain from doing them any harm but, above all, to strive to do them the utmost possible good – that is, to help them as best one can in making the supreme discovery, the discovery of Thee within them – I saw clearly that no rule was vast and supple enough to be perfectly adapted to Thy law, and that the only true solution was to be always in communion with Thee, so that it could be adapted perfectly to all the infinite variety of circumstances.”

ଅର୍ଥାତ୍, ‘‘ସେହି କାରଣରୁ ଆମ ପାଖକୁ ଆସୁଥିବା ବ୍ୟକ୍ତିମାନଙ୍କ ପ୍ରତି ଆମର ମନୋଭାବ କିପରି ରହିବା ଉଚିତ ସେହି ବିଷୟ ଉପରେ ଧ୍ୟାନସ୍ଥ ହେଲାବେଳେ, କେବଳ ସେମାନଙ୍କ ପ୍ରତି କୌଣସି ପ୍ରକାର କ୍ଷତି କରିବା ମନୋଭାବରୁ ବିରତ ରହିବା ପାଇଁ, ସର୍ବୋପରି ସେମାନଙ୍କର ଯେପରି ସର୍ବୋତ୍ତମ ସମ୍ଭାବ୍ୟ ମଙ୍ଗଳ ହୋଇପାରିବ ସେଥି ନିମନ୍ତେ ପ୍ରଚେଷ୍ଟା କରିବାକୁ ହେବ – ତାହାହେଲା, ଆମେ ଆମର ସର୍ବୋତ୍ତମ ଶକ୍ତି ବିନିଯୋଗ କରି ସେମାନଙ୍କୁ ସାହାଯ୍ୟ କରିବା, ଫଳରେ ସେମାନେ ସର୍ବୋତ୍ତମଙ୍କୁ ଆବିଷ୍କାର କରିପାରିବେ, ତାହା ହେଉଛି ସେମାନେ ନିଜ ଭିତରେ ତୁମକୁ ଆବିଷ୍କାର କରିପାରିବେ – ମୁଁ ପରିଷ୍କାର ଭାବରେ ଦେଖି ପାରୁଛି ଯେ କୌଣସି ନିୟମ ଯଥେଷ୍ଟ ପରିମାଣରେ ବିଶାଳ ଏବଂ ନମନୀୟ ନୁହଁନ୍ତି । ଏବଂ ଏକମାତ୍ର ଯଥାର୍ଥ ଉପାୟ ହେଲା ସର୍ବଦା ତୁମ ସହ ସଂଯୁକ୍ତ ରହିବା, ଯାହା ଫଳରେ ଏ ବିଷୟରେ ଯାହାବି ସମାଧାନ ଆସୁନା କାହିଁକି, ଅବସ୍ଥାର ଅସୀମ ବୈଚିତ୍ର୍ୟ ସଙ୍ଗେ ତାହା ପୂର୍ଣ୍ଣ ସଙ୍ଗତି ରଖି ପାରିବ ।’’

ଉକ୍ତ ପ୍ରାର୍ଥନାରେ ମା’ ଯେଉଁ ନୀତିନିୟମ କଥା ଉଲ୍ଲେଖ କରିଛନ୍ତି ସେଗୁଡ଼ିକ କେବଳ ଆଧ୍ୟାତ୍ମିକ ପଥରେ ପାଦ ଦେବାର ପ୍ରାରମ୍ଭରେ ଆବଶ୍ୟକ ହୋଇଥାଏ – ସେ ଯେଉଁ ଆଧ୍ୟାତ୍ମିକ ପଥର କଥା କହୁଛନ୍ତି ତାହା କେବଳ ଅଭୀପ୍ସୁ ସାଧକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଯେତେବେଳେ ସାଧକ ଆଧ୍ୟାତ୍ମିକ ପଥରେ ଚାଲିବାକୁ ଆରମ୍ଭ କରିଦିଏ ଏହି ନିୟମକାନୁନ ଆଉ କାମ କରେ ନାହିଁ, ଅଚଳ ହୋଇଯାଏ ଅଥବା ପ୍ରତିବନ୍ଧକ ହୋଇ ବାଟ ଓଗାଳେ । ଚେତନା କ୍ଷେତ୍ରରେ ପ୍ରତ୍ୟେକ ଅଗ୍ରଗାମୀ ପଦକ୍ଷେପ, ପଛରେ ଛାଡ଼ି ଆସିଥିବା ନୀତିନିୟମକୁ ଅକାମୀ କରିଦିଏ, ଯଦି ଆମେ ସେହି ଅଚଳ, ଅନାବଶ୍ୟକ (otiose) ନିୟମମାନଙ୍କୁ ସାଥିରେ ଧରି ଚାଲିବାକୁ ଆରମ୍ଭ କରୁ ତେବେ ତାହା କ୍ଷତିକାରକ ମଧ୍ୟ ହୋଇପାରେ ।

ପ୍ରାଚ୍ୟ ତଥା ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ପ୍ରକାର ଦୃଢ଼ ତଥା କଠିନ ନିୟମ ପ୍ରଚଳନ କରି ଧର୍ମ ସଂସ୍ଥାମାନେ ସେମାନଙ୍କର ସଂଘ, ସଂସ୍ଥା, ଗୋଷ୍ଠୀ ମଧ୍ୟରେ ଐକ୍ୟ ତଥା ଶୃଙ୍ଖଳା ସ୍ଥାପନ କରିବା ନିମନ୍ତେ ପ୍ରଚେଷ୍ଟା କରି ଆସୁଛନ୍ତି । କିନ୍ତୁ ଦେଖା ଯାଉଛି ଯେ ଏତାଦୃଶ ଶୃଙ୍ଖଳାଗତ ନିୟମ ଆଉ କାମ କରୁ ନାହିଁ; ସେଥିପାଇଁ ଧାର୍ମିକ ଧାରା କ୍ରମଶଃ ଅବକ୍ଷୟମୁଖୀ ହେବାରେ ଲାଗିଛି, ଏବଂ ସେହି ବ୍ୟବସ୍ଥା ବିଶ୍ୱ ଚେତନାରେ କୌଣସି ଫଳପ୍ରଦ ଏବଂ ସ୍ଥାୟୀ ପ୍ରଭାବ ପକାଇବାରେ ସକ୍ଷମ ହେଉ ନାହିଁ । ସେଥିପାଇଁ ଯଦି କୌଣସି ଆଧ୍ୟାତ୍ମିକ ସଂସ୍ଥା, ସଂଘ ବା ଅନୁଷ୍ଠାନ ନିମନ୍ତେ କୌଣସି ନୀତିନିୟମର ଆବଶ୍ୟକତା ହୁଏ, ତାହାହେଲେ ନିୟମ ଗଠନର ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟର ଚେତନାଗତ ଭୂମିକୁ ବିଚାରକୁ ନେଲେ ଖୁବ୍ ଭଲ ହେବ ।

ଦ୍ୱିତୀୟତଃ ସାଧନା ପଥରେ ଚାଲୁଥିବା ବେଳେ ଆନ୍ତର ସତ୍ତାର ଅଭିବୃଦ୍ଧି ହେଉଥାଏ, ସେହି ବର୍ଦ୍ଧନଶୀଳ ସତ୍ତା ନିମନ୍ତେ ପଛରେ ପଡ଼ି ଯାଇଥିବା ନିୟମର ଆଉ ଆବଶ୍ୟକତା ନଥାଏ । ଏହି କଥାଟିକୁ ବିଚାରକୁ ନେଲେ ସମସ୍ତ ଅଭୀପ୍ସୁ, ବର୍ଦ୍ଧନଶୀଳ ଆତ୍ମ-ସତ୍ତାମାନଙ୍କର ଅଭିବୃଦ୍ଧି ସାଧିତ ହୋଇଥାଏ । ସେଥିପାଇଁ ପରମ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା ତାଙ୍କ ଆଶ୍ରମରେ କୌଣସି ପ୍ରକାର କଠିନ ବିଧାନ, ନୀତି ବା ନିୟମର ବ୍ୟବସ୍ଥା କରି ନାହାନ୍ତି । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା କିପରି ପ୍ରେମର ସହିତ ଦିଆ ଯାଉଥିବା ନୈବେଦ୍ୟକୁ ସାଦରେ ଗ୍ରହଣ କରନ୍ତି ସେହି ବିଷୟରେ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

‘‘ଶ୍ରୀମାଙ୍କ ଦର୍ଶନ ଉପଲକ୍ଷେ କେତେକ ଭକ୍ତ କଲିକତା ସହରରୁ ପଣ୍ଡିଚେରୀ ଆସୁଥା’ନ୍ତି । ସେମାନେ ପଣ୍ଡିଚେରୀରେ ପହଞ୍ଚି ଆଶ୍ରମ ପରିଦର୍ଶନ କରିବାକୁ ବିଶେଷ ଆଗ୍ରହୀ ।

କଲିକତାରୁ ମାଡ୍ରାସ (ଚେନ୍ନାଇ) ସେତେବେଳେ ତିନି ଦିନର ରେଳଯାତ୍ରା । ସେଥିପାଇଁ ସେମାନେ ଶ୍ରୀମା, ଶ୍ରୀଅରବିନ୍ଦ ଆଶ୍ରମ, ଡାଇନିଂରୁମ୍, ସମୁଦ୍ରକୂଳ ରାସ୍ତା, ପ୍ଲେ-ଗ୍ରାଉଣ୍ଡ ମେଡ଼ିଟେସନ ହଲ୍ ଇତ୍ୟାଦି ବିଷୟରେ କଥାବାର୍ତ୍ତା ହୋଇ ଆନନ୍ଦିତ ହେଉଥା'ନ୍ତି ଏବଂ ହସଖୁସିରେ ସମୟ କଟାଉଥା'ନ୍ତି । ସେହି ରେଳ ଡବାରେ ଜନୈକ ଗରିବ ଗ୍ରାମବାସୀ ତଳେ ବସି ସବୁକଥା ଶୁଣୁଥା'ନ୍ତି । ତାଙ୍କୁ ଚିହ୍ନିବ ବା କିଏ ?

ଏହିପରି ଭାବରେ ଦୁଇ ଦିନ କଟିଗଲା । ତୃତୀୟ ଦିନ ସେହି ଗ୍ରାମବାସୀ ଜଣକ ସାହସ ବାନ୍ଧି ହାତଯୋଡ଼ି ବିନମ୍ର ଭାବରେ କହିଲା, ''ମହାଶୟ, ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ବିଷୟରେ ମୁଁ ବହୁତ କଥା ଆପଣମାନଙ୍କ ଠାରୁ ଶୁଣିଲି । ବର୍ତ୍ତମାନ ମୋ ଭିତରଟା ହାଲୁକା ହୋଇଯାଇଛି ଏବଂ ମୋତେ ଖୁବ୍ ଆନନ୍ଦ ଲାଗୁଛି । ମୁଁ ଦରିଦ୍ର ଲୋକଟିଏ । ମୋ ପାଖରେ ଏହି ଗୋଟିଏ ମାତ୍ର ଟଙ୍କା ଅଛି । ଏହାହିଁ ମୋର ବଳକା ସଞ୍ଚୟ । ଆପଣମାନେ ଦୟାପରବଶ ହୋଇ ମୋର ଏହି ଗୋଟିଏ ଟଙ୍କା ଦିବ୍ୟଜନନୀ ଶ୍ରୀମାଙ୍କ ପାଦପଦ୍ମରେ ମୋ ତରଫରୁ ବିନମ୍ର ପ୍ରଣାମୀ ନୈବେଦ୍ୟ ସ୍ୱରୂପ ଅର୍ପଣ କରି ଦେବାକୁ ଅନୁରୋଧ ।'' ବ୍ୟକ୍ତିଟିର କଥା ଶ୍ରବଣ କରି ଭକ୍ତମାନେ ଭାବ ବିହ୍ୱଳ ହୋଇ ପଡ଼ିଲେ ଏବଂ ସେହି ଟଙ୍କାଟିକୁ ମୂଲ୍ୟବାନ୍ ସମ୍ପତ୍ତି ପରି ଆଦରରେ ଗ୍ରହଣ କରି ଯତ୍ନ ସହକାରେ ରଖିଲେ ଏବଂ ଲୋକଟିକୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଲେ, ''ତୁମର ପ୍ରଣାମୀ ମା'ଙ୍କ ପାଖରେ ନିଶ୍ଚୟ ପହଞ୍ଚି ଯିବ ।'' ପରବର୍ତ୍ତୀ ଷ୍ଟେସନରେ ବ୍ୟକ୍ତି ଜଣକ ଓହ୍ଲାଇ ଚାଲିଗଲେ ।

ଆଶ୍ରମରେ ପହଞ୍ଚି ଶ୍ରୀମା'ଙ୍କ ଦର୍ଶନ ସମୟରେ ଭକ୍ତମାନେ ମା'ଙ୍କ ପାଦପଦ୍ମରେ ସେହି ଟଙ୍କାଟିକୁ ରଖି ସମସ୍ତ ବିଷୟ ବର୍ଣ୍ଣନା କଲେ । ଦିବ୍ୟଜନନୀ ଟଙ୍କାଟିକୁ ହାତରେ ଧରିଲେ, ଏପଟ ସେପଟ କରି ଦେଖିଲେ, ହାତରେ ତା'ର ଓଜନ ପରୀକ୍ଷା କରିବାକୁ ଲାଗିଲେ ଏବଂ କହିଲେ, ''ତୁମେ ଜାଣ, ଭଗବାନଙ୍କୁ ମଧ୍ୟ କଷ୍ଟ ହୁଏ ସେହି ଲୋକଟିର ଋଣ ପରିଶୋଧ କରିବା ପାଇଁ ।''

(ସୁଧାସମାଚାର ପୁସ୍ତକର ପୃଷ୍ଠା ୪୮-୪୯ରୁ ଗୃହୀତ ।)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari


# କହିବି କେମିତି କୁହ ?

## ଶରତ କୁମାରୀ ସ୍ୱାଇଁ

କହିବି କେମିତି କୁହ ?
ବୁଝିଲନି ବୋଲି ମୋ ଦୁଃଖ ଦରଦ
ପୋଛିଲନି ଆଖି ଲୁହ ? (୦)

ସୁଗଭୀର ତୀବ୍ର କାଳସିନ୍ଧୁ କୋଳେ
ଶୀର୍ଣ୍ଣ ଜୀବନ ନଉକା ମୋ ଚଳେ
ନିରାଶା ଅନ୍ଧାରେ ଡାକିଲେ ଆତୁରେ
ଝରାଅ ଆଲୋକ ସୁଅ ।
କାହିଁକି କେମିତି କୁହ ? (୧)

ଅଜଣା ଆତଙ୍କେ ଆତଙ୍କିତ ପ୍ରାଣ
ବ୍ୟାକୁଳ-ବିଳାପେ ଲିପ୍ତ ପ୍ରତିକ୍ଷଣ
କରୁଣାବଶରେ ଚଲାପଥ ମୋର
କରିଛ ହେ ମଧୁମୟ !
କହିବି କେମିତି କୁହ ? (୨)



ଜୀବନଘାତିନୀ ମରୀଚିକା ଧାରେ
କାମନା-ବୀଭତ୍ସ ଚିନ୍ତା-ଚେତନାରେ
ସ୍ମିତହାସ୍ୟ ତବ ସକଳ ସାମର୍ଥ୍ୟ
ଭରିଛ 'ପରମ ପ୍ରିୟ' !
କହିବି କେମିତି କୁହ ? (୩)

❑❑❑

ସିନ୍ଧୁରୁ ବିନ୍ଦୁଏ :

# ନିର୍ବାଚନ

## ସନ୍ତୋଷ ରଥ

"The choice is there at every minute; every minute you are faced with a choice: the choice to climb up or go down, the choice to progress or go backwards. But this choice does not imply that you prefer things to be like this or like that; it is a fact of every moment, an *attitude* you take."

(CWM, Vol. 8, p. 407) – The Mother

''ବାଛିବା ତ ପ୍ରତି ମୁହୂର୍ତ୍ତରେ ଲାଗି ରହିଛି; ତୁମ ସମ୍ମୁଖରେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ବାଛିବାକୁ ରହିଛି : ଆରୋହଣ ଓ ଅବରୋହଣ ଭିତରେ, ଅଗ୍ରଗତି କିମ୍ବା ପଶ୍ଚାଦ୍ ଗତି ମଧ୍ୟରେ । ମାତ୍ର ଏହି ନିର୍ବାଚନ କଦାପି ଏକଥାକୁ ବୁଝାଇବ ନାହିଁ ଯେ କଥାଟି ଏପରି ହେଉ ଅଥବା ସେପରି ହେଉ ବୋଲି ତୁମର ଗୋଟିଏ ଅଗ୍ରରୁଚି ରହିବ; ନିର୍ବାଚନ କରିବା ହେଉଛି ପ୍ରତ୍ୟେକ ମୁହୂର୍ତ୍ତର ଏକ ବାସ୍ତବ ସତ୍ୟ, ଯାହା ତୁମ ଦୃଷ୍ଟିକୋଣ ଉପରେ ନିର୍ଭର କରେ ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ନିର୍ବାଚନ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

କେତେ ଅଙ୍କା ବଙ୍କା ଦିଶେ ଫିକା ଫିକା
ଅବାଟ ରହିଛି ଘେରି
କୁଆଶା ଅନ୍ଧାର ମରୀଚିକା ଘେର
ଦୂରୁ ଡାକେ ହାତ ଠାରି । (୧)

ଝଙ୍କା ବରଗଛ ହୋଇଯାଏ ପଛ
ଥୁଣ୍ଟା କଣ୍ଟା ବାଲିବନ୍ତ
ହଜାଇ ସାହାରା ଲାଗଇ ନୁଖୁରା
ଖୋଜି ହୁଏ ହନ୍ତସନ୍ତ । (୨)

ବାଟର ଦୋଛକି ରହିଛି ଅଟକି
ବାଟୋଇକି କରି ନିଘା
ଚାଲିବାକୁ ହେବ ବାକି ଯାହା ଥିବ
କାଳ ଧରି ଅଛି ପଘା । (୩)

ପ୍ରତିଟି ମୁହୂର୍ତ୍ତ ଦୋଛକିର ସର୍ତ୍ତ
ନିକିତି ତଉଲ ଫଳ
ବାଛିବାକୁ ହେବ ପଶ୍ଚିମ କି ପୂର୍ବ
ସ୍ୱର୍ଗ ଅବା ରସାତଳ । (୪)

କେବେ ଅନୁମାନ ଖେଳେ ଛକି ଶୂନ
ପରିଣାମ ହୁଏ ଭିନ୍ନ
ଶୁଝିବାକୁ ବାକି ନ ଯିବ ଅଟକି
ବରି ନେବ ସଂଶୋଧନ । (୫)

ମେଲିଛି ବିପଣୀ ରଙ୍ଗ ରସ ଠାଣି
ଜୀବନଟା ନିର୍ବାଚନ
ପ୍ରକୃତି ସକଳ ହୋଇଗଲେ ମେଳ
ହଟିଯିବ ପ୍ରଶ୍ନ ଚିହ୍ନ । (୬)

ହେଲେ ବଟୀଘର ନିଜେ ହିଁ ନିଜର
ଅଗ୍ରରୁଚି ହେବ ପର
ଘାଟର ଅଝଟ ଅଯଥା ଉଚ୍ଚାଟ
ଉଚ୍ଛୁର ହୋଇବ ଦୂର । (୭) ❑

# ଦ୍ୱୀପାନ୍ତରର କଥା

## (ପଞ୍ଚମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ (୧)

ଆମେ ଦଶଜଣ ପ୍ରାୟ ଛଅମାସ କାଳ ପାଞ୍ଚ ନମ୍ବରରେ ଏକତ୍ର ରହୁଥିଲୁ ! ସାତଦିନ ସଙ୍ଗରୋଧ (quarantine)ରେ ଅଟକ ରହିବା ପରେ ଆମ ସହ ଏକ ଦଳ ମାନ୍ଦ୍ରାଜୀଙ୍କୁ ଆଣି ଏଠାରେ ବନ୍ଦ କରା ହେଲା । ଏମାନେ ଛଅ ମାସ ଜେଲରେ ବନ୍ଦ ଥିଲେ; ଏମାନେ ମଧ୍ୟ ଅନ୍ୟତ୍ର ଯିବା ଆସିବା କରି ନ ପାରି ଆମମାନଙ୍କ ସଙ୍ଗେ ପାଞ୍ଚ ନମ୍ବରରେ ରହି ଦଉଡ଼ି ତିଆରି କରୁଥିଲେ ! ସେମାନଙ୍କ ମଧ୍ୟରେ ନାଗାସ୍ୱା ଓ ଚିନ୍ନାସ୍ୱା ଆମର ବିଶେଷ ବନ୍ଧୁ ଥିଲେ; ନାଗାସ୍ୱା ଥିଲା ଜାତି ଏବଂ ପେଶାରେ ନାପିତ; ଚିନ୍ନାପା ଏଇ ମାନ୍ଦ୍ରାଜୀ ଦଳରେ ବୟସରେ କନିଷ୍ଠ ଏବଂ ସତ୍-ସ୍ୱଭାବର ପିଲା ଥିଲା । ତାକୁ ଆମେ ସମସ୍ତେ ଖୁବ୍ ଭଲ ପାଉଥିଲୁ । ସେମାନେ ସମସ୍ତେ ମିଶି ଆମର ଦଉଡ଼ି ବଳିବାର ଦୁଃସାଧ୍ୟ ସାଧନକୁ ସହଜ କରି ଦେଉଥିଲେ । ଚିନ୍ନାସ୍ୱା ବର୍ତ୍ତମାନ ଟିକଟ ପାଇ ସ୍ୱାଧୀନ ଓ ଉପାର୍ଜନକ୍ଷମ (Self supporter) ହୋଇଛି – ସେଲ୍ୟୁଲାର୍ ଜେଲର ଦେଶୀ ଡାକ୍ତର (Hospital assistant)ଙ୍କ ଘରେ ଚାକିରି କରେ । ନାଗାସ୍ୱା ଆଉ ଇହ ଜଗତରେ ନାହିଁ ।

ଏହି ମାନ୍ଦ୍ରାଜୀ ଦଳ ଜେଲରୁ ମୁକ୍ତି ପାଇ ବାହାରେ ସେଟ୍‌ଲ୍‌ମେଣ୍ଟ୍‌କୁ ଯାଉ ନଯାଉଣୁ ଆଉ ଏକ ଦଳ ୧୨୧ ଦଫାର ବର୍ମା ଚାଲାଣ ପାଞ୍ଚ ନମ୍ବରରେ ଆସି ପହଞ୍ଚିଲେ । ୧୨୧ ଦଫାର ଅପରାଧ ହେଉଛି ରାଜଦ୍ରୋହ । ବର୍ମାମାନଙ୍କର ମୌଲବୀ ବା ପୁରୋହିତର ନାମ ଫୁଙ୍ଗୀ; ବ୍ରହ୍ମ ଦେଶରେ ଏଇ ଫୁଙ୍ଗୀମାନେ ପ୍ରାୟତଃ ଗୋଟିଏ ଗୋଟିଏ ମିଥ୍ୟା ରାଜା (ଥିବୋ) ଛିଡ଼ା କରାଇ ଲୋକମାନଙ୍କୁ ଉତ୍ତେଜିତ କରି ପୋଲିସ ଥାନା ଉପରେ ଆକ୍ରମଣ କରାନ୍ତି । ଏଇ ବର୍ମା ଦଳକୁ ବି ଆମର ଅସୂର୍ଯ୍ୟମ୍‌ପଶ୍ୟା ସଙ୍ଗୀ କରାଇ ପାଞ୍ଚ ନମ୍ବରରେ 'ନ ଯଯୌ ନ ତସ୍ଥୌ' ଦଶାରେ ରଖାଗଲା । ଆମ କପାଳରେ ପ୍ରଥମ କରି ଚମଡ଼ାରେ ଚିତ୍ର କରାଯାଇଥିବା (ଚିତା କୁଟାଇଥିବା) ଏଇ ବର୍ମା ଅଧିବାସୀମାନଙ୍କର ଦର୍ଶନ ହୋଇଥିଲା । ସେମାନଙ୍କ ଭିତରୁ ଜଣେ ଦୁଇ ଜଣ ହିନ୍ଦୀ ଜାଣିଥିଲେ; କିନ୍ତୁ ଦଉଡ଼ି ବଳିବାରେ ଆମେ ଗୁରୁ, ଏମାନେ ଚେଲା । ଏମାନଙ୍କ ଭିତରୁ ଅନେକେ ନଡ଼ିଆ କତାର ଛିଲ୍‌କା କୁଟୁଥିଲେ । ଆମେ ଏଇ ଦଉଡ଼ି ଓ ଛିଲ୍‌କା ଶାସ୍ତ୍ରରେ ଅଜ୍ଞ ଅନାଡ଼ି ଦଳକୁ ପାଇ, ସେମାନଙ୍କୁ ଧମକଚମକ ଦେଇ ଏକ ପ୍ରକାର ସର୍ଦାରଗିରିର ବ୍ରହ୍ମାନନ୍ଦ ସମ୍ଭୋଗ କରି ନେଲୁ । ଅନନ୍ୟୋପାୟ ଭାବରେ ସହଜରେ କୃତଜ୍ଞ ହୋଇ ସେମାନେ ବି ଆମର ପରମ ଭକ୍ତ ହୋଇଗଲେ । ମାନ୍ଦ୍ରାଜୀମାନଙ୍କର 'ଆଇୟା ସ୍ୱାମୀ', 'ଇଙ୍ଗେ ୱା', 'ରେଣ୍ଡୁ ରେଣ୍ଡୁ ପୋ' ପ୍ରଭୃତି ଶ୍ରୁତିମଧୁର କଡ଼ ମଡ଼ ଶବ୍ଦ ଶୁଣିବାରେ ଏକ ପ୍ରକାର ଅଭ୍ୟାସ ହୋଇ ଯାଇଥିଲା; ବର୍ତ୍ତମାନ ପୁଣି ବର୍ମାମାନଙ୍କର ଏଇ ଅଭିନବ ଅନୁନାସିକ ଭାଷାରେ ଆମେ ଅବାକ୍ । ଦୁଇ ଚାରିଟା ଶବ୍ଦ ଯାହା ନ ହେଲେ ଚଳିବ ନାହିଁ ତାକୁ ମୁଖସ୍ଥ କରି ବର୍ମା ଭାଷାରେ ପ୍ରଗଲ୍‌ଭ ହେବାକୁ ଆମକୁ ଆହୁରି କିଛି ସମୟ ଲାଗିଲା ।

ଏହିପରି ପ୍ରାୟ ଛଅମାସ ବିତିଯିବା ପରେ କ୍ୟାପଟେନ୍ ମାରେ ଦୁଇ ବର୍ଷ ଛୁଟୀ ନେଇ ବିଲାତ ଯାତ୍ରା କଲେ । ଶୁଣିଲୁ, ସେ ତାଙ୍କର ଗୃହଲକ୍ଷ୍ମୀଶୂନ୍ୟ ଆଳୟ ନିମିତ୍ତ ଏକ ଲକ୍ଷ୍ମୀ ସନ୍ଧାନରେ ସ୍ୱଦେଶକୁ ଯାଇଛନ୍ତି । ସେ ଥିବାବେଳେ ଆମର ଆନନ୍ଦ ଥିଲା; କାରଣ ନଡ଼ିଆକତା ଛଡ଼ାଇବା କାର୍ଯ୍ୟଠାରୁ ଆଉ ଅଧିକ ଶକ୍ତ କାର୍ଯ୍ୟ ଆମେ ପାଇ ନ ଥିଲୁ; ସେ ହସି ହସି ମିଷ୍ଟାଳାପ କଲେ ଏଇ ନିଃସହାୟ ସ୍ୱଜନହୀନ ଜୀବନ କିଛି ପରିମାଣରେ ସହଜ ଲାଗୁଥିଲା । ବ୍ୟାରି ସାହେବଙ୍କର ପ୍ରତାପ ତାଙ୍କର ଶାସନରେ ପ୍ରାୟ ମୌଖିକ ଧମକରେହିଁ ପର୍ଯ୍ୟବସିତ ଥିଲା । ତେବେ ଦୁଃଖ ଯାହା ହେଉଥଲା ତାହା ନିତାନ୍ତହିଁ ଅଦୃଷ୍ଟର କୋପରେ; ତା' ପାଇଁ କୌଣସି ବ୍ୟକ୍ତି ବିଶେଷ ଦାୟୀ ନହୋଇ ଅଧୁନାତନ ଜେଲ ବିଧିବିଧାନହିଁ ପ୍ରକୃତ ପକ୍ଷରେ ଦାୟୀ ଏବଂ ଦାୟୀ ଆମର ପୋଡ଼ା କପାଳ । ଜେଲର୍ ସାହେବଙ୍କର ହୁକୁମ ଥିଲା ଗୁଳି କମାଣର କଏଦୀମାନେ ଯେପରି ପରସ୍ପର ମଧ୍ୟରେ କଥାବାର୍ତ୍ତା ନ କରନ୍ତି; ସେଥିପାଇଁ ଉଠିବାରେ, ବସିବାରେ,

ଖାଇବାରେ, ପିନ୍ଧିବାରେ ଆମମାନଙ୍କୁ ଯଥାସାଧ୍ୟ ପୃଥକ୍ ରଖା ହେଉଥିଲା । ପାଞ୍ଚ ନମ୍ବର ଭଳି ଏକ ସଂକୀର୍ଣ୍ଣ କକ୍ଷରେ ବଟପତ୍ର ଉପରେ ଦଶଜଣଙ୍କୁ ଏକତ୍ର ରଖି  ପୁଣି ପୃଥକ୍ କରିବା ଭଳି କାର୍ଯ୍ୟ ଏହା ଯେ କି ପ୍ରକାରର ଅସାଧ୍ୟସାଧନ, ତାହା ସହଜରେ ଅନୁମେୟ । ତେବେ ଏଇ ଦୁଃସାଧ୍ୟ-ଅବସ୍ଥାରେ ଏକ ହୀନ ପେଟି ଅଫିସର୍ ଯୁଟିଲା ଯିଏ ଜାତିରେ ପଠାଣ, ନାମ ଖୋୟେଦାଦ୍ ଖାଁ । ଆମେ ଦଶଜଣହିଁ ହିନ୍ଦୁ; ହିନ୍ଦୁ ପେଟି ଅଫିସର୍ ବା ୱାର୍ଡ଼ର ସହାନୁଭୂତି ଦେଖାଇ ପାରନ୍ତି, ଏଇ ଭୟରେ ଆମ ଭାଗ୍ୟକୁ ପେଟି ଅଫିସର୍ ଓ ୱାର୍ଡ଼ର ଥିଲେ ହିନ୍ଦୁସ୍ଥାନୀ ମୁସଲମାନ, ପଞ୍ଜାବୀ ମୁସଲମାନ ଓ ପଠାଣ । ପଠାଣ ଅର୍ଥ ସହଜ କଥାରେ ମେୱା ବିକ୍ରି କରୁଥିବା କାବୁଲିୱାଲା । ପୋର୍ଟ ବ୍ଲେୟାରରେ ଏମାନେ ଯମର ସାଙ୍ଗ; ଧରି ଆଣିବାକୁ କହିଲେ ବାନ୍ଧି ନେଇ ଆସନ୍ତି । ସେମାନେ ଥିଲେ କର୍ମଭୀରୁ ଓ କଳୁଷିତ ଚରିତ୍ର, କିନ୍ତୁ ଅନ୍ୟମାନଙ୍କୁ ପରିଶ୍ରମ କରାଇବାକୁ ଓସ୍ତାଦ ଓ ଦୁର୍ଦ୍ଦାନ୍ତ ।

ପଠାଣମାନଙ୍କ ମଧ୍ୟରେ ପୁଣି ଖୋୟେଦାଦ୍ ଖାଁ ପଠାଣମାନଙ୍କର ରାଜା; ଚେହେରାଟି ବଡ଼ ହୃଦୟ ବିଦାରକ – ବାଙ୍ଗରା, ଲୋମଶ ଶରୀର, ପିଠି ଓ ମୁହଁରେ କଳା କଳା ଘଞ୍ଚ ଦାଢ଼ି, ବଡ଼ ବଡ଼ ବଙ୍କା ଦାନ୍ତ, ଭ୍ରୁ ଯୁଗଳ ଲାଗିଯାଇଛି, ଉଚ୍ଚ ନାକ, ମିଜାଜ କଡ଼ା, ହାତରେ ଲାଠି । ଏତେ ଗୁଣ ଥାଇ ମଧ୍ୟ ବିଧି କ୍ଷାନ୍ତ ହୋଇ ନାହାନ୍ତି; ଖୋୟେଦାଦ୍‌ର ପୁଣି ଅସମ୍ଭବ ପ୍ରକାରର କାନୁନ, ଅର୍ଥାତ୍ ବିଧି ନିଷେଧର ପକ୍ଷପାତୀ କରିଛନ୍ତି । ତା' ରାଜ୍ୟରେ ଯୋଡ଼ି ବିନା ଏକା ଚାଲିବାର ଉପାୟ ଆଦୌ ନାହିଁ, ଯୋଡ଼ିକୁ ଛାଡ଼ି ଅସାବଧାନରେ ଗୋଟିଏ ପାଦ ଆଗେଇଲେ ବା ପଛକୁ ଗଲେ, ତୀବ୍ର ଦୃଷ୍ଟି ରଖିଥିବା ଖାଁ ସାହେବର ଉଦ୍ୟତ ଲାଠି, ସେତେବେଳେ ଆମେ କାର୍ଯ୍ୟତଃ ଦାନ୍ତ ନିକୁଟି ବିନୟ ନମ୍ର ସୋହାଗରେ ''ହାଁଜୀ, ଜମାଦାର୍‌ଜୀ, କସୁର ହୋଗୟା'' କହି ଯଥାସାଧ୍ୟ କ୍ଷିପ୍ରତାର ସହ କ୍ଷଣିକ ପରିଣୟର ସାଥୀଟିକୁ ଜାବୁଡ଼ି ଧରିବା ଛଡ଼ା ଆଉ କିଛି ଗତ୍ୟନ୍ତର ନ ଥାଏ । ଅନ୍ୟ ନମ୍ବରର ଜେଲରେ ଜେଲର୍ ବା ସୁପରିନ୍‌ଟେଣ୍ଡେଣ୍ଟ୍ ଆସିଲେ ସାନ୍ଧ୍ୟ ପ୍ୟାରେଡ଼ ସମୟରେ ଯୋଡ଼ି ଯୋଡ଼ି ହେବାକୁ ହୁଏ; ଖୋୟେଦାଦ୍‌ର ବର୍ମା ଅଞ୍ଚଳର ପାଞ୍ଚ ନମ୍ବରରେ କିନ୍ତୁ ସମସ୍ତେ ଦିବାରାତ୍ର ଯୁଗଳ ଅବତାରରେ ବିଚରଣ କରନ୍ତି ।

କେବଳ ଯଦି ଯୋଡ଼ା ଯୋଡ଼ା ହେବାର ବିଧି ହୁଏ, ତା'ହେଲେ ତ ବଞ୍ଚିବା ସମ୍ଭବ, କିନ୍ତୁ ଉପସର୍ଗ କେବଳ ଏହିଠାରେ ଶେଷ ହୋଇ ନାହିଁ । ଧାଡ଼ି ଧାଡ଼ି କରି ଯୋଡ଼ି ହୋଇ ଲାଇନରେ ଯାଇ ''ଛିଡ଼ା ହୋଇ ଯାଅ'' ରଡ଼ିରେ ଶ୍ରୀକୃଷ୍ଣ ଦର୍ଶନ ପାଇଁ ରାଧାଙ୍କ ସଦୃଶ ଧମ୍ କରି ଛିଡ଼ା ହେବାକୁ ହେବ, ''କପଡ଼ା ଉତାରୋ'' ରଡ଼ିରେ ଲୁଗା ବଦଳାଇ ଲେଙ୍ଗୁଟି ପିନ୍ଧିବାକୁ ହେବ, ''ପାନି ଲେଓ'' ରଡ଼ିରେ ତାଟିଆରେ ଜଳ ନେଇ ଝପ୍ ଝପ୍ କରି ମୁଣ୍ଡରେ ଜଳ ଢାଳିବାକୁ ହେବ । ଏହା ତ ଗଲା ସ୍ନାନ ପର୍ବ । ଶୌଚ ପର୍ବ ବି ତଦ୍ରୂପ – ସାରବନ୍ଦୀ ଦଶାରେ ଯୋଡ଼ା ଯୋଡ଼ା ହୋଇ ପାଇଖାନାରେ ମୁହାଁମୁହିଁ ହୋଇ ବସିବା, ପୁଣି ହୁକୁମ ହେବା କ୍ଷଣି ଥରକରେ ଆଠ, ଦଶ କରି ଯିବା; ଯେତେବେଳ ପର୍ଯ୍ୟନ୍ତ ଆଦେଶ ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ସଂଯମ ଅଭ୍ୟାସ କରିବାକୁ ହୁଏ । ସବୁଠାରୁ ମଜା ହୁଏ ସାନ୍ଧ୍ୟ ପ୍ୟାରେଡ଼ରେ । ପ୍ରଥମତଃ ଯୋଡ଼ା ଯୋଡ଼ା ବସିବା; ପ୍ରତି ଦୁଇ ଯୋଡ଼ା ଗୋଳାବାଲାଙ୍କ ମଝିରେ ଦୁଇ ତିନି ଜଣ ବର୍ମା ବା ମାନ୍ଦ୍ରାଜୀ ଯୋଡ଼ା ଆଢୁଆଳରେ ରହିବେ, ଯାହା ସହ ଯୋଡ଼ି ବାନ୍ଧିବ ସେ ବି ମାନ୍ଦ୍ରାଜୀ ବା ବର୍ମା ହେବା ଉଚିତ । ଆମେ ଏଇ ନିୟମରେ ଥରେ ବସିଗଲେ ନବବଧୂ ପରି ଲାଜ ଲାଜ ହୋଇ ଅନୁଚ୍ଚ ସ୍ୱରରେ ଖାଁ ସାହେବର ଦୃଷ୍ଟିକୁ ଏଡ଼ାଇ ଗଳ୍ପ କରୁ, ସୁଖର କଥା କୌଣସି ଅଫିସର୍ ଉପସ୍ଥିତ ନଥିଲେ ଖାଁ ସାହେବ ସବୁ ଦେଖି ମଧ୍ୟ ଦେଖନ୍ତି ନାହିଁ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଏବଂ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗ ରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ଆବଶ୍ୟକ ।

– ଶ୍ରୀଅରବିନ୍ଦ

# ସନାତନ ଧର୍ମ

## (୧୦)

## କୁମାର ଚନ୍ଦ୍ର ମିଶ୍ର

ସନାତନ ଧର୍ମର ବିଶେଷତ୍ୱ ହେଲା ସବୁ କ୍ଷେତ୍ରରେ ନିରପେକ୍ଷ ଭାବେ ସତ୍ୟର ଅନ୍ୱେଷଣ କରିବା, କୌଣସି ସତ୍ୟକୁ ଅନ୍ତିମ ବୋଲି ଗ୍ରହଣ ନକରିବା, ପ୍ରତ୍ୟେକ ତତ୍ତ୍ୱକୁ ପୁଙ୍ଖାନୁପୁଙ୍ଖ ପରୀକ୍ଷା କରି ତତ୍ ସମ୍ପର୍କିତ ଗଭୀର ସତ୍ୟ ନିକଟରେ ଉପନୀତ ହେବା ଲାଗି ଅବିଚ୍ଛିନ୍ନ ପ୍ରୟାସ କରି ଚାଲିବା । ଯେକୌଣସି ତତ୍ତ୍ୱ ବା ତଥ୍ୟକୁ ବିରୋଧ କରୁଥିବା ପକ୍ଷକୁ ସ୍ୱାଗତ ଜଣାଇବା ଓ ଧୈର୍ଯ୍ୟର ସହ ଅନ୍ୟର ମତାମତକୁ ବିଚାର କରିବା ଓ ପରୀକ୍ଷା କରିବା ଲାଗି ମନର ବାତାୟନଗୁଡ଼ିକୁ ସଦା ଉନ୍ମୁକ୍ତ ରଖିବା, – କାରଣ ଆପଣା ମତବାଦକୁ ମୌଳବାଦିମାନଙ୍କ ପରି ଯେକୌଣସି ପ୍ରକାରେ ସାବ୍ୟସ୍ତ କରିବା ସନାତନ ଧର୍ମର ଲକ୍ଷ୍ୟ ନୁହେଁ – ଲକ୍ଷ୍ୟ ହେଲା ଯଥାର୍ଥ ସତ୍ୟରେ ଉପନୀତ ହେବା ।

ୟୁରୋପରେ ବିଜ୍ଞାନ ଓ ଧର୍ମ ମଧ୍ୟରେ ବିରୋଧାତ୍ମକ ଭାବ ରହିଥିବା ଲକ୍ଷ୍ୟ କରାଯାଏ । କେତେବେଳେ ଧର୍ମ ଅଗ୍ରାଧିକାର ସାବ୍ୟସ୍ତ କରିଛି ତ କେତେବେଳେ ବିଜ୍ଞାନ ଅଗ୍ରାଧିକାର ସାବ୍ୟସ୍ତ କରିଛି । ଜ୍ୟୋତିର୍ବିଦ୍ ଗାଲିଲିଓ (Galileo Galilei, 1564-1642) ଯେତେବେଳେ ପ୍ରମାଣ କଲେ ଯେ ସୂର୍ଯ୍ୟ ସ୍ଥିର ଓ ପୃଥିବୀ ତାହାର ଚତୁଃପାର୍ଶ୍ୱରେ ଘୂରୁଛି, କ୍ୟାଥଲିକ୍ ଚର୍ଚ୍ଚର ପ୍ରଭାବଶାଳୀ ଧର୍ମଯାଜକଗଣ ତାଙ୍କୁ ଧର୍ମଦ୍ରୋହୀ ଘୋଷଣା କରି କାରାଦଣ୍ଡ ଦେଇଥିଲେ । କିନ୍ତୁ କଣାଦ, ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ ଆଦି ଭାରତୀୟ ବିଜ୍ଞାନିଗଣ ଧର୍ମର ଉପାସକ ଥିଲେ । ସାର୍ ଆଇଜାକ୍ ନିଉଟନ୍ (Sir Isac Newton, 1643-1727) ପ୍ରମାଣ କରିଥିଲେ ଯେ ଆଲୋକ ସରଳ ରେଖାରେ ଗତି କରେ । କିନ୍ତୁ ଖ୍ରୀଷ୍ଟିଆନ ହାଇଜେନସ୍ (Christian Huygens, 1629-1695) 1678 ମସିହାରେ ପ୍ରସ୍ତାବ ଦେଲେ ଯେ ଆଲୋକର ଗତି ତରଙ୍ଗାୟିତ । 1918 ମସିହାରେ ନୋବେଲ ପୁରସ୍କାର ପ୍ରାପ୍ତ ପଦାର୍ଥ ବିଜ୍ଞାନୀ ମାକ୍ସ ପ୍ଲାଙ୍କ୍ (Max K. E. L. Planck, 1858-1947) ପ୍ରମାଣ କଲେ ଯେ ଏହା ଆଲୋକ କଣିକାମାନଙ୍କର (Quanta) ସମାହାର ମାତ୍ର । ପୁଣି ସ୍କଟ୍‌ଲ୍ୟାଣ୍ଡର ଗଣିତ ବିଶାରଦ ଜେମ୍‌ସ୍ କ୍ଲାର୍କ ମାକ୍ସୱେଲ (James clark Maxwell, 1831-1879) ପ୍ରତିପାଦନ କଲେ ଯେ ''ଆଲୋକ'' ବିଦ୍ୟୁତ୍-ଚୁମ୍ବକୀୟ-ତରଙ୍ଗ (Electromagnetic Waves) ମାତ୍ର । ଆଲୋକ ସମ୍ପର୍କିତ ଏହି ପ୍ରତ୍ୟେକ ତତ୍ତ୍ୱରେ କିଛି ନା କିଛି ସତ୍ୟ ନିହିତ ହୋଇ ରହିଛି, କିନ୍ତୁ ପର୍ଯ୍ୟାୟକ୍ରମେ ଗୋଟିଏ ତତ୍ତ୍ୱ ଅନ୍ୟ ତତ୍ତ୍ୱ ଅପେକ୍ଷା ସତ୍ୟତର ବା ଅଧିକ ସତ୍ୟ ଅଟେ । ସତ୍ୟର ଏପରି ଗୁଣଧର୍ମ କେବଳ ବିଜ୍ଞାନ କ୍ଷେତ୍ରରେ ପରିଲକ୍ଷିତ ହୁଏ ନାହିଁ । ଦର୍ଶନ, ଧର୍ମ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସତ୍ୟର ଏପରି ଅଗ୍ରଗତି ସମାନଭାବେ ପ୍ରୟୋଗଯୋଗ୍ୟ ଓ ପ୍ରାସଙ୍ଗିକ । ତେଣୁ କେହି ବି କହିବା ଠିକ୍ ନୁହେଁ ଯେ – ମୁଁ ଯାହା କହୁଛି ତାହାହିଁ ଏକମାତ୍ର ସତ୍ୟ ଓ ଅନ୍ୟମାନେ ଯାହା କହୁଛନ୍ତି ସେସବୁ ମିଥ୍ୟା । ମୁହିଁ ଠିକ୍, ଅନ୍ୟମାନେ ଭୁଲ୍ – ମୁଁ ଯାହା କହୁଛି, ଭାବୁଛି, କରୁଛି ସେସବୁହିଁ ସତ୍ୟ ଆଧାରିତ ଓ ଅନ୍ୟମାନଙ୍କର ବକ୍ତବ୍ୟ, ଭାବନା ଓ କାର୍ଯ୍ୟ ସକଳ ମିଥ୍ୟାଗ୍ରସ୍ତ । ତେଣୁ ଧର୍ମ, ଆଧ୍ୟାତ୍ମିକତା, ବିଜ୍ଞାନ ଓ ଦର୍ଶନ ପରସ୍ପରକୁ ବିରୋଧ କରିବା ପରିବର୍ତ୍ତେ ପରସ୍ପରର ପରିପୂରକ ଓ ସହାୟକ ହୋଇପାରିବେ ।

ଦିବ୍ୟଜନନୀ ଶ୍ରୀମା କହନ୍ତି : "God gives Himself to His whole creation; no one religion holds the monopoly of His Grace."

(M.C.W, Vol. 15, p. 27)

ଅର୍ଥାତ୍, ''ପରମେଶ୍ୱର ତାଙ୍କର ସମଗ୍ର ସୃଷ୍ଟି ଲାଗି ଆପଣାକୁ ଦାନ କରିଛନ୍ତି; ତାଙ୍କର କରୁଣା କୌଣସି ଗୋଟିଏ ଧର୍ମର ଏକଚାଟିଆ ସମ୍ପତ୍ତି ହୋଇ ରହି ନାହିଁ ।''

ପୁନଶ୍ଚ, "Instead of excluding each other, religions ought to complete each other."

(M.C.W, Vol. 15, p. 27)

ଅର୍ଥାତ୍, ''ପରସ୍ପରକୁ ପରସ୍ପରଠାରୁ ଅଲଗା କରି ରଖିବା ପରିବର୍ତ୍ତେ ଧର୍ମସବୁ ପରସ୍ପରର ପରିପୂରକ ହୋଇ ରହିବା ଉଚିତ ।''

ଜର୍ମାନୀର ପଦାର୍ଥ ବିଜ୍ଞାନୀ ୱେରନର୍ ହାଇଜେନବର୍ଗ୍ (Werner Heisenberg, 1901-1976) ୧୯୨୩ ମସିହାରେ ପ୍ରତିପାଦନ କଲେ ଯେ ଇଲେକ୍‌ଟ୍ରୋନ୍ ଓ ଫୋଟନ୍ (photon) ପରି କ୍ଷୁଦ୍ର କଣିକାମାନଙ୍କୁ ନିର୍ଭୁଲ ଭାବେ ଠାବ କରି ଏକକାଳୀନ ସେମାନଙ୍କର ବେଗ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ସେଗୁଡ଼ିକର ଅବସ୍ଥିତି ଓ ପରିବେଗ ନିର୍ଣ୍ଣୟ କଲାବେଳେ କିଛି ନା କିଛି ଭୁଲ୍ ରହିବା ଅନିବାର୍ଯ୍ୟ । ପୁଣି ଗୋଟିଏ ଅବକଣିକା (Sub-atomic particles) କେତେବେଳେ କଣିକା ପରି କିଂବା କେତେବେଳେ ତରଙ୍ଗ ପରି ପ୍ରତୀୟମାନ ହୁଏ । ଏହାକୁ ଅବକଣିକାର ଦ୍ୱୈତ-ସ୍ୱଭାବ (Dual nature of sub-atomic particles) ବୋଲି କୁହାଯାଏ । କେନୋପନିଷଦ୍‌ର ତୃତୀୟ ମନ୍ତ୍ରରେ ତଦନୁରୂପ ଏକ ଭାବନାକୁ ବ୍ୟକ୍ତ କରି କୁହାଯାଇଛି ।

''ନ ତତ୍ର ଚକ୍ଷୁର୍ଗଚ୍ଛତି ନ ବାଗ୍ ଗଚ୍ଛତି ନୋ ମନଃ...'' ଅର୍ଥାତ୍, ''ଆଖି ସେଠାକୁ ଯାଇପାରେ ନାହିଁ, ବାକ୍ୟ ତାହା ପ୍ରକାଶ କରିପାରେ ନାହିଁ, ମନ ତାହାକୁ ଜାଣିପାରେ ନାହିଁ ।''...

ତେଣୁ ଉଭୟ ବିଜ୍ଞାନ ଓ ଦର୍ଶନ ଶାସ୍ତ୍ର ସ୍ୱୀକାର କରିଛି ଯେ ଏପରି ଅନେକ ସତ୍ୟ ରହିଛି ଯାହାକୁ ଜାଣିବା ସମ୍ଭବ ହୁଏ ନାହିଁ, ସେସବୁ ମାନସିକ ଭାବନାର ବହିର୍ଭୂତ । ଅର୍ଥାତ୍, ଅନ୍ୟପକ୍ଷେ ସେସବୁ ସତ୍ୟ ଅପହଞ୍ଚ ହୋଇ ରହିଛି ।

ଦିବ୍ୟଜନନୀ ଶ୍ରୀମା କହନ୍ତି :

"Truth is eternally beyond all that we can think or say of it."

(M.C.W, Vol. 14, p. 196)

ଅର୍ଥାତ୍, ''ଆମେ ଯାହା ଚିନ୍ତା କରୁ ବା କହୁ ପରମ ସତ୍ୟ ଚିରକାଳ ତାହାର ବହୁ ଊର୍ଦ୍ଧ୍ୱରେ ।''

ପୁନଶ୍ଚ ଶ୍ରୀମା କହନ୍ତି :

"... the universe is perpetually in motion and what was perfectly true before is only partially true today.''

(M.C.W, Vol. 15, p. 280)

ଅର୍ଥାତ୍, ''ବିଶ୍ୱ ସର୍ବଦା ପରିବର୍ତ୍ତନଶୀଳ ଓ ପୂର୍ବେ ଯାହା ପୂର୍ଣ୍ଣସତ୍ୟ ରୂପେ ପ୍ରତିଭାତ ହେଉଥିଲା ଆଜି ତାହା କେବଳ ଆଂଶିକ ସତ୍ୟ ମାତ୍ର ।''

ଏହି ଦୃଷ୍ଟିରୁ ସନାତନ ଧର୍ମ ସଦା ପରିବର୍ତ୍ତନଶୀଳ, ସଦା ଅଗ୍ରଗତିକ୍ଷମ ଓ ସର୍ବାଲିଙ୍ଗନକାରୀ ଏକ ତତ୍ତ୍ୱ ବା ଆଦର୍ଶ ଯାହା ଭବିଷ୍ୟତକୁ ନିରନ୍ତର ଉଦ୍ଭାସିତ କରୁଥାଏ ।

ପ୍ରଗତି ଲାଗି ପରିବର୍ତ୍ତନର ଆବଶ୍ୟକତା ରହିଛି । ପରିବର୍ତ୍ତନରେ ନୂତନତ୍ୱ ରହିଥାଏ । ତାହା ବୋଲି ସବୁ ନୂତନତା ଯେ ଗ୍ରହଣଯୋଗ୍ୟ – ଏକଥା ସନାତନ ଧର୍ମ ସ୍ୱୀକାର କରେ ନାହିଁ । ବିନା ବିଚାରରେ ନୂଆସବୁକୁ ଗ୍ରହଣ କରିବା ଓ ପୁରୁଣାକୁ ବର୍ଜନ କରିବା ଜ୍ଞାନୀ ବା ବୁଦ୍ଧିମାନ୍ ବ୍ୟକ୍ତିର ସ୍ୱଭାବ ନୁହେଁ । ତଦ୍ୱାରା ଜଣେ ମିଥ୍ୟାକୁ ଅତିକ୍ରମ କରି ସତ୍ୟ ନିକଟରେ ପହଞ୍ଚିପାରେ ନାହିଁ । ତେଣୁ ପ୍ରତ୍ୟେକ ତତ୍ତ୍ୱ ଓ ନୀତିକୁ ସ୍ଥିର ମନରେ ତଉଲିବା, ବିଚାର କରିବା ଓ ତତ୍‌ପରେହିଁ ତାହାକୁ ଗ୍ରହଣ କରାଯାଇପାରେ କିଂବା ପ୍ରତ୍ୟାଖ୍ୟାନ କରାଯାଇପାରେ । କବି କାଳିଦାସ କହିଛନ୍ତି –

''ପୁରାଣମିତ୍ୟେବ ନ ସାଧୁ ସର୍ବଂ
ନ ଚାପି କାବ୍ୟଂ ନବମିତ୍ୟବଦ୍ୟମ୍ ।।''

କେବଳ ପ୍ରାଚୀନ ବୋଲି ଯେକୌଣସି ବସ୍ତୁ ଉତ୍ତମ ହୋଇ ପାରେନା ଓ କୌଣସି କାବ୍ୟ ଦୋଷଯୁକ୍ତ ନୁହେଁ ଯେହେତୁ ତାହା ନୂତନ । ଅନ୍ୟ ଏକ ବହୁଜନ ଆଦୃତ ଉକ୍ତିଟିଏ ହେଲା –

''ଯୁକ୍ତିଯୁକ୍ତଂ ବଚୋ ଗ୍ରାହ୍ୟଂ ବାଳାଦପି ଶୁକାଦପି ।
ଯୁକ୍ତିହୀନଂ ବଚସ୍ତ୍ୟାଜ୍ୟଂ ବୃଦ୍ଧାଦପି ଶୁକାଦପି ।।''

ଏହାର ଅର୍ଥ ହେଲା – ''ଯାହାକିଛି ଦୃଢ଼ ଯୁକ୍ତି ଉପରେ ପର୍ଯ୍ୟବସିତ ତାହା ଜଣେ ବାଳକ କିଂବା ଶୁକପକ୍ଷୀ ଦ୍ୱାରା କଥିତ ହୋଇଥିଲେ ମଧ୍ୟ ଗ୍ରହଣଯୋଗ୍ୟ ଅଟେ । ଯାହାକିଛି ଯୁକ୍ତିହୀନ ତାହା ଜଣେ ପ୍ରବୀଣ ବୃଦ୍ଧ କିଂବା ଶୁକମୁନିଙ୍କ ଦ୍ୱାରା କୁହାଯାଇ-ଥିଲେ ବି ଆଦୌ ଗ୍ରହଣୀୟ ନୁହେଁ ।'' ତେଣୁ ସନାତନ ଧର୍ମ ଯୁଗେ ଯୁଗେ ଆପଣାର ତତ୍ତ୍ୱଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରିବା ଲାଗି ସବୁ ପକ୍ଷକୁ ସ୍ୱତଃପ୍ରବୃତ୍ତ ଭାବେ ଆହ୍ୱାନ ଜଣାଇ ଆସିଛି । ଜଗଦ୍‌ଗୁରୁ ଶ୍ରୀ ଭାରତୀକୃଷ୍ଣ ତୀର୍ଥ ଲେଖିଛନ୍ତି :

"Change for its own sake change by itself does not necessarily means progress. Change will be necessary, change is necessary. But in what direction? This is the chief thing for us to consider carefully and decide accurately. In other words, we all agree that we should be marching along all the time,

but the whole question really is, as to whither we should march ?"

(Secret of India's greatness by
Sri Bharati Krishna Tirtha (1884-1960)
Jagriti Prakashan, Noida, p. 2)

ଏହାର ଓଡ଼ିଆ ଭାବାନୁବାଦ ଏହିପରି ହୋଇପାରେ : ''କେବଳ ପରିବର୍ତ୍ତନ ଲାଗି ପରିବର୍ତ୍ତନ ପ୍ରଗତିର ପରିଚୟ ଦିଏ ନାହିଁ । ଭବିଷ୍ୟତରେ ପରିବର୍ତ୍ତନ ଆବଶ୍ୟକ, ବର୍ତ୍ତମାନ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି; କିନ୍ତୁ କେଉଁ ଦିଗରେ ? ଏହା ହେଉଛି ଆମ ଲାଗି ମୁଖ୍ୟ ବିଷୟ ଯାହା ଆମକୁ ଯତ୍ନର ସହ ନିଖୁଣ ଭାବେ ନିର୍ଦ୍ଧାରଣ କରିବାକୁ ହେବ । ଅନ୍ୟ ଭାବରେ କହିବାକୁ ଗଲେ ପ୍ରତିକ୍ଷଣ ନିଶ୍ଚିତ ରୂପେ ଆମକୁ ଆଗେଇବାକୁ ହେବ । କିନ୍ତୁ ପ୍ରକୃତ ମୁଖ୍ୟ ପ୍ରଶ୍ନ ହେଲା – କେଉଁ ଦିଗରେ ଆମେ ଆଗେଇବା ?''

ଭାରତୀୟ ପରମ୍ପରା, ଆର୍ଯ୍ୟ ସଂସ୍କୃତି ଓ ସନାତନ ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ – ଚିରବନ୍ଦନୀୟ, ଚିରସ୍ମରଣୀୟ, ଚିରପୂଜନୀୟ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ରଚନାବଳିରୁହିଁ ଏହି ପ୍ରଶ୍ନର ଯଥାର୍ଥ ଉତ୍ତର ବା ସମାଧାନ ପାଇ ପାରିବା । ମହାଯୋଗୀ ଶ୍ରୀଅରବିନ୍ଦ ମହାକାବ୍ୟ ସାବିତ୍ରୀରେ ଲେଖନ୍ତି :

"All the world's possibilities in man
Are waiting as the tree waits in its seed:
His past lives in him; it drives
his future's pace;
His present's acts fashion his coming fate.
The unborn gods hide in his house of Life."

(Savitri, p. 482)

ଅର୍ଥାତ୍,

''ବିଶ୍ୱର ଯାବତୀୟ ସମ୍ଭାବନା ରହିଛି ମଣିଷ ଭିତରେ
ଅପେକ୍ଷାରେ ରହିଛି ବୃକ୍ଷ ଯେପରି ରହେ ତା' ବୀଜ ଭିତରେ;
ତା'ର ଅତୀତ ତା ଜୀବନ୍ତ ଅନ୍ତରେ;
ଚାଳିତ କରେ ତା' ଭବିଷ୍ୟତର ଗତିଛନ୍ଦ;
ତା' ବର୍ତ୍ତମାନର କର୍ମାବଳି ଗଢ଼ିଧରେ ତା'ର ଭବିଷ୍ୟତର
ଭାବୀ ନିୟତିକୁ ।
ଅନାଗତ ଦେବତାମାନେ ଲୁଚି ଥାଆନ୍ତି ତା' ଜୀବନ ଭବନେ ।''

(ଓଡ଼ିଆ ଭାଷାନ୍ତର ଶ୍ରୀ ରାଜକୃଷ୍ଣ ମହାନ୍ତି, ପୃଷ୍ଠା - ୬୩୦)

ଦିବ୍ୟଦୃଷ୍ଟିରେ ଲିଖିତ ଏହି ଭବିଷ୍ୟତ୍ ବାଣୀକୁ ସାକାର କରିବା ଲାଗି ମାନବଜାତିର ବର୍ତ୍ତମାନର ସ୍ୱରୂପ ଓ ଭବିଷ୍ୟତର ସମ୍ଭାବନା ଲାଗି ଏ ଜାତିକୁ ପ୍ରସ୍ତୁତ କରିବାକୁ ହେବ । ଶ୍ରୀମାଶ୍ରୀଅରବିନ୍ଦଙ୍କ ତତ୍ତ୍ୱ-ବିଚାର ଓ ଭବିଷ୍ୟତ୍ ଦୃଷ୍ଟିକୁ ଅତି ମାର୍ମିକଭାବେ ଉପଲବ୍ଧି କରିବା ଲାଗି ଦେଶ କହିଲେ କ'ଣ ବୁଝାଏ, ଏ ଜାତିର ସ୍ୱଧର୍ମ କ'ଣ, ଏ ଜାତିର ଚରିତ୍ର କ'ଣ, ଆର୍ଯ୍ୟ କାହାକୁ କୁହାଯାଏ ଓ ସନାତନ ଧର୍ମ କ'ଣ – ଏସବୁ ପ୍ରଶ୍ନର ଉତ୍ତର ଅତି ପ୍ରାସଙ୍ଗିକ ଓ ଅନିବାର୍ଯ୍ୟ ମନେ ହୁଏ । ଏ ସଂକ୍ରାନ୍ତରେ ଶ୍ରୀ ଭାରତୀ କୃଷ୍ଣ ତୀର୍ଥଙ୍କର ନିମ୍ନୋକ୍ତ ବକ୍ତବ୍ୟ ପ୍ରଣିଧାନ ଯୋଗ୍ୟ । ସେ ଲେଖିଛନ୍ତି :

"We, therefore, should enter into such an enquiry as the one before us, as the axes of our own grind or any vested interest of ours in favour of this side or that side, but merely and entirely as honest, earnest and conscientious seekers after Truth and correct knowledge, with our dominating interests simply and solely concentrated upon the correct determination of Truth in all the various departments of life and this too we have to do merely because it is only the finding out of the correct principle and laws of Nature and acting in accordance therewith that can lead us to Peace, Happiness and Joy here and here after."

(Secret of India's greatness
Jagriti Prakashan Noida, p. 4)

ଏହାର ଭାବାନୁବାଦ ହେଲା – ''ତେଣୁ କୌଣସି ପ୍ରତ୍ୟାଶା ରଖି, ସ୍ୱାର୍ଥ ପ୍ରଣୋଦିତ ହୋଇ ଆମ୍ଭମାନଙ୍କର ଅନୁକୂଳ ଏପକ୍ଷ କିଂବା ସେପକ୍ଷକୁ ସମର୍ଥନ ଜଣାଇବା ନାହିଁ, ବରଂ ପ୍ରତାରଣାମୁକ୍ତ, ନିଷ୍ଠାଯୁକ୍ତ, ହିତାହିତ ଜ୍ଞାନଯୁକ୍ତ ହୋଇ ପରମ ସତ୍ୟ ଓ ଯଥାର୍ଥ ଜ୍ଞାନର ଅନ୍ୱେଷୀ ହେବା । ସେଥିରେ ପ୍ରଚଳିତ ଶକ୍ତିଶାଳୀ ସ୍ୱାର୍ଥଗୁଡ଼ିକର ପ୍ରଭାବ ରହିବ ନାହିଁ । ସକଳ କ୍ଷେତ୍ରରେ ସରଳଭାବେ କେବଳ ପରମ ସତ୍ୟକୁ ନିର୍ଣ୍ଣୟ କରିବା । ତାହା ମଧ୍ୟ ଆମେ ଏଥିଲାଗି କରିବା ଯଦ୍ୱାରା ବିଶ୍ୱ ପ୍ରକୃତିରେ

କ୍ରିୟାଶୀଳ ତତ୍ତ୍ୱ ଓ ନୀତିଗୁଡ଼ିକୁ ଆମେ ନିର୍ଭୁଲ ଭାବେ ନିର୍ଦ୍ଧାରଣ କରିପାରୁଥିବା – ଯାହା କେବଳ ଇହଜୀବନରେ ନୁହେଁ, ବରଂ ପରଜୀବନରେ ମଧ୍ୟ ପରମ ଶାନ୍ତି, ପରମ ସୁଖ ଓ ପରମ ଆନନ୍ଦ ଦିଗରେ ଆମକୁ ଆଗେଇ ନେଇଯାଇ ପାରିବ ।''

**ବିଚାର ବା ଚିନ୍ତାର ଆବଶ୍ୟକତା :**

''କେତେକ ବ୍ୟକ୍ତି ପୁରାତନର ପଶ୍ଚାତରେ ଅନୁଧାବନ କରନ୍ତି । କେତେଜଣ ନୂତନ ପଛରେ ଗୋଡ଼ାଉଥା'ନ୍ତି, କାରଣ ତାହା ନୂତନ । ଆଉ କେତେଜଣ ନୂତନରୁ କିଛି ଓ ପୁରାତନରୁ କିଛି ଆପଣାର କରିନେଇ ନିଜକୁ ମଧ୍ୟମପନ୍ଥୀ ରୂପେ ପରିଚିତ କରାଇଥା'ନ୍ତି । ଏପରି ମଧ୍ୟମପନ୍ଥୀଗଣ ଚରମପନ୍ଥୀମାନଙ୍କଠାରୁ କମ୍ ଅବିଚାରୀ ବା କମ୍ ଅବିବେକୀ ନୁହଁନ୍ତି । ସେମାନେ ମଧ୍ୟମ ପନ୍ଥାକୁ ଏକ ସୂତ୍ର ଓ ଚରମ ଆକର୍ଷଣର ବିଷୟରୂପେ ଗ୍ରହଣ କରିଥା'ନ୍ତି ଏବଂ ଏକ ଅସମ୍ଭବ ସାଲିସର ପଛରେ ଗୋଡ଼େଇଥା'ନ୍ତି । ଏପରି ସାଲିସ ବା ମୀମାଂସା ଅସମ୍ଭବ, କାରଣ ସେ ମଧ୍ୟମପନ୍ଥା ବା ମିତାଚାରକୁ ଏକ ସୂତ୍ରରୂପେ ଗ୍ରହଣ କରିଥା'ନ୍ତି; ଏକ ଅଯୌକ୍ତିକ, ଅସ୍ୱାଭାବିକ ବିଶ୍ୱାସ ଉପରେ ନିର୍ଭର କରିଥା'ନ୍ତି । ଯିଶୁଖ୍ରୀଷ୍ଟ ଯେତେବେଳେ କହିଥିଲେ – ''ତୁମେ ନୂତନ ମଦିରାକୁ ପୁରାତନ ପାତ୍ରରେ ବା ବୋତଲରେ ରଖିପାରିବ ନାହିଁ'' – ତାଙ୍କରି ଚିନ୍ତାରେ ବା ଦୃଷ୍ଟିରେ ଏପରି ଏକ ଅସମ୍ଭବତାହିଁ ଜାଗ୍ରତ୍ ହୋଇଥିଲା । [କାରଣ କିଣ୍ୱନ(fermentation) ପ୍ରକ୍ରିୟା ଯୋଗୁଁ ନୂତନ ମଦିରାରୁ ଗ୍ୟାସ୍ ଉଦ୍‌ଗତ ହୋଇ ପୁରାତନ ପାତ୍ରକୁ ଫଟେଇ ଦେଇଥାଏ] କାରଣ ବିଚାର କୌଣସି ନିର୍ଦ୍ଦିଷ୍ଟ ସୂତ୍ରର ଅନୁସରଣ କରେ ନାହିଁ; କଦାପି ପୂର୍ବାନୁମାନ କରେ ନାହିଁ କି ନିଷ୍ପତ୍ତି ନେଇଯାଏ ନାହିଁ, ପ୍ରତ୍ୟେକ ବିଷୟରେ ପ୍ରଶ୍ନ ଉତ୍ଥାପନ କରିଥାଏ, ସବୁ ବିଷୟକୁ ତଉଲି ଥାଏ । ଯଦି ଜଣେ କହେ – ୟୁରୋପୀୟ ଢାଞ୍ଚାରେ ତୁମ ଅଭ୍ୟାସ, ଆଚାର, ଆଚରଣ ପରିବର୍ତ୍ତନ କର ତେବେ 'ବିଚାର' କହିବ : 'ମୁଁ ଚିନ୍ତା କରିବି । ୟୁରୋପର ସବୁକିଛି ଭଲ, ଉତ୍ତମ, ଆଲୋକିତ ବା ସନ୍ଦୀପିତ ବୋଲି କାହିଁକି ଧରିନେବି ? ଭାରତୀୟମାନେ କ'ଣ ବର୍ବର ? ହୁଏତ ୟୁରୋପୀୟମାନେ ଅଧିକ ବର୍ବର ଓ ଭାରତୀୟ ମନୀଷା ଯଥାର୍ଥରେ ଆଲୋକଦୀପ୍ତ । ମୋତେ ଏ ଦିଗରେ ଗବେଷଣା କରିବାକୁ ହେବ ।' ଅପରପକ୍ଷେ ଯଦି ଜଣେ କହେ : 'ଜଣେ ଭାରତୀୟ ହୁଅ, ଭାରତୀୟମାନଙ୍କ ପରି ହୁଅ, ଭାରତୀୟମାନେ ଯାହା ବି କରନ୍ତି ତାହାହିଁ କର ।' ଏହାର ଉତ୍ତରରେ 'ବିଚାର' କହିବ : 'ମୁଁ ନିଶ୍ଚିତ ନୁହେଁ ଯେ ଭାରତୀୟମାନେ ଯାହା ଭାବନ୍ତି ଓ କରନ୍ତି ସେହିପରି କରି ମୁଁ ଜଣେ ଭାରତୀୟ ହୋଇପାରିବି । ହୁଏତ ବର୍ତ୍ତମାନ ଦେଶର ଲୋକମାନେ ଯେପରି ହୋଇଛନ୍ତି, ଭାରତୀୟମାନେ ସେପରି ହେବା ଲାଗି ଚାହିଁ ନଥିଲେ । ସେମାନେ ଅନ୍ୟକିଛି ହୋଇ ଯାଇଛନ୍ତି । ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ ବିଭିନ୍ନ ଯୁଗରେ ଭାରତୀୟମାନେ କ'ଣ ଥିଲେ – ସେ ବିଷୟରେ ମୋତେ ଅନୁସନ୍ଧାନ କରିବାକୁ ହେବ । ଏହି ସଭ୍ୟତାର କ'ଣସବୁ ଶାଶ୍ୱତ ଓ କ'ଣ ଅସ୍ଥାୟୀ ତାହା ଜାଣିବାକୁ ହେବ । ୟୁରୋପୀୟମାନଙ୍କଠାରେ ଏପରିକିଛି ଥାଇପାରେ ଯାହା ଭାରତୀୟମାନେ ହରାଇ ବସିଛନ୍ତି । ଭାରତୀୟ ହେବା ଭଲ, କିନ୍ତୁ ଅନ୍ଧ ବିଶ୍ୱାସଗୁଡ଼ିକୁ ନେଇ ନୁହେଁ । ଯଥାର୍ଥ ଜ୍ଞାନ ଆହରଣ କରି ଆମେ ଭାରତୀୟ ହେବା ।' ''

(CWSA, Vol. 1, P. 499 - 500)

**ସନାତନ ଧର୍ମ ସମ୍ପର୍କରେ ଅଜ୍ଞାନତାଜନିତ କିଛି ଭ୍ରାନ୍ତ ଧାରଣା :**

ଶାସ୍ତ୍ରଗୁଡ଼ିକ ସମ୍ବନ୍ଧରେ କିଛି ନଜାଣି ସେଗୁଡ଼ିକୁ ଅଗ୍ରାହ୍ୟ କରିବା, ତାହା ବଦଳରେ ଅନ୍ଧଭାବେ ପ୍ରଥାଗୁଡ଼ିକୁ ଅନୁସରଣ କରିବା, ସବୁ ବ୍ରାହ୍ମଣମାନଙ୍କୁ ସମ୍ମାନ କରିବା – ସେମାନେ ସମ୍ମାନାସ୍ପଦ ହୁଅନ୍ତୁ କି ଘୃଣ୍ୟ ହୁଅନ୍ତୁ,– ସମାଜରେ ପତିତ ବା ଅଜାତି ରୂପେ ବିବେଚିତ ବ୍ୟକ୍ତିଠାରୁ ରନ୍ଧନ ଖାଦ୍ୟ ଗ୍ରହଣ ନକରିବା, ଋତୁମତୀ ହେବା ପୂର୍ବରୁ କନ୍ୟାମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଦେବା (ବାଲ୍ୟବିବାହ), ପୁଅମାନଙ୍କୁ ଯଥାସମ୍ଭବ ଶୀଘ୍ର ବିବାହ କରିଦେବା, ମହିଳାମାନଙ୍କୁ ଅଜ୍ଞାନତା ମଧ୍ୟରେ ଶଢ଼ିବାକୁ ଦେବା (କେବଳ ସନ୍ତାନ ପ୍ରସବକାରୀ ଯନ୍ତ୍ରରୂପେ ବ୍ୟବହାର କରିବା), ସେମାନଙ୍କୁ ପରିବାର କିଂବା ଗୃହର ରକ୍ଷଣାବେକ୍ଷଣ ଲାଗି ବିନିଯୋଗ କରିବା, ନିଷ୍ଠାର ସହ ସ୍ନାନ କରି ନିର୍ଦ୍ଦିଷ୍ଟ କିଛି କ୍ରିୟାକର୍ମ ସମ୍ପାଦନ କରିବା, କେବଳ ଭୂ-ପୃଷ୍ଠରେ ବସି ଭୋଜନ କରିବା, କଦାପି ଟେବୁଲର ବ୍ୟବହାର ନକରିବା, ସ୍ୱୟଂ ପ୍ରତିଦିନ ଦୁଇବେଳା ଉପାସନା କରିବା – ଅଥଚ ତାହାର ଅର୍ଥ ବା ତାତ୍ପର୍ଯ୍ୟ ଜାଣି ନଥିବା,– ଦୈନନ୍ଦିନ ଆଚରଣରେ ଏହିପରି କ୍ଷୁଦ୍ରାଦପି କ୍ଷୁଦ୍ର, ଅର୍ଥହୀନ, ଅଯୌକ୍ତିକ ବିଧିବିଧାନ ସବୁ ପାଳନ କରୁଥିବା, ହିନ୍ଦୁ ପର୍ବପର୍ବାଣି, ବ୍ରତ, ଉପବାସ ନିଷ୍ଠାର ସହ ପାଳନ କରିବା –

ମୂର୍ତ୍ତି ଗଢ଼ିବା, ପୂଜା କରିବା, ତତ୍ପରେ ତା'କୁ ବିସର୍ଜନ କରିଦେବା – ଭାରତରେ ଏସବୁ ହେଉଛି ସର୍ବନିମ୍ନ ସ୍ତରର ଧର୍ମ । ଅଥଚ ଏହାକୁ ହିନ୍ଦୁତ୍ୱ ବା ସନାତନ ଧର୍ମ ରୂପେ ମହିମାନ୍ୱିତ କରାଯାଇଥାଏ । ଯଦି ଏସବୁ ସହ ଉଲ୍ଲସିତ ଭାବାବେଗ ରହିଥାଏ ତେବେ ସେପରି ବ୍ୟକ୍ତି ଭକ୍ତରୂପେ ପରିଗଣିତ ହୁଏ । ଯଦି ସେ ବେଦ, ଉପନିଷଦ୍, ଦର୍ଶନ ଶାସ୍ତ୍ର ଓ ପୁରାଣଗୁଡ଼ିକୁ ଅନର୍ଗଳ ଗାଇଦେଇ ପାରନ୍ତି ତେବେ ସେ ଜ୍ଞାନୀ ରୂପେ ବିବେଚିତ ହୁଅନ୍ତି । ଯଦି ସେ ଗୈରିକ ବା ପୀତ ବସ୍ତ୍ର ପରିଧାନ କରି କିଛି କାର୍ଯ୍ୟ କରନ୍ତି ନାହିଁ, ତେବେ ସେ ହୋଇଯା'ନ୍ତି ଜଣେ ତ୍ୟାଗୀ ବା ସନ୍ନ୍ୟାସୀ (ଜଟା, ଦାଢ଼ି, କମଣ୍ଡଳୁ, ଭସ୍ମ ଲେପନ, ଚିତା ଚୈତନ୍ୟ, ଆଶାବାଡ଼ି, ଭିକ୍ଷାଥାଳି ଇତ୍ୟାଦି ଆନୁଷଙ୍ଗିକ ସଙ୍କେତ ହୋଇ ରହିଥାଏ ।) ଯଦି ସେ କେବଳ ଭିକ୍ଷା କରି, କୌଣସି କାର୍ଯ୍ୟ ନକରି ଅଳସୁଆମାନଙ୍କ ପରି ବସି ରହନ୍ତି ତେବେ ସେ ସାଧାରଣ ଧର୍ମଠାରୁ ବହୁ ଊର୍ଦ୍ଧ୍ୱକୁ ଚାଲିଯାଇ ମୁକ୍ତ ହୋଇଯା'ନ୍ତି ବୋଲି ଧାରଣା କରାଯାଏ । ସମସ୍ତ ପ୍ରଥା, ପଦ୍ଧତି ବ୍ରାହ୍ମଣ ବା ପୁରୋହିତଙ୍କ ଦ୍ୱାରା ନିର୍ଦ୍ଧାରିତ ଓ ଅନୁମୋଦିତ ହେବା ଜରୁରୀ । ପ୍ରଚଳିତ ହିନ୍ଦୁଧର୍ମର ମହାନତା ହେଲା ଜଣେ ଯଦି କୌଣସି ଅତ୍ୟଧିକ ଅଦ୍ଭୁତ ପରିଚ୍ଛଦ ପିନ୍ଧି ନଥା'ନ୍ତି କିଂବା କୌଣସି ବୈପ୍ଳବିକ ଚିନ୍ତାଧାରାର ପ୍ରବର୍ତ୍ତକ ହୋଇ ନଥା'ନ୍ତି ତେବେ ବି ସେ ଯଦି ସତରେ ଜଣେ ସଚ୍ଚୋଟ ଭକ୍ତ ବା ପ୍ରକୃତ ସନ୍ନ୍ୟାସୀ ହୋଇଥା'ନ୍ତି ତେବେ ସେ ନିଶ୍ଚିତ ରୂପେ ସମ୍ମାନିତ ହେବେ । ଜଣେ ୟୁରୋପୀୟ କିନ୍ତୁ ସେପରି ବ୍ୟକ୍ତିଙ୍କୁ ଜଣେ ଭଣ୍ଡ ପେସାଦାର ଧାର୍ମିକ ବ୍ୟକ୍ତି ବା ଅଳସୁଆ ପରାଙ୍ଗପୁଷ୍ଟ ବ୍ୟକ୍ତି ବା ଧାର୍ମିକ ପାଗଳ (religious maniac) ରୂପେ ବିବେଚିତ କରିବେ ।

(C.W.S.A. Vol. 1, page. 492)

**ଏଷ ଧର୍ମଃ ସନାତନଃ :**
**ସନାତନ ଧର୍ମର କେତୋଟି ବିଚାର –**

''ଆତୁରେ ନିୟମୋ ନାସ୍ତି ବାଳେ ବୃଦ୍ଧେ ତଥୈବ ଚ ।
ପରାଚାରରତେ ଚୈବ ଏଷ ଧର୍ମଃ ସନାତନଃ ॥''

''ସନାତନ ଧର୍ମରେ ଅର୍ଥାତ୍ ହିନ୍ଦୁ ଧର୍ମରେ ନିର୍ଦ୍ଦେଶ ଦିଆଯାଇଛି ଯେ ରୁଗ୍ଣ, ଯନ୍ତ୍ରଣାକ୍ଳିଷ୍ଟ, ଶିଶୁ, ବୃଦ୍ଧ ଓ ଅନ୍ୟର ସେବାରେ ନିଯୁକ୍ତ ହୋଇ ରହିଥିବା ବ୍ୟକ୍ତିମାନଙ୍କ ପାଇଁ ଶାସ୍ତ୍ରୋକ୍ତ ନିୟମ ପାଳନ କରିବାରେ ବାଧ୍ୟବାଧକତା ନଥାଏ ।''

''ସତ୍ୟସ୍ୟ ବଚନଂ ଶ୍ରେୟଃ ସତ୍ୟାଦପି ହିତଂ ବଦେତ୍ ।
ଯଦ୍ ଭୂତହିତମତ୍ୟନ୍ତମ୍ ଏତତ୍ ସତ୍ୟଂ ମତଂ ମମ ॥''

ଅର୍ଥାତ୍, ''ସତ୍ୟବଚନ କହିବା ଶ୍ରେୟସ୍କର, କିନ୍ତୁ ତାହାଠାରୁ ଅଧିକ ଶ୍ରେୟସ୍କର ହେଲା ହିତକର ବଚନ କହିବା । ଯାହା ସଭିଙ୍କ ଲାଗି ହିତକର ତାହାହିଁ ସତ୍ୟ ଅଟେ ।''

''ଅକୃତ୍ୟଂ ନୈବ କର୍ତ୍ତବ୍ୟଂ ପ୍ରାଣତ୍ୟାଗେଽପି ସଂସ୍ଥିତେ ।
ନ ଚ କୃତ୍ୟଂ ପରିତ୍ୟାଜ୍ୟମ୍ ଏଷ ଧର୍ମଃ ସନାତନଃ ॥''

ଅର୍ଥାତ୍, ''ଯେଉଁ କର୍ମ କରିବା ଅନୁଚିତ ସେହି କର୍ମକୁ ପ୍ରାଣ ଚାଲିଗଲେ ବି କରିବା ଠିକ୍ ନୁହେଁ । ଯେଉଁ କର୍ତ୍ତବ୍ୟ କର୍ମ ଲାଗି ପ୍ରାଣତ୍ୟାଗ କରିବା ଆବଶ୍ୟକ ହେଲେ ବି ତାହା ନିଶ୍ଚିତରୂପେ କରଣୀୟ ! ଏହାହିଁ ସନାତନ ଧର୍ମ ।''

''ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍ ନା ବ୍ରୂୟାତ୍ ସତ୍ୟମପ୍ରିୟମ୍ ।
ପ୍ରିୟଂ ଚ ନାନୃତଂ ବ୍ରୂୟାତ୍ ଏଷ ଧର୍ମଃ ସନାତନଃ ॥''
(ମନୁସ୍ମୃତି)

ଅର୍ଥାତ୍, ''ସତ୍ୟ କଥା କହିବ । ପ୍ରିୟ କଥା କହିବ, କିନ୍ତୁ ଅପ୍ରିୟ ସତ୍ୟ କହିବ ନାହିଁ; ପୁଣି ପ୍ରିୟ ଅସତ୍ୟ ବଚନ କହିବ ନାହିଁ । ଏହାହିଁ ସନାତନ ଧର୍ମ ।''

''ଅପୃଷ୍ଟୋଽପି ହିତଂ ବ୍ରୂୟାତ୍ ଯସ୍ୟ ନେଚ୍ଛେତ୍ ପରାଭବମ୍ ।
ଏଷ ଏବ ସତାଂ ଧର୍ମୋ ବିପରୀତମତୋଽନ୍ୟଥା ॥''

ଅର୍ଥାତ୍, ''ଯଦି ଜଣେ ପରିଚିତ ବ୍ୟକ୍ତି ତାହାର ଯୋଜନାରେ ବିଫଳ ହେବାକୁ ଯାଉଛି ତେବେ କେବଳ ଯଦି ସେ ପରାମର୍ଶ ଚାହେଁ ତେବେ ତାହାକୁ ଉପଦେଶ ଦେଇପାର । ମାତ୍ର ଯଦି ତୁମର ଆପଣାର କେହି ଜଣେ ମନ୍ଦ କାର୍ଯ୍ୟ କରିବାକୁ ଯାଉଛି ତେବେ ତାହା ସେ ନଚାହିଁଲେ ମଧ୍ୟ ତାକୁ ତୁମେ ପରାମର୍ଶ ଦେବା ଉଚିତ । ଏହା ହେଉଛି ଜଣେ ଉତ୍ତମ ମଣିଷର ଲକ୍ଷଣ । ଆପଣା ଲୋକ ପରାମର୍ଶ ଚାହୁଁନି ତ ମୁଁ କାହିଁକି ଉପରେ ପଡ଼ି ଉପଦେଶ ଦେବି – ଏପରି ଭାବି ବିରତ ରହିବା ହେଲା ଜଣେ ମନ୍ଦ ଲୋକର ଗୁଣଧର୍ମ ।''

''ଶ୍ରୂୟତାଂ ଧର୍ମସର୍ବସ୍ୱଂ ଶ୍ରୁତ୍ୱା ଚୈବାବଧାର୍ଯ୍ୟତାମ୍ ।
ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ୍ ॥''

ଅର୍ଥାତ୍, ''ଧର୍ମର ନିର୍ଯାସ ବା ମର୍ମବାଣୀ ଶ୍ରବଣ କରି ତାହାକୁ

ମନନ କର । ଯାହାସବୁ ଆମ ଲାଗି ପ୍ରତିକୂଳ ବା ଅପ୍ରିୟ ତାହା ଅନ୍ୟ ଉପରେ ଆରୋପ କର ନାହିଁ । ଏହା ହେଉଛି ଖ୍ରୀଷ୍ଟିଆନ ଧର୍ମୋକ୍ତ ବାଣୀର ସମର୍ଥବାଚକ ବୈଦିକବାଣୀ । ଅନ୍ୟମାନଙ୍କଠାରୁ ଯେପରି ବ୍ୟବହାର ତୁମେ ଆଶା କରୁ ନାହିଁ, ଅନ୍ୟମାନଙ୍କ ପ୍ରତି ତୁମେ ସେହିପରି ବ୍ୟବହାର କର ନାହିଁ ।

(ମାଥ୍ୟୁ – ୭:୧୨୦)

ସକାରାତ୍ମକଭାବେ କହିବାକୁ ଗଲେ – ଅନ୍ୟମାନେ ତୁମ ପ୍ରତି ଯେପରି ବ୍ୟବହାର କରନ୍ତୁ ବୋଲି ତୁମେ ଚାହୁଁଛ, ତୁମେ ଅନ୍ୟମାନଙ୍କୁ ସେହିପରି ବ୍ୟବହାର କର ।

''ସତ୍ୟେନ ରକ୍ଷ୍ୟତେ ଧର୍ମୋ ବିଦ୍ୟାଭ୍ୟାସେନ ରକ୍ଷ୍ୟତେ ।
ମୃଜୟା ରକ୍ଷ୍ୟତେ ରୂପଂ କୁଳଂ ବୃତ୍ତେନ ରକ୍ଷ୍ୟତେ ।।''

ଅର୍ଥାତ୍, ''ସତ୍ୟ ଧର୍ମକୁ ରକ୍ଷା କରେ, ଅଭ୍ୟାସ ଦ୍ୱାରା ଜ୍ଞାନ ସୁରକ୍ଷିତ ରହେ । ରୂପ ସ୍ୱଚ୍ଛତା ଦ୍ୱାରା ଓ ପରିବାର ଆଚରଣ ଦ୍ୱାରା ସୁରକ୍ଷିତ ରହନ୍ତି ।''

''ଅୟଂ ନିଜଃ ପରୋ ବେତ୍ତି ଗଣନା ଲଘୁଚେତସାମ୍ ।
ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ।।''

ଅର୍ଥାତ୍, ''ସେ ପର, ଏ ନିଜର, – ଏପରି ଭାବନା ବା ବିଚାର ସଂକୀର୍ଣ୍ଣମନାଙ୍କର ଥାଏ । କିନ୍ତୁ ଯିଏ ଉଦାର ତା' ଲାଗି ସମଗ୍ର ସଂସାର ହେଲା ଆପଣା କୁଟୁମ୍ବତୁଲ୍ୟ ।''

''ଅଷ୍ଟୌ ଗୁଣାଃ ପୁରୁଷଂ ଦୀପୟନ୍ତି ପ୍ରଜ୍ଞା
ସୁଶୀଳତ୍ୱଦମୌ ଶ୍ରୁତଂ ଚ ।
ପରାକ୍ରମଶ୍ଚାବହୁଭାଷିତା ଚ ଦାନଂ ଯଥାଶକ୍ତି କୃତଜ୍ଞତା ଚ ।।''

''ଆଠଟି ଗୁଣ ପୁରୁଷକୁ ସୁଶୋଭିତ କରିଥାଏ – ପ୍ରଜ୍ଞା, ବୁଦ୍ଧି, ନିଷ୍କଳଙ୍କ ଚରିତ୍ର, ଆତ୍ମନିୟନ୍ତ୍ରଣ ବା ଆତ୍ମସଂଯମ, ଶାସ୍ତ୍ର ଅଧ୍ୟୟନ, ସାହସ, ମିତଭାଷିତା, ଯଥାଶକ୍ତି ଦାନ ଓ କୃତଜ୍ଞତା ।''

(କ୍ରମଶଃ)

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ମା' ଓ ସନ୍ତାନ

## (୬)

## ଗୟାଧର ଦାଶ

ପ୍ରକୃତରେ ମାଆର ଆଶିଷ ଓ ପରଶହିଁ ଶକ୍ତିମନ୍ତ – ସନ୍ତାନକୁ କରେ ଜୀବନ୍ତ ଏବଂ ତା'ର ଚେତନାକୁ ମା' ପ୍ରତି କରେ ସଂଯୁକ୍ତ । ତଦ୍ବାରା ସେହି ସନ୍ତାନ ଯେଉଁ ଆଡ଼କୁ ଗଲେ ମଧ ମାଆର ସ୍ନେହ, ମମତା ଓ ଆଶୀର୍ବାଦକୁ କଦାପି ଭୁଲି ପାରିବ ନାହିଁ । ସେହି ଦିବ୍ୟଜନନୀ ଆମର ଅନ୍ତରାତ୍ମା ରୂପେ ଆମ ଭିତରେ ବିଦ୍ୟମାନ । ସେହିଁ ଆମ ମନର ମନ, ପ୍ରାଣର ପ୍ରାଣ, ଦେହର ଦେହ, ଆତ୍ମାର ଆତ୍ମା, ଜୀବନର ଜୀବନ । ଏପରି ଏକ ମାଆ ସୂକ୍ଷ୍ମରେ ଆମ ପାଖେ ପାଖେ ରହି ଆମକୁ ସୁରକ୍ଷା ପ୍ରଦାନ କରୁଛନ୍ତି ଏବଂ ସକଳ ଦୁଃଖ ସୁଖ ମଧ୍ୟରେ ଆମର ଜୀବନକୁ ପରିଚାଳିତ କରୁଛନ୍ତି, ଏହା କେବେ ଆମେ ଅନୁଭବ କରିଛେ କି ? ମାଆର ଅନନ୍ତ ପ୍ରେମର ବଂଶୀ ସଦା-ସର୍ବଦା ଆମ ଅନ୍ତରରେ ବାଜୁଛି – ଆମେ ତାହା ଶୁଣିବାକୁ ଅସମର୍ଥ । ବାହାରେ ଆମେ ସେହି ପ୍ରେମକୁହିଁ ଝୁରି ହେଉ । ଜନ୍ମଦାତ୍ରୀ ମାନୁଷୀ ମାଆର ଋଣ ତ ଆମେ ଶୁଝି ପାରୁନା; ତେବେ ଦିବ୍ୟଜନନୀଙ୍କର ଋଣ ଆମେ କିପରି ଶୁଝି ପାରିବା ?

ଜଣେ ସାଧକ ମା'ଙ୍କୁ ପଚାରିଲେ, ''ମାଆ ! ତୁମର ଅତିରିକ୍ତ ପ୍ରେମର ଋଣ ମୁଁ କେବେ, କେମିତି ବା ଶୁଝିବି ?'' ମା' କହିଲେ, ''ହେ ମୋର ପ୍ରିୟ ଶିଶୁ ! ମୋର ସ୍ନେହରେ ବଞ୍ଚି ରୁହ, ତାହା ଅନୁଭବ କର, ସେଥିରେ ପୂର୍ଣ୍ଣ ରୁହ, ଆଉ ଖୁସିରେ ରୁହ । ତାହାଠାରୁ ଅଧିକ ମୋତେ ଆଉ କିଛି ବି ଖୁସି କରିପାରିବ ନାହିଁ ।'' ଏଇ ହେଉଛି ସେଇ ମାଆ । ଜୀବନରେ ଊଣାଧିକେ ପ୍ରାୟ ସମସ୍ତଙ୍କର ଏ ଅନୁଭବ ଥିବ । ଯେକୌଣସି ରୂପରେ ପ୍ରତ୍ୟେକ ସନ୍ତାନ ମାଆର ପ୍ରେମାଶ୍ରିତ ହୋଇଥିବେ । ସ୍ବର୍ଗର ସମ୍ପଦ ଭରି ରହିଥିଲେ ବି ମାଆ ସହିତ କିଛି ବି ସମାନ ହୋଇପାରିବ ନାହିଁ; କାରଣ ମାଆର ହୃଦୟ ପ୍ରେମର ସାଗର, ଶାଶ୍ୱତ ସମ୍ପଦ ଓ ଅମର ଆନନ୍ଦର ଭଣ୍ଡାର ।

ଛାତ୍ରାବାସରେ ପିଲାଟିଏ ରହି ଏକାନ୍ତ ବେଳାରେ ମା' ସହିତ ତା'ର ଅଭୁଲା ସ୍ମୃତିକୁ ମନେ ପକାଉ ଥାଏ । ତା'ର ସାଙ୍ଗ ଏହା ଲକ୍ଷ୍ୟ କରି ପଚାରିବାରୁ ସେ କହିଲା ''ମା' କଥା ମନେ ପଡୁଛି ।'' ସାଙ୍ଗଟି କହିଲା, ''ଆଉ ଅଳ୍ପଦିନ ରହିଲା ସ୍କୁଲ ଛୁଟି ହେଲେ ଘରକୁ ଯିବୁ । ଏତେ ବ୍ୟସ୍ତ କାହିଁକି ?'' ପିଲାଟି କହିଲା, ''ନା ରେ ସାଙ୍ଗ, ମୁଁ ହିଁ ହତଭାଗା । ମୋର ମାଆ ନାହିଁ । ଆମର ଅଚଳାଚଳ ସମ୍ପତ୍ତି ଥିଲେ ବି, ମୋ ପ୍ରତି ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ରହିଥିଲେ ବି ମା'ର ମମତାକୁ ଭୁଲି ହେଉନି ।'' ଏହା ହେଉଛି ମାନୁଷୀ ମାଆ ଓ ସନ୍ତାନର କଥା । ଏହି ମାନୁଷୀ ମାଆର ଯିଏ ମାଆ, ସକଳ ସୃଷ୍ଟିର ଯିଏ ମାଆ, ସେହି ମାଆ କଥା କ'ଣ ଅବା କହିପାରିବା ? ସେହିଁ ଶାଶ୍ୱତ ଜନନୀ ।

"The eternal mother eternally embraces her child."

ଅର୍ଥାତ୍, ''ଶାଶ୍ୱତ ଜନନୀ ଶାଶ୍ୱତ ଭାବେ ତାଙ୍କର ଶିଶୁକୁ କୋଳାଗ୍ରତ କରନ୍ତି ।''

ଆମ ପାଇଁ ସେ ସର୍ବଦା ଅଛନ୍ତି । ଆମ ପାଇଁ ସେ ଅନବରତ କାର୍ଯ୍ୟରତ । ଆମର ପ୍ରତ୍ୟେକ ଚିନ୍ତା, କର୍ମ ଓ କଥାର ପଶ୍ଚାତରେ ସେହିଁ ଉପସ୍ଥିତ । ଆମକୁ ଦିବ୍ୟଶିଶୁ ରୂପେ ଗଢ଼ିବା ପାଇଁ ସେ ମାନୁଷୀ ରୂପରେ ଆମ ପାଖକୁ ଆସି ପଥ ଦେଖାଇଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କର କବିତା A God's Labourରେ କହିଛନ୍ତି :

"He who would bring the heavens here
Must descend himself into clay
And the burden of earthly nature bear
And tread the dolorous way."

''ସ୍ବର୍ଗକୁ ଯିଏ ମଣାଇ ଆଣିବ ମର୍ତ୍ତ୍ୟ ଭୁବନ ପରେ
ପଙ୍କରେ ତା'କୁ ଥାପିବାକୁ ହେବ ପ୍ରଥମେ ଆପଣା ପାଦ
ପାର୍ଥିବ ଏଇ ପ୍ରକୃତି-ଭାର ଆପଣା ସ୍କନ୍ଧେ ତୋଳି
ଚାଲିବାକୁ ହେବ, ଯେ ପଥେ ରହିଛି
ଶୋକ ଆଉ ଅବସାଦ ।''

(ଅନୁବାଦ : ରବୀନ୍ଦ୍ର କୁମାର ପାଢ଼ୀ)

ସେହି ମାଆ ଆମ ସାଥୀରେ କର୍ଦ୍ଦମଭରା, ଦୁଃଖ-

ବେଦନାଭରା ପଥରେ ଚାଲି ଚାଲି ଆମକୁ ଅମରତ୍ୱର ପଥ ଦେଖାଇଛନ୍ତି । କପାଳୀ ଶାସ୍ତ୍ରୀ କହନ୍ତି – ‘‘ଶ୍ରୀମାହିଁ ଭଗବାନଙ୍କର କରୁଣା ।’’ ସ୍ୱୟଂ ଭଗବାନହିଁ ତାଙ୍କର କରୁଣା ଢାଳି ଦେଇଛନ୍ତି ଶ୍ରୀମା’ଙ୍କ ରୂପରେ । ମାଆ ଯଦି ପାଖରେ ଥାଆନ୍ତି, ଅସମ୍ଭବ ମଧ୍ୟ ସମ୍ଭବ ହୁଏ । ଏତେ କରୁଣାର ବିନିମୟରେ ଆମେ କ’ଣ ସ୍ୱଚ୍ଛ ହୃଦୟରେ ମା’ଙ୍କୁ ଭଲ ପାଇପାରିବା ନାହିଁ ? ସମସ୍ତ ଅବିଶ୍ୱାସ ଓ ଅନୁଶୋଚନାର ଊର୍ଦ୍ଧ୍ୱକୁ ଉଠିଯାଇ ଥରେ ଯଦି ଆମେ ମା’ଙ୍କ ଆଡ଼କୁ ନିଜକୁ ଖୋଲି ଦେବା, ତେବେ ସେ ଆମ ମଧ୍ୟରେ ସଞ୍ଚାରିତ କରିବେ ପ୍ରାଚୁର୍ଯ୍ୟର ପ୍ଲାବନ । ମାଆ ଆମଠାରୁ ଏତିକି ଚାହାନ୍ତି :

“Be simple,
Be happy,
Remain quiet,
Do your work as well as you can,
Keep yourself always open towards me –
This is all that is asked from you.”

(CWM, Vol. 13, p. 77)

ଅର୍ଥାତ୍, ‘‘ସରଳ ହୁଅ, ଖୁସି ହୁଅ, ନୀରବ ରୁହ । ଯେତେ ପାର ସେତେ ଭଲ ଭାବରେ ତୁମର କାର୍ଯ୍ୟ କରିଚାଲ । ସର୍ବଦା ମୋ ଆଡ଼କୁ ନିଜକୁ ଖୋଲିଧର । ଏହାହିଁ ତୁମଠାରୁ ଆଶା କରାଯାଏ ।’’

ଅନ୍ତରରେ ମା’ ଓ ସନ୍ତାନ ଏକ । ଏପରି କୌଣସି ସନ୍ତାନ ନାହିଁ ଯିଏ ଅନ୍ତରରେ ତା’ର ମାଆକୁ ଭଲ ପାଏନା । ପ୍ରକୃତ ଶିଷ୍ୟ ଯେପରି ଗୁରୁଙ୍କ ଭିତରେ ଭଗବାନଙ୍କ ଉପସ୍ଥିତିକୁ ଜୀବନ୍ତଭାବେ ଅନୁଭବ କରେ; ପ୍ରକୃତ ସନ୍ତାନ ମଧ୍ୟ ପ୍ରତିଟି ମାଆ ଭିତରେ ମାତୃଶକ୍ତିକୁ ଜୀବନ୍ତ ଭାବେ ଅନୁଭବ କରିପାରେ । ଏକ ଅଦେଖା ବରଦହସ୍ତ ସଦାସର୍ବଦା ପ୍ରସାରିତ ହୋଇ ରହିଥିବାର ସେ ଅନୁଭବ କରେ । ସନ୍ତାନ ମାଆକୁ ଭଲ ନପାଇଲେ ବି ମାଆର ଭଲ ପାଇବା କେବେ ବି ଊଣା ହୁଏନା । ମା’ କହନ୍ତି, “I am always with you.” ‘‘ମୁଁ ତୋ ସହ ସର୍ବଦା ରହିଛି ।’’

ପୁନଶ୍ଚ ଶ୍ରୀମାଙ୍କ ଉକ୍ତିରେ, “My love is always with you; if then you do not feel it, it is because you are not capable of receiving it.’’ ଅର୍ଥାତ୍, ‘‘ମୋ ପ୍ରେମ ତୋ ସହ ସର୍ବଦା ରହିଛି । ଏହା ସତ୍ତ୍ୱେ ତୁ ଯେବେ ଅନୁଭବ କରି ନ ପାରୁଛୁ ତାହାର କାରଣ ହେଲା ତୋ’ର ଗ୍ରହଣଶୀଳତାର ଅଭାବ ।’’

ଏହା ସତ୍ୟ ଯେ ମା’ ସର୍ବଦା ଆମ ସହିତ ରହିଛନ୍ତି ଏବଂ ପ୍ରତି ମୁହୂର୍ତ୍ତରେ ତାଙ୍କର କରୁଣା ବାରି ଢାଳି ଦେଉଛନ୍ତି । ଆମ ପ୍ରତି ତାଙ୍କର ଅସୀମ ପ୍ରେମ ଓ ତ୍ୟାଗ ପାଇଁ ଆମେ କ’ଣ କୃତଜ୍ଞତାର ସୁମନଟିଏ ତାଙ୍କ ଚରଣରେ ଅର୍ପଣ କରି ପାରିବା ନାହିଁ । ଆମର ଜୀବନ ସେହି କୃତଜ୍ଞତାରେ ଭରି ଉଠୁ । ତାଙ୍କର ନାମ ସ୍ମରଣ ତଥା ସମର୍ପଣରେ ଜୀବନ-କୁସୁମାଞ୍ଜଳିକୁ ବିନମ୍ରତାର ସହ ତାଙ୍କ ପାଦପଦ୍ମରେ ଅର୍ପଣ କରିବା ଆମର ସର୍ବାଦୌ କର୍ତ୍ତବ୍ୟ ହେବା ଆବଶ୍ୟକ । ତାଙ୍କର ଯଥାର୍ଥ ସନ୍ତାନ ହେବା ପାଇଁ ଆମର ଏହି ପ୍ରାର୍ଥନା ହେବ – ‘‘ହେ ମଧୁମୟି ମା ! ତୁମେ ଯେପରି ଚାହୁଁଛ ମୁଁ ସେହିପରି ହୋଇଉଠେ ।’’

ଏହାହିଁ ହେଉ ନିରନ୍ତର ଏକ ଆବାହନ । ସନ୍ତାନର ଆବାହନ ଓ ମା’ର କରୁଣା ଏହି ଦୁଇଟିର ସଂଯୋଗରେ ପରମ ପ୍ରଭୁଙ୍କର ସଂକଳ୍ପ କାର୍ଯ୍ୟକାରୀ ହୋଇ ପାରିବ ।

ଶ୍ରୀଅରବିନ୍ଦ କହନ୍ତି, ନିଶ୍ଚିତ ହୁଅ ଯେ ତୁମକୁ ଠିକ୍ ପଥରେ ନେଇଯିବା ପାଇଁ ମାଆ ସର୍ବଦା ତୁମ ସହିତ ରହିଥିବେ । ଏପରି ଏକ ନିଶ୍ଚିତ ପ୍ରତିଶ୍ରୁତି ଆମେ ସ୍ୱୟଂ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଠାରୁ ପାଇଛନ୍ତି । ଏହାଠାରୁ ବଡ଼ କଥା କ’ଣ ଆଉ ଥାଇପାରେ ? ସେହି କରୁଣାମୟୀ ମା’ଙ୍କର ପ୍ରେମ ଓ କରୁଣାହିଁ ଆମର ଜୀବନକୁ ପରିଣତ କରିବ ଏକ ପରମ ବିସ୍ମୟରେ । କୋଟି କୋଟି ଜନ୍ମରେ ଆମେ ତାଙ୍କର ଋଣ ଶୁଝି ପାରିବା ନାହିଁ । ତାଙ୍କର ଯେଉଁ ଅନୁପମ କୃପାବାରି ସର୍ବଦା ବର୍ଷଣ ହେଉଛି ସେଥିପ୍ରତି ସଚେତନ ହୋଇ ତାଙ୍କର ସେବାରେ ଜୀବନ ଅତିବାହିତ କରି ପାରିଲେ ଶାନ୍ତି ଓ ଆନନ୍ଦ ମିଳି ପାରିବ । ତାଙ୍କର ପ୍ରେମ ଓ କରୁଣା ପ୍ରତି ଆମର ସକଳ ସତ୍ତାକୁ ସର୍ବଦା ଉନ୍ମୁକ୍ତ ରଖି, ଅଖଣ୍ଡ ବିଶ୍ୱାସର ସହ ତାଙ୍କ ବାଣୀର ଜୀବନ୍ତ ଦୃଷ୍ଟାନ୍ତଟିଏ ହୋଇ, ସତତ ଆନ୍ତରିକ ପ୍ରୟାସ ଜାରି ରଖିବାରେ ଏହି ସନ୍ତାନ ଜୀବନର ସାର୍ଥକତା ନିହିତ ଅଛି ।

ପରିଶେଷରେ ଏତିକିମାତ୍ର ପ୍ରାର୍ଥନା :

‘‘ତୁହିଁ ମୋ ପାଥେୟ ଜୀବନ ସଙ୍ଗୀତ
ଗାଇଯିବି ମଧୁ ସୁରେ,
ମା’ ବୋଲି କେବେ ନଭୁଲିବି ତୋତେ
ଜୀବନର ପଥ ଧାରେ ।’’

(ସମାପ୍ତ) ❑

# ରଣ ଛାଡ଼ ନାହିଁ – ଉଦ୍ୟମ ଜାରୀ ରଖ

## "Never give up"

**ପ୍ରସାଦ ତ୍ରିପାଠୀ**

ସେଦିନ ସଭାରେ ଜଣେ ସଙ୍ଗଠକ ଭାଇ ମତ ଦେଲେ ଯେ ସରକାରୀ ସ୍କୁଲମାନଙ୍କରେ ବିଭିନ୍ନ ବସ୍ତୁ ସବୁ ମାଗଣା ଦିଆ ଯାଉଥିବାରୁ ଏବଂ ସରକାରୀ ସ୍କୁଲଗୁଡ଼ିକୁ ଖୁବ୍ ଚକମକ କରି ଦିଆଯିବାରୁ ତଥା Smart Class ଆରମ୍ଭ କରିବାରୁ ଏବଂ ବିନା T.Cରେ ନାମ ଲେଖାଉ ଥିବାରୁ ଆମ ସ୍କୁଲମାନଙ୍କରୁ ପିଲାମାନେ ତାଙ୍କ ସ୍କୁଲକୁ ପଳାଇଲେ । ବିଶେଷ କରି ଅନେକ ସ୍କୁଲଦେୟ ବାକିଥିବା ପିଲାମାନଙ୍କ ମାଆବାପା ତାଙ୍କର ପିଲାଙ୍କର ସ୍କୁଲଦେୟ ନଦେଇ, T.C ନ ନେଇ ସରକାରୀ ସ୍କୁଲକୁ ଚାଲିଗଲେ । ଆମ ସ୍କୁଲମାନଙ୍କର ତ ଅନ୍ୟ ସାମର୍ଥ୍ୟ ନାହିଁ । ଆମେ ପିଲାମାନଙ୍କ ବିନା ସ୍କୁଲ ଚଳାଇବା ସମ୍ଭବ ନୁହେଁ । କାରଣ ଆମ ସ୍କୁଲର ଆୟର ଉପାୟ ହେଲା ପିଲାମାନଙ୍କଠାରୁ ଆସୁଥିବା ଅର୍ଥ । ଯଦିଓ ତାହା ଯଥେଷ୍ଟ ନୁହେଁ ତଥାପି ମୁଖ୍ୟଭାଗହିଁ ତାହା । ତେଣୁ ବାଧ ହୋଇ କେତେଗୁଡ଼ିଏ ସ୍କୁଲ ବନ୍ଦ ହୋଇଗଲା ।

ତାଙ୍କୁ ପଚାରିଲି, ଆହୁରି ଅନେକ ସ୍କୁଲ ତ ବନ୍ଦ ହୋଇ ନାହିଁ, କୌଣସି ଗୋଟିଏ ଇଂରାଜୀ ମାଧ୍ୟମ ସ୍କୁଲ ବି ବନ୍ଦ ହୋଇ ନାହିଁ । ସେସବୁ ସ୍କୁଲରୁ ପିଲା କାହିଁକି ସରକାରୀ ସ୍କୁଲକୁ ଗଲେ ନାହିଁ ?

ମନେ ପଡ଼େ ପ୍ରପତ୍ତି ମହାଶୟଙ୍କର ଏକ ଆଲୋଚନା । ପ୍ରପତ୍ତି ମହାଶୟ ବରାବର କହୁଥିଲେ ଆମର ସ୍କୁଲଗୁଡ଼ିକ ଭବିଷ୍ୟତରେ ତିନି ପ୍ରକାରର ହେବେ । କେତେଗୁଡ଼ିଏ ବନ୍ଦ ହୋଇଯିବେ, କେତେଗୁଡ଼ିଏ ସରକାରୀ ଶିକ୍ଷା ସହିତ ସନ୍ଧି କରି କିଛି ସାଧାରଣ, କିଛି ପୂର୍ଣ୍ଣାଙ୍ଗ ଏହି ଭଳି ଚଳାଇ ରଖିବେ । ମାତ୍ର, ତଥାପି କିଛି ସ୍କୁଲ ରହିବେ ଯେଉଁମାନେ ଯେତେ କଷ୍ଟ ହେଲେ ମଧ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ପାରୁପର୍ଯ୍ୟନ୍ତ ଧରି ରଖିବାକୁ ଚେଷ୍ଟା କରିବେ ଏବଂ ଯାବତୀୟ ସମସ୍ୟା ମଧରେ ମଧ ଧୈର୍ଯ୍ୟ ନ ହରାଇ କୌଣସି ମତେ ସ୍କୁଲକୁ ଚଳାଇ ରଖିବାକୁ ଉଦ୍ୟମ କରିବେ । ଏବେ ସବୁଗୁଡ଼ିକୁ ଗୋଟି ଗୋଟି କରି ଆଲୋଚନା କରିବା ।

**୧. କେତେଗୁଡ଼ିଏ ସ୍କୁଲ ବନ୍ଦ ହୋଇଯିବେ ।**

ଏହାର ଦୁଇଟା କାରଣ ହୋଇପାରେ । ପ୍ରଥମ କାରଣ ହେଲା ଉକ୍ତ ବନ୍ଧୁ କହିବା ସମସ୍ୟା, ଅର୍ଥାତ୍ ସରକାରୀ ସ୍କୁଲରେ ମାଗଣା ମିଳୁଥିବାରୁ ପିଲାମାନେ ଆମ ସ୍କୁଲ ଛାଡ଼ି ଚାଲିଗଲେ । ମାତ୍ର ଏଥିରେ ଚିନ୍ତା କରିବା ଉଚିତ ଯେ ସରକାର ଅନେକ କିଛି ମାଗଣା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାହା ସେ ପୂରଣ କଲେ । ତେଣୁ ପିଲାମାନେ ତାଙ୍କ ସ୍କୁଲକୁ ଚାଲିଗଲେ । ଆମେ କ'ଣ ଆମ ସ୍କୁଲଗୁଡ଼ିକୁ ସରକାରୀ ସ୍କୁଲମାନଙ୍କରେ ମିଳୁଥିବା ସୁବିଧା ସୁଯୋଗ ଉପରେ ନିର୍ଭର କରି ଚଳାଇବା । ଅର୍ଥାତ୍ ସେଠାରେ ମାଗଣା ମିଳିବା ବନ୍ଦ ହୋଇଗଲେ ଆମ ସ୍କୁଲ ଚାଲିବ; ସେଠାରେ ମାଗଣା ମିଳିବା ଆରମ୍ଭ ହୋଇଗଲେ ଆମ ସ୍କୁଲ ବନ୍ଦ ହୋଇଯିବ । ଏହା ସମ୍ପୂର୍ଣ୍ଣ ଅବାନ୍ତର କଥା । ଅସଲ କଥା ହେଲା ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କଲେ; ମାତ୍ର ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ପାଳନ କଲୁ ନାହିଁ । ଆମ ସ୍କୁଲରେ ଅନେକ କିଛି ମାଗଣା ମିଳେ, ଯାହା ଅନେକ ସ୍କୁଲ ଚେଷ୍ଟା କରି ମଧ ଦେଇ ପାରିବେ ନାହିଁ । ମାତ୍ର ଆମେ ତାହା ଦେବାକୁ ଚେଷ୍ଟା କଲୁ ନାହିଁ । ନିଜେ ନ ଦେଇ ଅନ୍ୟମାନେ ଦେଲେ ବୋଲି ତାଙ୍କୁ ଆକ୍ଷେପ କଲୁ । ପ୍ରକୃତ କଥା ହେଲା – ଆମେ ସବୁବେଳେ ସ୍ୱୀକାର କରିଛୁ ଯେ କେବଳ ପାଠ ପଢ଼ାଇବା ଉଦ୍ଦେଶ୍ୟରେ ବା କେତେଗୁଡ଼ିଏ Talent ସୃଷ୍ଟି କରିବା ପାଇଁ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରି ନାହୁଁ । ପ୍ରକୃତରେ ଶିଶୁ ମଧରେ ଥିବା ଅନ୍ତର୍ନିହିତ ସତ୍ତାର ଆବିଷ୍କାର ଏବଂ ତା'ସହିତ ସମ୍ପର୍କ ସ୍ଥାପନ ଫଳରେ ଏକ ବାସ୍ତବ ଶିକ୍ଷା ସମ୍ଭବ ହେବ ବୋଲି ଆମେ ସ୍ୱୀକାର କରିଛୁ । ଏହା ତ ସମ୍ପୂର୍ଣ୍ଣ ମାଗଣା । କାହିଁକି ଏ କଥା ପାଇଁ ଚେଷ୍ଟା କରୁନୁ ! ଆମେ ଯଦି ଏ ଦିଗରେ ସାମାନ୍ୟ ବି ଚେଷ୍ଟା କରିଥା'ନ୍ତେ ତେବେ ହୁଏତ କେହି ବି ପିଲା ଏଠାରୁ ଯାଇ ନଥା'ନ୍ତେ; ସେମାନେ ବାହାର ଚାକଚକ୍ୟରେ ଟିକେ ବି ଭଳି ଯାଇ ନଥା'ନ୍ତେ । କାରଣ ଆମ ପାଖରେ ଥିବା ମା'ଙ୍କ କୃପା, ମା'ଙ୍କ ଉପସ୍ଥିତି, ସାହାଯ୍ୟ ପ୍ରଭୃତି ପାଇଁ ଆମେ ଆଦୌ ଉଦ୍ୟମ କଲେ ନାହିଁ । ଏପରିକି ଆମ କାର୍ଯ୍ୟକ୍ରମରେ ମଧ ଏସବୁ ଆଦୌ ସ୍ଥାନ ପାଇଲେ ନାହିଁ । କେବଳ ଏକ ସାଧାରଣ

ଶିକ୍ଷାକେନ୍ଦ୍ର ଭଳି ନମ୍ବର, ଗ୍ରେଡ୍ ଇତ୍ୟାଦି ଖୋଜିଲୁ । ତେଣୁ ସ୍କୁଲସବୁ ବନ୍ଦ ହୋଇଗଲା ।

ଅନ୍ୟ କାରଣଟି ହେଲା କେତେଗୁଡ଼ିଏ ସ୍କୁଲ ଅଭିଭାବକମାନଙ୍କ ଦାବି ତଥା ସମାଜର ଦାବି ଆଗରେ ମୁଣ୍ଡ ନୁଆଁଇ ପାରିଲେ ନାହିଁ । ତେଣୁ ସନ୍ଧି କରି କୌଣସିମତେ ସ୍କୁଲ ଚଳାଇ ପାରିବେ ନାହିଁ ବୋଲି ବାଧ ହୋଇ ବନ୍ଦ କଲେ । କାରଣ ମା'ଙ୍କ କାର୍ଯ୍ୟ କରିବା ପାଇଁ କେବଳ ପୂର୍ଣ୍ଣାଙ୍ଗ ଶିକ୍ଷା ଗୋଟିଏ ବାଟ ନୁହେଁ, ଅନ୍ୟାନ୍ୟ ଅନେକ ମାର୍ଗ ଅଛି । ଅନ୍ୟକିଛି କରିବାକୁ ଚିନ୍ତା କରି ଗୋଟିଏ ଯେମିତି ସେମିତି ସ୍କୁଲ ଚଳାଇ ରଖିବାକୁ ଚାହିଁଲେ ନାହିଁ, ବନ୍ଦ କରି ଦେଲେ । ଅର୍ଥାତ୍ ସେମାନେ ରଣକ୍ଷେତ୍ର ଛାଡ଼ି ଦେଲେ ।

**୨. ସରକାରୀ ତଥା ସାଧାରଣ ଶିକ୍ଷାକେନ୍ଦ୍ର ସହିତ ତାଳ ଦେଇ ଏବଂ କିଛିଟା ନୂତନତ୍ୱ ରକ୍ଷା କରି ସ୍କୁଲ ଚଳାଇବା ।**

ଏମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅଧିକ । କାରଣ ସ୍କୁଲଟିଏ ଆରମ୍ଭ ହୋଇ ସାରିଛି, ଅନେକ ପ୍ରକାର କାର୍ଯ୍ୟକ୍ରମ ସ୍କୁଲରେ ହେଉଛି । ଅଭିଭାବକମାନେ କିଛିଟା ସନ୍ତୁଷ୍ଟ । କିଛିଟା ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ଅନୁସରଣ କରିବା, ତା' ସାଙ୍ଗରେ ପାଠଚକ୍ର କରିବା, ମାତ୍ର କଡ଼ାକଡ଼ି ଭାବରେ, ନିଷ୍ଠାପର ଭାବରେ, ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ଶିକ୍ଷା ଆଦର୍ଶରେ ସ୍କୁଲ ଚଳାଇବାକୁ ସେମାନେ ସାହସ କଲେ ନାହିଁ । ଅନ୍ତତଃ କିଛିଟା ଶ୍ରୀମା'ଙ୍କ ବାଣୀ ପଢୁଥିବେ, ଏହିଭଳି ଏପଟ ସେପଟ କରି କୌଣସି ବିପଦକୁ ବିଶେଷ ସମ୍ମୁଖୀନ ନହୋଇ ଏକ ଭଲ ସ୍କୁଲର ଅଭିପ୍ରାୟ ରଖି ସ୍କୁଲ ଚଳାଉଥିବେ । ଏମାନେ ପ୍ରାୟତଃ ନିରାପଦ । କାରଣ ସ୍କୁଲ ବନ୍ଦ ହେବାର ସମ୍ଭାବନା ନାହିଁ କିମ୍ବା ଖୁବ୍ ଗୋଟାଏ ଉଚ୍ଚ ଆଦର୍ଶର ପ୍ରକାଶ କରିବାକୁ ପଡ଼ୁ ନାହିଁ । ତଥାପି ମା'ଙ୍କ ଆଦର୍ଶକୁ ଯତ୍‌କିଞ୍ଚିତ୍ ପ୍ରକାଶ କରି ସ୍କୁଲଟିଏ ବର୍ତ୍ତମାନ ପାଇଁ ଚଳାଇ ରଖିବାର ଉଦ୍ୟମ ଜାରୀ ରଖି ସ୍କୁଲଟିଏ ଚାଲିବ । ଅବଶ୍ୟ ଭବିଷ୍ୟତରେ କିଛି ବି ସମ୍ଭବ ହୋଇପାରେ, ଏଥିପାଇଁ ବିଶ୍ୱାସ ବି ଥିବ ।

**୩. ଯେତେ କଷ୍ଟ ହେଉ ପଛେ କେବଳ ମା'ଙ୍କ ଆଦର୍ଶକୁ ଅନୁସରଣ କରି ଏକ ନିଚ୍ଛକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଚଳାଇବା ।**

ଏମାନଙ୍କର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । କାରଣ ଏମାନେ ଯଦିଓ ବିଶ୍ୱାସ ରଖିଛନ୍ତି ଏକ ବାସ୍ତବ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିଶ୍ଚୟ ସମ୍ଭବ ତଥାପି ପରିସ୍ଥିତି ଏତେ ଜଟିଳ ହୋଇ ପଡୁଛି ଯେ ସେମାନେ ସେଇ ଧାରାରେ ଯେତେ ଚେଷ୍ଟା କଲେ ମଧ୍ୟ ପାରି ଉଠିବା ସମ୍ଭବ ହୋଇପାରୁ ନାହିଁ । ମାତ୍ର ସେମାନେ ଆଦୌ ସାହସ ହରାଇ ନାହାନ୍ତି । ବିଶ୍ୱାସ ହାରି ନାହାନ୍ତି । ଯଦି ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ସତ୍ୟ, ଯଦି ତାହା ଅବଶ୍ୟ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ, ତେବେ ଏକ ବାସ୍ତବ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅବଶ୍ୟ ସମ୍ଭବ ହେବ ।

ଆମେ ଜାଣିଛୁ, ଶ୍ରୀମା କହିଛନ୍ତି –

"...We are here to open the way of the Future to children who belong to the Future."

(CWM, Vol. 12, p. 113)

ଅର୍ଥାତ୍, ଆମର କାର୍ଯ୍ୟ ହେଉଛି ଯେଉଁ ଭବିଷ୍ୟତ୍ ନିମନ୍ତେ ପିଲାମାନେ ଉଦ୍ଦିଷ୍ଟ ସେମାନଙ୍କ ପାଇଁ ସେଇ ଭବିଷ୍ୟତର ଦ୍ୱାର ଉନ୍ମୁକ୍ତ କରି ଦେବା ।

ଏହା ଯଦି ଆମର ଲକ୍ଷ୍ୟ, ତେବେ ଆମର ଉଦ୍ୟମ ସେଇ ଦିଗରେହିଁ ପରିଚାଳିତ ହେବ । ଅନେକ ପ୍ରକାରର ଅଭିଜ୍ଞତା ଆସିବ । ଅନେକ ବାଧା ଆସିବ, ମାତ୍ର ମା'ଙ୍କ କୃପା ଉପରେ କେବଳ ଭରସା ରଖି ଏବଂ ନିଜର ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚେତନ ହୋଇ ଯଦି ଆମେ କାର୍ଯ୍ୟ କରି ଚାଲିବା ତେବେ କିଛି ବି ଅସମ୍ଭବ ହେବ ନାହିଁ ।

ଗୋଟିଏ କଥା ମନେରଖିବା 'Never give up' ଅର୍ଥାତ୍, ରଣକ୍ଷେତ୍ର ଛାଡ଼ିବା ନାହିଁ, ହତାଶ ହେବା ନାହିଁ, ହାର ମାନିବା ନାହିଁ, ଆମେ ଜାଣୁ ''ରଣ ସରି ନାହିଁ – ଅରି ମରି ନାହିଁ ।'' କାରଣ ବାସ୍ତବରେ ଯେଉଁ ବିଜୟ ହେବ – ତାହା ହେବ ମା'ଙ୍କ ବିଜୟ । ଆମର ନୁହେଁ ।

❑❑❑

ସକଳ ଆନ୍ତରିକ ପ୍ରାର୍ଥନା ପୂର୍ଣ୍ଣ ହୁଏ, ସକଳ ଆହ୍ୱାନର ଉତ୍ତର ଦିଆଯାଇଥାଏ ।
୨୧ ଜୁଲାଇ, ୧୯୫୪ — ଶ୍ରୀମା

# ପ୍ରକୃତ ବ୍ୟକ୍ତିତ୍ୱ : ଅନ୍ତର୍ନିହିତ ବ୍ୟକ୍ତିତ୍ୱ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ପ୍ରକୃତ ବ୍ୟକ୍ତିତ୍ୱ : ଅନ୍ତର୍ନିହିତ ବ୍ୟକ୍ତିତ୍ୱ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଭାରତୀୟ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ ଏକ ଛୋଟ ସହରର ଦୁଇଜଣ ଯୁବକ । ଦୁହେଁ ତେଜୀୟାନ୍ ଓ ସାହସୀ ଯବାନ ରୂପେ ନିଜ ନିଜର ସହକର୍ମୀ ତଥା ସେନା ଦଳର କପ୍ତାନଙ୍କଠାରୁ ବିପୁଳ ପ୍ରଶଂସା ପାଇଥିଲେ ।

କାରଗିଲ୍ ଯୁଦ୍ଧବେଳେ ଜଣେ ସହିଦ ହେଲେ । ତାଙ୍କ କଳେବର ନିଜ ସହରକୁ ଆସିଲା ଏବଂ ଯଥାର୍ଥ ସାମରିକ ସମ୍ମାନ ସହକାରେ ତା'ର ସତ୍କାର କରାଗଲା । ସହରରୁ ଯାଇଥିବା ଅନ୍ୟ ଯବାନଟି କଫିନ ସହ ଆସିଥାଏ ଏବଂ ସବୁ ବ୍ୟବସ୍ଥା କରୁଥାଏ ।

''ଆମ ମାଟିର ପୁଅ ଦେଶ ପାଇଁ ଜୀବନ ଦେଇ ଆମକୁ ଗୌରବାନ୍ୱିତ କରିଥିବା ଯୋଗୁଁ ସହିଦଙ୍କ ମାତାପିତା ବିଧାତା ସକାଶେ କୃତଜ୍ଞତା ସ୍ୱରୂପ ଗୋଟିଏ ଅନାଥାଶ୍ରମ ପ୍ରତିଷ୍ଠା ନିମନ୍ତେ ସେମାନଙ୍କ ସମସ୍ତ ସଞ୍ଚୟ ଦାନ କରି ଦେଇଛନ୍ତି,'' – ଘୋଷଣା କଲେ ସହରର ପୌରସଭାର ଅଧ୍ୟକ୍ଷ ମହୋଦୟ ।

ହେଲା ବିପୁଳ କରତାଳି ଧ୍ୱନି ।

''ଆମ ପୁଅ ନାମରେ ଆମେ ମଧ୍ୟ ଗୋଟିଏ ଚମତ୍କାର ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଦାନ କରିବା ।'' – ଅନ୍ୟ ଯୁବକଟିର ମାତା ତାଙ୍କ ସ୍ୱାମୀଙ୍କୁ ଚୁପି ଚୁପି କହିଲେ ।

''କିନ୍ତୁ ଆମ ପୁଅ ତ ସୌଭାଗ୍ୟକୁ ସହିଦ ହୋଇ ନାହିଁ !'' – ଯୁବକର ପିତା ନିଜ ବିସ୍ମୟ ବ୍ୟକ୍ତ କଲେ ।

''ଆମ ପୁଅର ସେଭଳି ସୌଭାଗ୍ୟ ଯୋଗୁଁ କ'ଣ ଆମେ ବିଧାତା ପାଖରେ କୃତଜ୍ଞ ହେବା ଉଚିତ ନୁହେଁ ?'' – ଉତ୍ତର ଦେଲେ ସେ ଜ୍ଞାନୀ ମହିଳା ।

''ବ୍ୟକ୍ତିତ୍ୱ ବିକାଶ'' ଭଳି ଅଭିବ୍ୟକ୍ତି ଶୁଣିବା ମାତ୍ରେ ଆମ ମାନସ ଚକ୍ଷୁରେ ଫୁଟିଉଠେ ବେଶ୍ ଉଜ୍ଜ୍ୱଳ ଏବଂ ସୁଠାମ ଚେହେରା, ଆକର୍ଷଣୀୟ ବେଶପୋଷାକ ସହ ଉପଯୁକ୍ତ ଆଦବ କାଇଦାର ସମାହାର । ଏସବୁର ଯଥାର୍ଥ ମୂଲ୍ୟ ରହିଛି, କିନ୍ତୁ ପ୍ରକୃତ ବ୍ୟକ୍ତିତ୍ୱ ଆନ୍ତର ଚେତନାର ବିକାଶରେ ନିହିତ । ସଙ୍କଟବେଳେ, କଠିନ ପରୀକ୍ଷାବେଳେ ଜଣକର ଦୃଶ୍ୟମାନ ବ୍ୟକ୍ତିତ୍ୱ ଝାଉଁଳି ପଡ଼ିବ । କିନ୍ତୁ ଆଭ୍ୟନ୍ତରୀଣ ବ୍ୟକ୍ତିତ୍ୱ ଯେକୌଣସି ପରିସ୍ଥିତିରେ ନିଜକୁ ନମ୍ର ଭାବରେ ଜାହିର କରୁଥିବ ।

'ନବପ୍ରକାଶ'ର ଚଳିତ ବର୍ଷ ଏପ୍ରିଲ ସଂଖ୍ୟାରେ ନମ୍ରତା ସମ୍ପର୍କରେ କିଛି ସୂଚନା ଦିଆଯାଇଥିଲା । ''ବ୍ୟକ୍ତିତ୍ୱ-ବିକାଶ'' ଶିରୋନାମାରେ ଏ ସନ୍ଦର୍ଭମାଳାର ଏହି କିସ୍ତିରେ ଅନ୍ୟ ଏକ

ଅମୂଲ୍ୟ ଗୁଣ କଥା କୁହାଯାଉଛି । ତାହା କୃତଜ୍ଞତାବୋଧ । ଉପରୋକ୍ତ ଘଟଣା ଆମକୁ ଏହି ଶିକ୍ଷା ଦିଏ — ଆମେ ସଙ୍କଟରୁ ମୁକୁଳିଲେ ବିଧାତା ପାଖରେ କୃତଜ୍ଞତା ଜଣାଇଥାଉଁ; କିନ୍ତୁ ନିୟତ ଆମେ ଯେ କେତେ ସଙ୍କଟରୁ ମୁକ୍ତ ହୋଇ ରହିଛୁ, ସେ ପାଇଁ ଆମ ଜୀବନର ଉତ୍ସ ଏବଂ ପରିଚାଳକ ଯେଉଁ ଅଜ୍ଞାତ ଶକ୍ତି ତା' ପାଖରେ କୃତଜ୍ଞତା ପ୍ରକାଶ କରିବାର ଆବଶ୍ୟକତା ଅନୁଭବ କରୁନା ।

ଆମେ ସଚରାଚର ଆମର ଅହଂଭାବ ଦ୍ୱାରା ଆମ ଆଚାର ବ୍ୟବହାର ଏବଂ ଆଚରଣକୁ ପରିଚାଳିତ କରୁ । ଅହଂଭାବର ଗୋଟାଏ ବିଶେଷ ସମସ୍ୟା ହେଲା ତାହା ଆମକୁ ଅଧିକ ଜ୍ଞାନ ଆହରଣରୁ ପ୍ରାୟ ନିବୃତ୍ତ କରି ରଖେ । ନମ୍ରତା ଏବଂ କୃତଜ୍ଞତାବୋଧ ଆମକୁ ସର୍ବଦା ଗ୍ରହଣଶୀଳ କରି ରଖିଥାଏ, ଆମ ଶିକ୍ଷାଲାଭ ପ୍ରବୃତ୍ତିକୁ ସଜାଗ ଓ ସଜୀବ କରି ରଖିଥାଏ ।

ଉପରଠାଉରିଆ ଭାବେ ଅନେକଙ୍କ ମନରେ ଏମିତି ଏକ ପ୍ରଶ୍ନ ଉଠିଥାଏ, ଅହଂଭାବ ନଥିଲେ ମୁଁ ନିଜକୁ ଜାହିର କରିବି କିପରି ? ନିଜକୁ ଜାହିର ନକଲେ ମୋ ବ୍ୟକ୍ତିତ୍ୱ ସ୍ୱୀକୃତ ହେବ କିପରି ?

ଏହା ଖାଲି ଭ୍ରାନ୍ତ ନୁହେଁ, ଏକ ଉଦ୍ଭ୍ରାନ୍ତ ଧାରଣା । ସଚରାଚର ସମସ୍ତେ ଅହଂ ଦ୍ୱାରା ପରିଚାଳିତ, ସମସ୍ତେ ନିଜ ନିଜକୁ ଜାହିର କରିବାକୁ ଉଦ୍ୟତ । ତେଣୁ ଆପଣଙ୍କର ସେହି ଧରଣର ମାନସିକତା ସହ ଅନ୍ୟମାନଙ୍କ ମାନସିକତାର ସଂଘର୍ଷ ଅନିବାର୍ଯ୍ୟ । ସେ ସଂଘର୍ଷ ପ୍ରକାଶ୍ୟ ହେଉ ବା ଅପ୍ରକାଶ୍ୟ ହେଉ । କିନ୍ତୁ ଆପଣ ଯଦି ବିନା ଉତ୍ତେଜନାରେ ଆପଣଙ୍କ ଭାବନା ଅଥବା ସଂକଳ୍ପ ଉପସ୍ଥାପନ କରିବେ, ତାହା ଶୀଘ୍ର ହେଉ ବା ବିଳମ୍ବରେ ହେଉ ଅନ୍ୟମାନଙ୍କ ମନ ଭିତରକୁ ପ୍ରବେଶ କରିବାକୁ ସକ୍ଷମ ହେବ । ସେତିକିବେଳେ ଆପଣ ଅନୁଭବ କରିପାରିବେ ଯେ ଯଥାର୍ଥରେ ଅପଣଙ୍କ ବ୍ୟକ୍ତିତ୍ୱ ବିକଶିତ ହୋଇଛି ।

ଆତ୍ମବିଶ୍ୱାସ ଅପରିହାର୍ଯ୍ୟ — ଏକଥା ସମସ୍ତେ କହିବେ, କିନ୍ତୁ ଆତ୍ମବିଶ୍ୱାସର ଉତ୍ସ ଆତ୍ମା, ଆତ୍ମାର ଉତ୍ସ ପରମାତ୍ମା । ଆପଣଙ୍କ ଆତ୍ମବିଶ୍ୱାସ ସେହିଠାରୁ ଆସିବ । ସେହି ମହାଶକ୍ତିକୁ ନିରବରେ ଆହ୍ୱାନ କରି ତା' ସହ ସମ୍ପର୍କ ରଖନ୍ତୁ । ଅଧ୍ୟାତ୍ମ-ବିଜ୍ଞାନୀମାନେ ଆମକୁ ଏହି ପରାମର୍ଶ ଦିଅନ୍ତି ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୨୨ - ୨୫) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ସୁନିଲ-ଦା'
## (୪)

ଇତି ମଧ୍ୟରେ ସୁନିଲ କଲିକତାର ଏକ ମର୍ଯ୍ୟାଦାସମ୍ପନ୍ନ କଲେଜ 'ସେଣ୍ଟ୍ ଜାଭିୟାର୍ସ୍'ରେ ବିଜ୍ଞାନ ଛାତ୍ର ରୂପେ ଭର୍ତ୍ତି ହୋଇଛନ୍ତି । ସେ ରସାୟନ ଶାସ୍ତ୍ରରେ ବିଶେଷ ଜ୍ଞାନାର୍ଜନ କରିବା ପାଇଁ ସ୍ନାତକ ପାଠ୍ୟକ୍ରମରେ 'ଅନର୍ସ' ରଖିଥିଲେ । କିନ୍ତୁ କହିବା ବାହୁଲ୍ୟ ଛାତ୍ରାବସ୍ଥାରୁହିଁ ସେ ଯେକୌଣସି ବିଷୟରେ ମନୋନିବେଶ କରୁଥିଲେ, ସେଥିରେ ସେ ନିଶ୍ଚିତ ରୂପେ ପାରଦର୍ଶିତା ହାସଲ କରି ପାରୁଥିଲେ । ଏହା ଥିଲା ତାଙ୍କର ସ୍ୱଭାବସିଦ୍ଧ ଚରିତ୍ରବତ୍ତା ।

ଏହି ସମାନ ଦଶନ୍ଧିରେ ଘରେ ତାଙ୍କର ସମ୍ପର୍କୀୟ ଭାଇଙ୍କଠାରୁ 'ସିତାର୍' ବାଦନ ଅଭ୍ୟାସ କରି ସେଥିରେ ବେଶ୍ ପାରଦର୍ଶିତା ଅର୍ଜନ କରିଥିଲେ ।

ପୁନଶ୍ଚ ସେତେବେଳେ କଲିକତାରେ ଏକ ପ୍ରସିଦ୍ଧ ଫୁଟବଲ କ୍ଲବ୍ ଥିଲା – 'ଫ୍ରେଣ୍ଡସ୍ ୟୁନିୟନ୍ କ୍ଲବ୍' । ଏଥିରେ ଥିଲା ଦୁଇଟି 'ଦଳ' : 'ଟିମ୍-ଏ' ଏବଂ 'ଟିମ୍-ବି' । ସୁନିଲ ଜୁନିୟର୍ ଥିବାରୁ 'ଟିମ୍-ବି'ରେ ଯୋଗ ଦେଇଥିଲେ । ଉପରୋକ୍ତ କ୍ଲବ୍‌ର ପରିଚାଳକ ମଣ୍ଡଳୀ କିନ୍ତୁ 'ଟିମ୍-ଏ'କୁ ଏକାଧିକ ମ୍ୟାଚ୍ ଖେଳିବାର ସୁଯୋଗ ଦେଉଥିଲେ ଏବଂ 'ଟିମ୍-ବି'ର କପାଳରେ କଦବା କେବେ ମ୍ୟାଚ୍‌ଟିଏ ଖେଳିବାର ସୁଯୋଗ ମିଳୁଥିଲା । ତେଣୁ ସୁନିଲଙ୍କର ପ୍ରରୋଚନାରେ 'ଟିମ୍-ବି'ର ସମସ୍ତ ସଦସ୍ୟ ସିଦ୍ଧାନ୍ତ ନେଲେ ଯେ ଏକ ସ୍ୱତନ୍ତ୍ର କ୍ଲବ୍ ଗଠନ କରିବାକୁ ଏବଂ ଏହାର ନୂତନ ନାମକରଣ କଲେ – 'ଫ୍ରେଣ୍ଡସ୍ ଆଥଲେଟିକ୍ କ୍ଲବ୍' । ...

ଏହି ସମୟସୀମା ମଧ୍ୟରେ ଥରେ କଲିକତାରେ 'ଇଣ୍ଟର୍ କଲେଜିଏଟ୍ ଚେସ୍ ଚମ୍ପିଆନ୍‌ସିପ୍'ର କାର୍ଯ୍ୟକ୍ରମ ସ୍ଥିର କରାଗଲା । ଏହି ସତରଞ୍ଜ (ଚେସ୍) ଖେଳର ପ୍ରତିଯୋଗିତାରେ ସୁନିଲ ସର୍ବୋତ୍କୃଷ୍ଟ ଖେଳାଳି ଭାବେ ବିବେଚିତ ହୋଇଥିଲେ । ଏହି ପ୍ରତିଯୋଗିତା ସମ୍ବନ୍ଧେ ପରବର୍ତ୍ତୀ କାଳରେ ସୁନିଲ ଆଶ୍ରମ ସ୍କୁଲରେ ତାଙ୍କର ଛାତ୍ରଗଣଙ୍କୁ ଉଲ୍ଲେଖ କରିଥିବା ତାଙ୍କର ଚିତ୍ତାକର୍ଷକ ଅନୁଭୂତି : ''ଏହି ପ୍ରତିଯୋଗିତାର ଶେଷ ପର୍ଯ୍ୟାୟରେ ମୁଁ ଖେଳୁଥିଲି । ହଠାତ୍ ମୁଁ ସଚେତନ ହୋଇ ଉଠିଲି ଯେ ଖେଳରେ ମୋର ସ୍ଥିତି ସେତେ ଦୃଢ଼ ନୁହେଁ ଏବଂ ସେହି ସମାନ ମୁହୂର୍ତ୍ତରେ ମୋର ହଠାତ୍ ସ୍ମରଣରେ ଆସିଲା – ଖବରକାଗଜରେ ପ୍ରକାଶ ପାଇଥିବା ଚେସ୍ ଖେଳର ଶେଷାଂଶରେ ଜଣେ ଖେଳାଳିଙ୍କର ହୋଇଥିବା ଏକ ଚିତ୍ତାକର୍ଷକ ଉପଲବ୍ଧିର କଥା । ଏବଂ ଖେଳରେ ମୋର ବର୍ତ୍ତମାନର ସ୍ଥିତି ପ୍ରାୟ ତଦନୁରୂପ ଅବସ୍ଥାର ଏକେବାରେ ନିକଟତର ସ୍ଥିତିରେ ଉପନୀତ ହୋଇଛି । ତେଣୁ ମୁଁ ସ୍ଥିର ମସ୍ତିଷ୍କରେ ମୋର ସେହି ଉପଲବ୍ଧ ଜ୍ଞାନର ସଦୁପଯୋଗ କରି ଖେଳିବାରେ ମନୋନିବେଶ କଲି । ... ମୁଁ ମୋର ସୈନ୍ୟ ଗୋଟି (piece) ବ୍ୟତୀତ ଅନ୍ୟସବୁ ଗୋଟିକୁ ଧୀରେ ଧୀରେ ହରାଇବାକୁ ବସିଲି । ମୋର ଏହି ବିଚିତ୍ର ଧରଣର ଖେଳ ଦେଖି ଉପସ୍ଥିତ ମୋର ସମସ୍ତ ସମର୍ଥକ ଅଧିକରୁ ଅଧିକ ଉଦ୍‌ବିଗ୍ନ ହୋଇ ଉଠିଲେ ଏବଂ ପରସ୍ପର ମଧ୍ୟରେ ଅସ୍ପଷ୍ଟ ସ୍ୱରରେ କୁହାକୁହି ହେବାକୁ ଲାଗିଲେ – 'what is he doing ?' ଏଥର ମୁଁ ମୋର ହାତୀ (rook) ଗୋଟି, ଘୋଡ଼ା (knight) ଗୋଟି ଏବଂ ପ୍ରାୟ ସବୁକିଛି ହରାଇ ବସିଲି । ମୋର ପ୍ରତିଦ୍ୱନ୍ଦ୍ୱୀ ଭିତରେ ଭିତରେ ଆନନ୍ଦରେ କୁରୁଳି ଉଠୁଥିଲେ ଏବଂ ଦୃଢ଼ନିଶ୍ଚିତ ଥିଲେ ଯେ ଏଥର ମୋର ଚରମ ପରାଜୟ ଉପସ୍ଥିତ । କିନ୍ତୁ ଏହି ଚରମ ପର୍ଯ୍ୟାୟରେ କ'ଣ ଘଟିଲା ? ସେତେବେଳକୁ ମୁଁ ଗୋଟିଏ ହାତୀ (rook), ଏପରିକି ମୋର 'କୁଇନ୍' (ଯାହାକି ଏହି ଖେଳରେ ଶକ୍ତିଶାଳୀ ଗୋଟି)କୁ ମଧ୍ୟ ହରାଇ ବସିଥିଲି । ପରିଶେଷରେ ଅନ୍ତିମ ପର୍ଯ୍ୟାୟରେ ମୁଁ ମୋର ଉପଲବ୍ଧ ଜ୍ଞାନକୁ କାର୍ଯ୍ୟରେ ଲଗାଇଲି ଏବଂ ମୋର ଗୋଟିଏ ହାତୀ ଏବଂ ସାଧାରଣ ସୈନିକ (pawn) ସହିତ ମୋର ପ୍ରତିଦ୍ୱନ୍ଦ୍ୱୀଙ୍କର ରାଜା (king)କୁ ଅଚଳ ଅବସ୍ଥାରେ ପକାଇ 'Checkmate' ଘୋଷଣା କଲି ।'' ଏହି ଘଟଣାଟି ବର୍ଣ୍ଣନା କରିବାର ମୌଳିକ ଉଦ୍ଦେଶ୍ୟ ହେଉଛି ସୁନିଲ ତାଙ୍କର ଛାତ୍ରାବସ୍ଥାରୁହିଁ ଯେକୌଣସି କାର୍ଯ୍ୟ ହାତକୁ ନେଉଥିଲେ ସେଥିରେ ପାରଦର୍ଶିତା ଅର୍ଜନ କରି ପାରୁଥିଲେ ।

ପ୍ରସଙ୍ଗକ୍ରମେ ଏଠାରେ ଆଶ୍ରମ ସ୍କୁଲର ପୁରାତନ ଛାତ୍ର ରଙ୍ଗନାଥଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''ଆଶ୍ରମକୁ ଆସିବାର ଅଳ୍ପ କିଛି ଦିନ ପରେ ସୁନିଲ-ଦା' ଆଶ୍ରମର ଫୁଟବଲ ଟିମ୍‌ରେ

ସଦସ୍ୟ ହୋଇଥିଲେ । ତା'ପରେ ଫୁଟବଲ ଟିମ୍‌ର କ୍ୟାପଟେନ୍ ହେଲେ । ଏହି ଖେଳରେ ସେ ଅତ୍ୟନ୍ତ ଦ୍ରୁତଗତିରେ ଦୌଡ଼ି ପାରୁଥିବାରୁ ସ୍ୱାଭାବିକ ଭାବେ ପ୍ରତିଦ୍ୱନ୍ଦ୍ୱୀଗଣ ତାଙ୍କଠାରୁ ଖୁବ୍ ଜୋର୍‌ରେ ଧକ୍‌କା ଖାଉଥିଲେ । ସେ ଥିଲେ ଆଶ୍ରମ ଟିମ୍‌ର ସେଣ୍ଟର୍ ଫରୁଆଡ଼୍ । ଏହି ସମୟକାଳରେ ଶ୍ରୀମା ଆଶ୍ରମ ଫୁଟବେଲ ଟିମ୍‌କୁ କେବେ କେବେ ସ୍ଥାନୀୟ ଅଥବା ଅଳ୍ପ ଦୂରରେ ଥିବା ଫୁଟବେଲ ଟିମ୍ ସହିତ ପ୍ରତିଯୋଗିତାମୂଳକ ଖେଳରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରୁଥିଲେ । ଏବଂ ସେ କେବେ ବି ଚାହୁଁ ନଥିଲେ ତାଙ୍କ ସନ୍ତାନମାନେ ବାହାର ଖେଳାଳିଙ୍କ ଦ୍ୱାରା ପରାଜିତ ହୁଅନ୍ତୁ ବୋଲି । ସେଥର କାଡ଼ାଲୋର୍‌ର ଟିମ୍ ସହିତ ଆଶ୍ରମ ଟିମ୍‌ର ମ୍ୟାଚ୍ ଥିଲା । ଖେଳରେ ଆଶ୍ରମ ଟିମ୍ ସେମାନଙ୍କୁ ୧-୦ ଗୋଲରେ ପରାସ୍ତ କରିଥିଲେ । ଶ୍ରୀମା ଯେତେବେଳେ ଜାଣିଲେ ଆଶ୍ରମ ଟିମ୍ ମାତ୍ର ଗୋଟିଏ ଗୋଲ୍‌ରେ ଜିତିଛନ୍ତି, ସେ ଏହି ମର୍ମରେ ମନ୍ତବ୍ୟ ଦେଲେ – ତୁମେମାନେ ମାତ୍ର ଗୋଟିଏ ଗୋଲରେ ଜିତିଛ ? ସେଇଠୁ ସୁନିଲ-ଦା' ଶ୍ରୀମା'ଙ୍କୁ ଏହି ମର୍ମରେ ବୁଝାଇ ଦେଇଥିଲେ ଯେ ମା, ଏହି ପ୍ରତିଯୋଗିତାଟି ଥିଲା ଅତ୍ୟନ୍ତ ପ୍ରଶଂସନୀୟ; କାରଣ ଦୁଇ ପକ୍ଷ କହିବାକୁ ଗଲେ ଥିଲେ ସାମର୍ଥ୍ୟରେ ସମକକ୍ଷ ଖେଳାଳୀ । ଖେଳଟି ପ୍ରଥମରୁହିଁ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା, ଶେଷ ପର୍ଯ୍ୟନ୍ତ ଦୁଇ ପକ୍ଷ ଆପ୍ରାଣ ଚେଷ୍ଟା କରି ମଧ୍ୟ କେହି କାହାକୁ ହରାଇ ପାରୁ ନଥିଲେ । ଶେଷରେ ଆମେ ଆମର ସର୍ବୋତ୍କୃଷ୍ଟ ସାମର୍ଥ୍ୟ ଖଟାଇ ସେମାନଙ୍କୁ ଅତ୍ୟନ୍ତ ବିଶ୍ୱସନୀୟ ଭାବରେ (quite convincingly) ୧-୦ ଗୋଲରେ ପରାଜିତ କରିବାରେ ସାଫଲ୍ୟ ଅର୍ଜନ କରିଛୁ । ...''

ପୁନଶ୍ଚ ସୁନିଲଙ୍କର ସ୍ମୃତିକଥାରୁ ଉଦ୍ଧୃତି :''ମୋର ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ଅଧିକରୁ ଅଧିକ ହୃଦୟଙ୍ଗମ କରୁଥିଲି ଯେ କଲିକତାର ବାସଭବନରେ ପରିବାରବର୍ଗଙ୍କ ଗହଣରେ ରହି ମଧ୍ୟ ମୋ ବାପା ନିଃସଙ୍ଗ । କାରଣ ମୋ ବାପା ଥିଲେ ଜଣେ ନିୟମନିଷ୍ଠ ପରମ୍ପରାଗତ କୁଳୀନ ବ୍ରାହ୍ମଣ । ... ଆଉ ମୋ ମାଆ ମୋର ଜନ୍ମ ହେବାର ଅବ୍ୟବହିତ ପରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁଗାମୀ ହୋଇ ଉଠି ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଜୀବନ ବିତାଉଥିଲେ । ... ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ କ୍ରମଶଃ ଶ୍ରୀମାଶ୍ରୀଅରବିନ୍ଦଙ୍କ ଭାବଧାରା ପ୍ରତି ଆକୃଷ୍ଟ ହୋଇ ଉଠୁଥିଲେ । ତେଣୁ ଏହି ପରିସ୍ଥିତିରେ କେବଳ ମୁଁ ହିଁ ବାପାଙ୍କର ଚିର ସହଚର ଥିଲି । ...''

*

ନଳିନୀକାନ୍ତ ଗୁପ୍ତଙ୍କର ଜ୍ୟେଷ୍ଠ ପୁତ୍ର ରଞ୍ଜୁ ଗୁପ୍ତଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''୧୯୪୨ ମସିହାରେ କଲିକତାରେ ଥିବା ଶ୍ରୀଅରବିନ୍ଦ 'ସାଧନ-କେନ୍ଦ୍ର' ସହିତ ସମ୍ପର୍କିତ ଛଅ ଜଣ ବ୍ୟକ୍ତି ଆଶ୍ରମକୁ ଏପ୍ରିଲ ଦର୍ଶନକୁ ଆସିଥିଲେ । ଏହି ଛଅ ଜଣ ଥିଲେ – ଇନ୍ଦୁମୁଖୀ ଭଟ୍ଟାଚାର୍ଯ୍ୟ (ସୁନିଲଙ୍କର ମାଆ), ପ୍ରତିଭା ଦତ୍ତ (ସତ୍ୟଜିତ ରାୟଙ୍କର ସମ୍ପର୍କୀୟା), ସୁନିଲ, ଅନିଲ (ସୁନିଲଙ୍କର ଅଗ୍ରଜ), ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏବଂ ରଞ୍ଜୁ (ମୁଁ) । ଶ୍ରୀମା କୁଆଡ଼େ ଏହି ମର୍ମରେ ଶ୍ରୀଅରବିନ୍ଦଙ୍କୁ କହିଥିଲେ ଯେ ଏହି ଦର୍ଶନକୁ ଛ'ଜଣ ସ୍ୱତନ୍ତ୍ର ଜୀବାତ୍ମା ଆସିଛନ୍ତି ।''

ପରବର୍ତ୍ତୀ କାଳରେ ସୁନିଲ ଉଲ୍ଲେଖ କରିଥିଲେ : ''ଏପ୍ରିଲ ୧୯୪୨ରେ ଆଶ୍ରମକୁ ମୁଁ ମୋର ଆତ୍ମୀୟଙ୍କ ସହିତ ଦର୍ଶନାର୍ଥୀ ହୋଇ ପ୍ରଥମ ଆସିଥିଲି । ... ପନ୍ଦର ଦିନ ବିତାଇବା ପରେ ଆମେ କଲିକତାକୁ ଫେରି ଯାଇଥିଲୁ । ... ଦୁଇ ମାସ ପରେ ପରିସ୍ଥିତି ଏପରି ଉପୁଜିଲା ଯେ ମୋତେ ପଣ୍ଡିଚେରୀକୁ ଫେରି ଆସିବାକୁ ହେଲା । ... ପରିଶେଷରେ ମୁଁ ହୋଇ ଉଠିଲି ଜଣେ ପଣ୍ଡିଚେରୀବାସୀ ଏବଂ ଏବେ ମୁଁ ଏଠାରୁ ଅନ୍ୟ କୌଣସି ସ୍ଥାନକୁ ଯିବା କଥା ଭାବି ବି ପାରୁ ନାହିଁ ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ଅତୀତକୁ ଅତୀତ ହୋଇ ରହିବାକୁ ଦିଅ ।
ପରମ ଶାଶ୍ୱତ ହୁଅନ୍ତୁ ତୁମର ଏକାଗ୍ରତାର ଏକମାତ୍ର କେନ୍ଦ୍ର ବିନ୍ଦୁ ।
*ଆଶୀର୍ବାଦ* – ଶ୍ରୀମା

ପ୍ରଣାମ ନାରୀଶକ୍ତି (୧୨) :

# ପାର୍ବତୀ ଗିରି

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ନିମନ୍ତେ ଓଡ଼ିଆ ଯୋଦ୍ଧାମାନେ ନିଜ ଜୀବନକୁ ବିପନ୍ନ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଏପରିକି ନାରୀ ସ୍ୱାଧୀନତା ସଂଗ୍ରାମୀମାନେ ମଧ୍ୟ ସାହସିକତାର ସହ ପୋଲିସର ଲାଠି ମାଡ଼ର ସମ୍ମୁଖୀନ ହେଉଥିଲେ ଏବଂ କାରାରୁଦ୍ଧ ବି ହେଉଥିଲେ । ସେମାନେ ତାଙ୍କର ଶୈଶବାବସ୍ଥା ବା ଯୌବନାବସ୍ଥାର ସ୍ୱଚ୍ଛଳ ଓ ସୁଖମୟ ଜୀବନ ପରିତ୍ୟାଗ କରିଥିଲେ ମଧ୍ୟ ସେଥିପାଇଁ କେବେ ବି ଅନୁତପ୍ତ ବା ଦୁଃଖିତ ନଥିଲେ । ବରଂ ଏହି ସଂଗ୍ରାମର ସମ୍ମୁଖ ରଣରେ ସେମାନେ ଅବତୀର୍ଣ୍ଣା ହୋଇ ଗୌରବ ଅନୁଭବ କରୁଥିଲେ ।

ବିଂଶ ଶତାବ୍ଦୀର ଆରମ୍ଭରେ ଯେତେବେଳେ ଗୋପବନ୍ଧୁ ଓ ଗାନ୍ଧିଙ୍କର ଡାକରାରେ ସମଗ୍ର ଓଡ଼ିଶା ସ୍ୱାଧୀନତା ପାଇଁ ଜାଗ୍ରତ୍ ହୋଇ ଉଠିଛି, ଉପକୂଳ ଓଡ଼ିଶାରେ ନାରୀନେତ୍ରୀମାନେ ବିପ୍ଳବକୁ ଆଗେଇ ନେବାରେ ନେତୃତ୍ୱ ନେଉଛନ୍ତି, ସେହି ସମୟରେ ସେମାନେ କେବଳ ଯେ ନାରୀ ଶିକ୍ଷା, ବାଲ୍ୟବିବାହ, ପରଦାପ୍ରଥା ଉପରେ ସଚେତନତା ସୃଷ୍ଟି କରିଥିଲେ ତା' ନୁହେଁ; ଭାରତର ସ୍ୱାଧୀନତା, ଜାତୀୟ ଐକ୍ୟ ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପାଇଁ ମଧ୍ୟ ପ୍ରଚାର କରିଥିଲେ ।

ନାରୀ ସ୍ୱାଧୀନତା ସଂଗ୍ରାମୀ ଏବଂ ସାମାଜିକ କର୍ମୀମାନଙ୍କର ଉତ୍ଥାନ ପାଇଁ ପାର୍ବତୀ ଗିରି ପ୍ରୟାସ କରିଥିଲେ । ତାଙ୍କର ଜନ୍ମ ହୋଇଥିଲା ବରଗଡ଼ ଜିଲ୍ଲାର (ସେତେବେଳକାର ସମ୍ବଲପୁର ଜିଲ୍ଲା) ବିଜେପୁର ବ୍ଲକ ଅନ୍ତର୍ଗତ ଏକ ଛୋଟ ଗ୍ରାମ ସମଲାଇପଦରରେ, ୧୯୨୬ ମସିହା ଜାନୁଆରୀ ୧୯ ତାରିଖ ଦିନ । ତାଙ୍କର ପିତାଙ୍କ ନାମ ଧନଞ୍ଜୟ ଗିରି ଏବଂ ମା'ଙ୍କ ନାମ ଶ୍ରୀମତୀ । ଚାରିଜଣ ସନ୍ତାନଙ୍କ ମଧ୍ୟରେ ପାର୍ବତୀ ଥିଲେ ପ୍ରଥମ ସନ୍ତାନ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ସମଲାଇପଦର ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ । ଉଚ୍ଚ ଶିକ୍ଷା ନିମିତ୍ତ ତାଙ୍କର ଇଚ୍ଛା ଥିଲେ ମଧ୍ୟ ସେ ଆଗକୁ ଯାଇପାରି ନଥିଲେ । ଏହି ସମୟରେ ସ୍ୱାଧୀନତା ସଂଗ୍ରାମୀ ତାଙ୍କ କକା ରାମଚନ୍ଦ୍ର ଗିରି ଏବଂ ଭାଗିରଥି ପଟ୍ଟନାୟକ ଏହି ଗ୍ରାମରେ ସ୍ୱାଧୀନତା ସଂଗ୍ରାମର କାର୍ଯ୍ୟକଳାପ ସମ୍ବନ୍ଧରେ ପ୍ରଚାର କରୁଥିଲେ । ଏମାନଙ୍କ ବ୍ୟତୀତ ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ଚୌଧୁରୀ, ଘନଶ୍ୟାମ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ମିଶ୍ର, ଫକିରା ବେହେରା, ପ୍ରାଣକୃଷ୍ଣ ପଢ଼ିଆରୀ, ଶିବନାରାୟଣ ପାଢ଼ୀ ଓ ଅନ୍ୟମାନେ ସମଲାଇପଦର ଓ ପାଣିମୋରାରେ ପହଞ୍ଚି ପ୍ରଚାର କରୁଥିଲେ ।

ଏହି ସମୟରେ ଦେଶବାସୀଙ୍କର ଉନ୍ନତି ପାଇଁ କାମ କରିବାକୁ କିଶୋରୀ ପାର୍ବତୀ ସଂକଳ୍ପ କଲେ । ତାଙ୍କର କକା ରାମଚନ୍ଦ୍ର ଗିରି ଥିଲେ ଲକ୍ଷ୍ମୀନାରାୟଣ ମିଶ୍ର, ଦୁର୍ଗାପ୍ରସାଦ ଗୁରୁ, ଭାଗିରଥି ପଟ୍ଟନାୟକ ଏବଂ ତାଙ୍କର ପତ୍ନୀ ଜାମ୍ବବତୀ ପଟ୍ଟନାୟକଙ୍କର ସହଯୋଗୀ । ଯେତେବେଳେ ଏହି ସଂଗ୍ରାମୀମାନେ ସମଲାଇପଦର ଗ୍ରାମକୁ ଯାଇ ସ୍ୱାଧୀନତା ସଂଗ୍ରାମର ଲକ୍ଷ୍ୟ ଓ ବିପ୍ଳବ ବିଷୟରେ ଆଲୋଚନା କଲେ, ସେମାନଙ୍କର ମର୍ମସ୍ପର୍ଶୀ ଭାଷଣରେ ପାର୍ବତୀ ଅଭିଭୂତ ହୋଇ ଗଭୀର ଭାବରେ ପ୍ରଭାବିତ ହେଲେ । ସେ ଜଣେ କିଶୋରୀ ଥିଲେ ବି ଗୃହ ପରିତ୍ୟାଗ କରି ବିପ୍ଳବରେ ଯୋଗ ଦେବାକୁ ଦୃଢ଼ ପ୍ରତିଜ୍ଞ ହେଲେ ଏବଂ କଂଗ୍ରେସ ପାଇଁ ଗ୍ରାମରୁ ଗ୍ରାମକୁ ଅଭିଯାନ କରି ପ୍ରଚାର କରିବାକୁ ଆରମ୍ଭ କରିଦେଲେ । ବୟସ୍କ କଂଗ୍ରେସ ନେତାମାନେ ମଧ୍ୟ ତାଙ୍କ ପିତାଙ୍କୁ ଅନୁରୋଧ କଲେ ସ୍ୱାଧୀନତା ସଂଗ୍ରାମର ନିଃସ୍ୱାର୍ଥପର କାମରେ ପାର୍ବତୀଙ୍କ ସହଯୋଗ ପାଇଁ ଅନୁମତି ଦେବାକୁ ।

ବିପ୍ଳବୀ ନେତ୍ରୀ ମାଳତୀ ଦେବୀ ଚୌଧୁରୀ, ପାର୍ବତୀ ଗିରି ଏବଂ ବରଗଡ଼ର ଜଣେ ବାଲ୍ୟ ବିଧବା ପ୍ରଭାବତୀ ଦେବୀଙ୍କୁ ପ୍ରବର୍ତ୍ତାଇ ୧୯୩୭ ମସିହା ନଭେମ୍ବର ୧୮ ତାରିଖ ଦିନ ଖଦି ବସ୍ତ୍ର ପିନ୍ଧାଇ ଥିଲେ । ସେଦିନ ସମାଜର ଲୋକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହର ସହ ଦେଶପ୍ରେମ ବୋଧ ଦେଖା ଦେଇଥିଲା । ତେବେ ଏ ଦୁଇ ବାଳିକାଙ୍କୁ ନିଜ ନିଜ ପରିବାରର ସଦସ୍ୟମାନେ ଏ ପ୍ରକାର ବିପଦପୂର୍ଣ୍ଣ କାର୍ଯ୍ୟରୁ ବିରତ ରହିବା ପାଇଁ ବହୁତ ବୁଝାଇ ଥିଲେ, ମାତ୍ର ସେମାନେ ଏଥିରେ ବିଫଳ ହୋଇଥିଲେ । ତା'ପରେ ଏ ଦୁଇଜଣଙ୍କୁ ଯାଜପୁରର ବରି ଆଶ୍ରମକୁ ନେବା ପାଇଁ ମାଳତୀ ଦେବୀ ବ୍ୟବସ୍ଥା କଲେ । ସେ ଏହି ଯାତ୍ରାର

ଦାୟିତ୍ୱ ଦେଇଥିଲେ ଭାଗିରଥି ଓ ଜାମ୍ବବତୀ ଦେବୀଙ୍କୁ । ତେବେ ସେ ସମୟରେ ଗମନାଗମନର ଘୋର ଅସୁବିଧା ଥିବାରୁ ସେମାନଙ୍କର ଯାତ୍ରା ଖୁବ୍ ଯନ୍ତ୍ରଣାଦାୟକ ଥିଲା ।

ବରି ଯିବା ରାସ୍ତାରେ ଆଡ଼ିଗାଁ (Arigaon)ରେ ରେବା ରାୟଙ୍କ ଘରେ ସେମାନେ ବିଶ୍ରାମ ନେଇ ତା' ପରଦିନ ପୁଣି ଯାତ୍ରାରମ୍ଭ କରି ଗନ୍ତବ୍ୟ ସ୍ଥାନରେ ପହଞ୍ଚିଥିଲେ । ସେମାନେ ଆଶ୍ରମରେ ଗୋପବନ୍ଧୁ ଚୌଧୁରୀ ଓ ରମା ଦେବୀଙ୍କୁ ଭେଟିଲେ । ସେହି ସମୟରେ ରମାଦେବୀଙ୍କ ଦ୍ୱାରା ବରି ଆଶ୍ରମ ପରିଚାଳିତ ହେଉଥିଲା । ତେବେ ସାମାଜିକ ସ୍ୱାଧୀନତା ଆଣିବାରେ ସେମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସେମାନେ ବହି ପଢ଼ିବା ଓ ସୂତାକାଟିବା କାର୍ଯ୍ୟ କଲେ ଏବଂ ହରିଜନ କଲୋନିକୁ ସଫା କରିବାରେ ଭାଗ ନେଲେ । ବରି ଆଶ୍ରମରେ ଦୁଇବର୍ଷ ରହିବା ପରେ ସାକ୍ଷୀଗୋପାଳରେ ହୋଇଥିବା କଂଗ୍ରେସ ଅଧିବେଶନରେ ସେମାନେ ସ୍ୱେଚ୍ଛାସେବୀ ସଙ୍ଗଠନରେ ଭାଗ ନେଲେ, ଯାହାକି ବହୁତ ପ୍ରେରଣାଦାୟକ ଥିଲା ।

ସେ ସମୟରେ ଉନ୍ନତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ କେନ୍ଦ୍ର କରି ଆଶ୍ରମ ସବୁ ପ୍ରତିଷ୍ଠା କରାଯାଇଥିଲା । ଏହାକୁ 'ସଂଗ୍ରାମୀ ଶିବିର' ଏବଂ 'ଅହିଂସା ତୀର୍ଥ' ବୋଲି ନାମିତ କରାଯାଇଥିଲା । ଆଶ୍ରମର ପରିବେଶ ପାର୍ବତୀଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ସେଠାରେ ପରସ୍ପର ପ୍ରତି ସ୍ନେହ ମମତାର ପରିବେଶରେ ସେ ଅଭିଭୂତ ହୋଇ ଉଠିଲେ ଏବଂ ଆଶ୍ରମରେ କୁଟୀରଶିଳ୍ପର ଶିକ୍ଷା ଗ୍ରହଣ କରିବାକୁ ଆରମ୍ଭ କଲେ ।

ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରରେ ପରିମଳ କାର୍ଯ୍ୟ ସକାଶେ ପ୍ରତି ଘରେ ବରପାଲି ପାଇଖାନା ବ୍ୟବହାର ପାଇଁ ଉତ୍ସାହିତ କରାଯାଉଥିଲା । ଏଥିରେ ପାର୍ବତୀଙ୍କ ସକ୍ରିୟ ଭୂମିକା ଥିଲା ।

ମହାତ୍ମା ଗାନ୍ଧୀଙ୍କର 'କୁଟି ଖାଅ, କାଟି ପିନ୍ଧ' ବାଣୀରେ ପାର୍ବତୀ ବହୁତ ପ୍ରଭାବିତ ହୋଇଥିଲେ । ସେ ବରଗଡ଼, ଘେଁସ, ପାଣିମୋରା, ବରପାଲି, ସରନ୍ଦାପଲ୍ଲୀ, ପଦମପୁର, ସମ୍ବଲପୁର ଓ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଯାତ୍ରା କରି ସମାଜର ବିଭିନ୍ନ ବର୍ଗର ନାରୀ, ପୁରୁଷଙ୍କୁ ଭେଟି ତାଙ୍କ ସହିତ ଆଲୋଚନା କରି ସୂତା କାଟିବା, ଲୁଗା ବୁଣିବା ଓ ଖଦୀ ପିନ୍ଧିବା ଉପରେ ଗୁରୁତ୍ୱାରୋପ କଲେ । ଗାନ୍ଧିଜୀ ଏହାକୁ କହିଥିଲେ ଖଦୀ-ଆନ୍ଦୋଳନ । ସ୍ୱାଧୀନତା ସଂଗ୍ରାମରେ ରାଜନୈତିକ ଓ ଆର୍ଥିକ ମାନଦଣ୍ଡ ପାଇଁ ଏହାହିଁ ଥିଲା ତାଙ୍କର ପ୍ରଚାର ।

୧୯୪୨ ମସିହାରେ ଗାନ୍ଧୀଜୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ (Quit India Movement) ଚାଲିଲା । ପାର୍ବତୀ ଏହି ପରିସ୍ଥିତିରେ ଥିଲେ ଜଣେ ରାଜନୈତିକ ଯୋଦ୍ଧା । ଆଇନଭଙ୍ଗ କରି ବିପ୍ଳବରେ ଲିପ୍ତ ରହିବାରୁ ବହୁ ନେତାଙ୍କୁ କାରାରୁଦ୍ଧ କରାଗଲା । ଏହି ସମୟରେ ପାର୍ବତୀଙ୍କୁ ମଧ୍ୟ ପୋଲିସ ବନ୍ଦି କରିଥିଲା, ମାତ୍ର ବୟସରେ ଛୋଟ ଥିବାରୁ ତାଙ୍କୁ ମୁକ୍ତ କରି ଦିଆଗଲା । ଏଥିରେ ପାର୍ବତୀ ନିରୁତ୍ସାହିତ ହେବା ପରିବର୍ତ୍ତେ ଅଧିକ ଦମ୍ଭ ଓ ସାହସିକତାର ସହ ଜାତୀୟ ପତାକା- ତ୍ରିରଙ୍ଗାକୁ ଧରି ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ ।

ଏକଦା ସେ ଏବଂ କିଛି ବ୍ୟକ୍ତି ବରଗଡ଼ କୋର୍ଟ ରୁମ୍ ମଧ୍ୟକୁ ପ୍ରବେଶ କରି ଜୋର୍‌ରେ ସରକାର ବିରୋଧୀ ସ୍ଲୋଗାନ ଦେଲେ । ଯେଉଁମାନେ କୋର୍ଟ ରୁମ୍ ଛାଡ଼ି ଚାଲିଗଲେ ନାହିଁ, ସେମାନଙ୍କୁ ହାତରେ ପିନ୍ଧିବା ପାଇଁ ଏହି ବିପ୍ଳବୀ ଟିମ୍ ଦୁଇ ଦୁଇଟି ବଳା ଦେଲେ । ଏହା ଥିଲା ଓକିଲମାନଙ୍କୁ ଘୋର ଅପମାନ । ସେତିକିରେ ବି ଏମାନଙ୍କର କାମ ସରି ନଥିଲା । ପୁନଶ୍ଚ ମାଜିଷ୍ଟ୍ରେଟ୍‌ଙ୍କ ଅନୁପସ୍ଥିତିରେ ତାଙ୍କ ରୁମ୍‌କୁ ପ୍ରବେଶ କରି ତାଙ୍କ ଚଉକିକୁ ଅକ୍ତିଆର କରି ନେଲେ । ସେମାନଙ୍କ ମଧ୍ୟରୁ ଜଣେ ପିଅନ ଭାବରେ ଓ ଅନ୍ୟ ଜଣେ ଓକିଲ ଭାବରେ ଅଭିନୟ ଆରମ୍ଭ କରି ଦେଲେ । ଯେତେବେଳେ ମାଜିଷ୍ଟ୍ରେଟ୍ ରୁମ୍‌କୁ ପ୍ରବେଶ କଲେ, ପାର୍ବତୀ ପିଅନକୁ ନିର୍ଦ୍ଦେଶ ଦେଲେ ତାଙ୍କୁ ଆଣି ଏଠାରେ ଦଉଡ଼ିରେ ବାନ୍ଧି ଦେବା ପାଇଁ । ଏ ପ୍ରକାର ବ୍ୟବହାରରେ ପୋଲିସମାନେ ଉତ୍‌କ୍ଷିପ୍ତ ହୋଇ ପାର୍ବତୀଙ୍କୁ ଚଉକିରୁ ଓହ୍ଲାଇ ଆସିବାକୁ କହିଲେ । ପରେ ତାଙ୍କୁ ବନ୍ଦି ଓ କାରାରୁଦ୍ଧ କରାଗଲା । ସେ ସମ୍ବଲପୁର ଜେଲରେ ଦୁଇ ବର୍ଷ ରହିବା ପରେ ମୁକ୍ତ ହେଲେ । ସେତେବେଳେ ଝିଅମାନେ ବାହାରକୁ ଗୋଡ଼ କାଢ଼ୁ ନଥିବା ବେଳେ ପାର୍ବତୀଙ୍କର ଏପରି ସାହସ ଓ ଦେଶପ୍ରେମ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟି ଥିଲା ।

ଭାରତ ସ୍ୱାଧୀନ ହେବା ପରେ ମାତୃଭୂମିର ଉନ୍ନତି ପାଇଁ ପାର୍ବତୀ ଶତ୍ରୁ, ମିତ୍ର ସମସ୍ତଙ୍କ ପାଇଁ କାମ କରିବାକୁ ଲାଗିଲେ । ୧୯୭୩ ମସିହା ବେଳକୁ ରାଜ୍ୟରେ ଦାରିଦ୍ର୍ୟ ଅବସ୍ଥା ଏପରି ଥିଲା ଯେ ଅଧିକାଂଶ ଶିଶୁ ନିଜର ଜଣେ ବା ଉଭୟ ଅଭିଭାବକଙ୍କୁ ହରାଉଥିଲେ । ଶିଶୁମାନେ କୁ-ପୋଷଣ ଓ ଅପୁଷ୍ଟିର ଶିକାର ହୋଇଥିଲେ । ସେମାନଙ୍କୁ ଥଇଥାନ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ୧୨ ଏକର ଜମିରେ ଆଶ୍ରମ କରି ଥଇଥାନର ବ୍ୟବସ୍ଥା କରିବା ପାଇଁ

ପଦକ୍ଷେପ ନେଲେ । ତେବେ ଏହି ଆଶ୍ରମ ପରିଚାଳନା ପାଇଁ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କୁ ଖୋଜା ପଡ଼ିଲା । ଏହି କାର୍ଯ୍ୟ କରିବା ପାଇଁ ଆଗେଇ ଆସିଥିଲେ ପାର୍ବତୀ ଗିରି । ଏ ଅନୁଷ୍ଠାନ ସରକାର ଗଢ଼ି ଥିଲେ ମଧ୍ୟ ଏହାର ସମସ୍ତ ପ୍ରକାର ପରିଚାଳନା ଦାୟିତ୍ୱ ପାର୍ବତୀଙ୍କ ଉପରେ ନ୍ୟସ୍ତ ଥିଲା । ତାଙ୍କ ପ୍ରତି ସ୍ଥାନୀୟ ଅଧିବାସୀଙ୍କର ପୂର୍ଣ୍ଣ ସହଯୋଗ ଓ ଅପାର ବିଶ୍ୱାସ ଥିଲା । ତାଙ୍କର ପିଲାମାନଙ୍କ ପ୍ରତି ସେବା ଓ ବାତ୍ସଲ୍ୟ ଭାବ ଯୋଗୁଁ ସେ ''ବଡ଼ମା' ଭାବରେ ପରିଚିତ ହେଲେ । ପୁନଶ୍ଚ ସେ ୪୯ଜଣ ଅନାଥ ଶିଶୁଙ୍କୁ ସତ୍ୟଭାମାପୁର କସ୍ତୁରବା କେନ୍ଦ୍ରରେ ଆଶ୍ରୟ ଦେଇଥିଲେ । ଏପରି କି ସେ ନିଜେ ମଧ୍ୟ ଏକ ଅନାଥାଶ୍ରମ ସ୍ଥାପନା କରିଥିଲେ । ତା'ର ନାମ ଥିଲା 'କସ୍ତୁରବା ଗାନ୍ଧୀ ମହିଳା ନିକେତନ' । ଏହା ପାଇକମାଳ ବ୍ଲକରେ ଶ୍ରୀ ଶ୍ରୀ ନୃସିଂହ ନାଥ ମନ୍ଦିର ନିକଟରେ ଅବସ୍ଥିତ । ସେ ମଧ୍ୟ ଅନ୍ୟ ଏକ ସଂସ୍ଥା ସ୍ଥାପନା କରିଥିଲେ । ତା'ର ନାମ ଥିଲା 'ଡାକ୍ତର ଆଇଜାକ୍ ସନ୍ତା ବାଳ ନିକେତନ' । ଏହା ସମ୍ବଲପୁର ଜିଲ୍ଲାର ଯୁଜୋମରା ବ୍ଲକ ଅଧୀନସ୍ଥ 'ଫୁଲଝରଣ'ରେ ଅବସ୍ଥିତ । ତାଙ୍କର ସେବା ଓ ତ୍ୟାଗ ଏତେ ନିଃସ୍ୱାର୍ଥପର ଥିଲା ଯେ ୧୯୯୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ରାଜ୍ୟସଭା ସଦସ୍ୟ ପଦ ଗ୍ରହଣ ପାଇଁ କହିଥିଲେ; ମାତ୍ର ପାର୍ବତୀ ନମ୍ରତାର ସହ ଏହି ରାଜନୈତିକ ପଦକୁ ପ୍ରତ୍ୟାଖ୍ୟାନ କରି ସମାଜ ସେବାରେହିଁ ମନୋନିବେଶ କରିଥିଲେ ।

ପାର୍ବତୀ ଜେଲର ଉନ୍ନତି ପାଇଁ ଏବଂ କୁଷ୍ଠରୋଗ ନିରାକରଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ତାଙ୍କର ବିଶ୍ୱାସ ଥିଲା 'କର୍ମ ମୋହର ନିଜ ଗୁରୁ'– ଏହି ନୀତିବାକ୍ୟ ଉପରେ । ଶ୍ରଦ୍ଧାରେ ତାଙ୍କୁ 'ପଶ୍ଚିମ ଓଡ଼ିଶାର ମଦର ଟେରେସା' ବୋଲି କୁହାଯାଏ । ସେ ପୁଣି 'ବହ୍ନିକନ୍ୟା' ଓ 'ବଡ଼ମା' ଭାବରେ ପରିଚିତା ।

ଏଇ ପରିପ୍ରେକ୍ଷୀରେ ସୂଚନାଯୋଗ୍ୟ ଯେ ୧୯୭୮ ମସିହାରେ ପ୍ରତିଷ୍ଠିତ ହୋଇଥିବା Bargarh Women's Collegeର ନାମ ପରିବର୍ତ୍ତନ କରାଯାଇ Parbati Giri Women's College, Bargarh କରିବାକୁ Regional Director of Education (RDE), Sambalpurଙ୍କ ଠାରୁ ଏକ ପ୍ରସ୍ତାବ ଆସିଛି । ବର୍ତ୍ତମାନର College Principal ପ୍ରଦୀପ କୁମାର ହୋତା ଏଥିରେ ସହମତ ହୋଇଛନ୍ତି ।

ପାର୍ବତୀ ଗିରି କ୍ୟାନସର ଓ ଜଣ୍ଡିସ୍‌ରେ ପୀଡ଼ିତ ହୋଇ ୧୯୯୫ ମସିହା ଅଗଷ୍ଟ ୧୭ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ, ମାତ୍ର ଜନ-ମାନସରେ ତାଙ୍କର ସ୍ମୃତି ଅମର ହୋଇ ରହିଛି । କେବଳ ସମଲାଇପଦରର ମାଟି ଯେ ତାଙ୍କୁ ମନେ ରଖିଛି ତା' ନୁହେଁ, ପ୍ରତ୍ୟେକ ଦେଶପ୍ରେମୀ ତା' ହୃଦୟରେ ପାର୍ବତୀଙ୍କ ପାଇଁ ଶ୍ରଦ୍ଧା ଓ ସମ୍ମାନର ଏକ ସ୍ୱତନ୍ତ୍ର ସ୍ଥାନ ସାଇତି ରଖିଛି ।

ଆମେ ଏହି ବହ୍ନିକନ୍ୟା, ବହୁ ଚର୍ଚ୍ଚିତା ମହୀୟସୀ ମହିଳାଙ୍କୁ ପ୍ରଣିପାତପୂର୍ବକ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

(ତଥ୍ୟସବୁ Internet ରୁ ସଂଗୃହୀତ ।) ❑

କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି, ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବା ବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ ତୁମେ ଯାହା ବି କରନା କାହିଁକି, ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ''ମୁଁ ଅଭୀପ୍ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।''

– ଶ୍ରୀମା

# ଅମୂଲ୍ୟ ମୋତି

## ଦୌଲତ ପାଣ୍ଡେ

ମୂଳ ଭୂଖଣ୍ଡରୁ ବହୁ ଦୂରରେ ଭାରତ ମହାସାଗରର ଗଭୀରତମ ଅଞ୍ଚଳରେ ଏକଦା ଏକ ସୁନ୍ଦର ଦ୍ୱୀପ ଥିଲା । ବହୁମୂଲ୍ୟ ସୁନ୍ଦର ମୁକ୍ତା ସୃଷ୍ଟି କରୁଥିବା ଶାମୁକାମାନେ ଦ୍ୱୀପ ଚାରିପାଖ ସମୁଦ୍ରରେ ବାସ କରୁଥିବାରୁ ଦ୍ୱୀପଟି ଅତି ବିଖ୍ୟାତ ଥିଲା । ଏହାର ଜଳ ଏଡ଼େ ସ୍ୱଚ୍ଛ ଓ ନିର୍ମଳ ଥିଲା ଯେ ଏଥିରେ ପହଁରୁଥିବା ମାଛମାନେ ପବନରେ ଦୋଳି ଖେଳୁଥିବା କୂଳର ନଡ଼ିଆ ଓ ତାଳଗଛର ବାହୁଙ୍ଗାସବୁକୁ ଅନାୟାସରେ ଦେଖି ପାରୁଥିଲେ । ସେହି ଜଳରାଶିରେ ପାଲ ମେଲି ଚାଲିଯାଉଥିବା ପଣ୍ୟବାହୀ ଜାହାଜସବୁ ମଧ୍ୟ ମାଛମାନଙ୍କ ଦୃଷ୍ଟିଗୋଚର ହେଉଥିଲା ।

ଜଳଭାଗର ବାଲୁକାଶଯ୍ୟାରେ ଛୋଟ ବଡ଼ ବହୁତ ଶାମୁକା ରହୁଥିଲେ । ବୁଡ଼ାଳିମାନେ ଶାମୁକାରୁ ମୁକ୍ତା ସଂଗ୍ରହ କରିବା ପରେ ସେମାନଙ୍କ ମାଂସ ଖାଉଥିଲେ ଅଥବା ଖୋଳପାଗୁଡ଼ିକୁ ପୁଣି ସମୁଦ୍ରକୁ ଫୋପାଡ଼ି ଦେଉଥିଲେ । ଏହି ଶାମୁକାମାନେ ଅତ୍ୟନ୍ତ ପରଶ୍ରୀକାତର ଥିଲେ । ପରସ୍ପରର ଦୋଷ ଖୋଜି ବାହାର କରିବାରେ ସେମାନେ ସର୍ବଦା ତତ୍ପର ଥିଲେ । ଦିନେ ଏକ ଚାନ୍ଦିନୀ ରାତିରେ ଶାମୁକାମାନେ ନିଜ ନିଜର ବଡ଼ିମା ଦେଖାଇବା ପାଇଁ ସେହି ଜଳରାଶିରେ ଏକାଠି ହେଲେ । ସେତିକିବେଳେ ଏକ ହୃଷ୍ଟପୁଷ୍ଟ ବିରାଟ ଶାମୁକା ଅଣନିଃଶ୍ୱାସୀ ହୋଇ ଉତ୍ତେଜିତ ଭାବେ ଦୌଡ଼ି ଦୌଡ଼ି ଆସି କହିଲା – 'କହିଲ ଦେଖି ମୁଁ ଆଜି କ'ଣ ଦେଖିଲି ?' ଶାମୁକାଟିଏ ଉତ୍ତରରେ କହିଲା – 'ଗୋଟିଏ ହାଙ୍ଗର ମାଛ ଦେଖିଥିବ, ଆଉ କ'ଣ ?' ଅନ୍ୟ ଏକ ଶାମୁକା କହିଲା – 'ଜାହାଜରେ ବସି ଯାଉଥିବା ସୁନ୍ଦରୀ ରାଜକୁମାରୀକୁ ଦେଖିଥିବ ।' ଛୋଟ ଶାମୁକାଟିଏ କହିଲା – 'ତୁମେ ନିଶ୍ଚୟ ଏକ ନୂଆ ନକ୍ଷତ୍ର ଦେଖିଥିବ ।' ବିରାଟ ଶାମୁକାଟି କହିଲା – 'ତୁମେମାନେ କେହି ଠିକ୍ କହି ପାରିଲ ନାହିଁ । ଆମ ଗହଣରେ ଏକ ନୂଆ ଶାମୁକା ଆସି ପହଞ୍ଚିଥିବାର ମୁଁ ଦେଖିଲି ।' ଏହା ଶୁଣି ଶାମୁକାମାନେ ଅତ୍ୟନ୍ତ କୌତୂହଳୀ ହୋଇଉଠିଲେ ଏବଂ ବଡ଼ ଶାମୁକାଟିକୁ ଘେରିଯାଇ ନାନାଦି ପ୍ରଶ୍ନ ପଚାରିବାରେ ଲାଗିଲେ । ନୂଆ ଶାମୁକାଟି ଦେଖିବାକୁ କିପରି, ତା' ଭିତରେ ମୁକ୍ତା ଅଛି ତ ? ଏପରି ନାନାଦି ପ୍ରଶ୍ନ ପଚାରି ତାକୁ ଅସ୍ତବ୍ୟସ୍ତ କରି ପକାଇଲେ । ଏ ପ୍ରକାର ପ୍ରଶ୍ନବାଣରେ ଶାମୁକାଟି ବିରକ୍ତି ପ୍ରକାଶ କରିବାରୁ ଅନ୍ୟମାନେ ଦୂରେଇ ଯାଇ ନୀରବ ରହିଲେ । ତା'ପରେ ବିରାଟ ଶାମୁକାଟି ଆରମ୍ଭ କଲା – 'ସେଇ ମାଟିଆ ଉଚ୍ଚ ପାହାଡ଼ ଚାରିପାଖରେ ମୁଁ ବୁଲୁଥିଲି । ହଠାତ୍ ଏକ କୁତ୍ସିତ ଏବଂ କଦାକାର ଶାମୁକାଟିଏ ଦେଖିଲି । ତା' ବିଷୟରେ ଅଧିକ ଜାଣିବା ପାଇଁ ତା' ଆଡ଼କୁ ଯିବା ମାତ୍ରେ ସେଇଟି ଲାଜରେ ପାହାଡ଼ ସେପାଖରେ ଲୁଚିଗଲା ।' ଏ କଥା ଶୁଣିବା ମାତ୍ରେ ଅନ୍ୟ ଶାମୁକାମାନେ କହିଉଠିଲେ – 'ବିଚରା ଏଡ଼େ ଅସୁନ୍ଦର ପ୍ରାଣୀଟି ଆମ ଭିତରେ କିଭଳି ରହିପାରନ୍ତା ! ଆମ ପଡ଼ା ପାଇଁ ତାହା ହେବ ଏକ ଲଜ୍ଜାଜନକ ଘଟଣା । ଭଲ ହେଲା, ସେ ଯାଉ ଅନ୍ୟ କେଉଁଠି ରହିବ ।'

ଶାମୁକାମାନେ କୌତୂହଳ ସମ୍ବରଣ କରିପାରିଲେ ନାହିଁ । ତହିଁ ପରଦିନ ପଥର ଓ ଅରମା ଘାସ ସନ୍ଧିରେ ସେହି ଅସୁନ୍ଦର ପ୍ରାଣୀଟିକୁ ଖୋଜିବାରେ ଲାଗିଲେ । ସତକୁ ସତ ସେମାନେ ସବୁଜ ମିଶା ମାଟିଆ ରଙ୍ଗର ଏକ ବଡ଼ ଶାମୁକା ଦେଖିବାକୁ ପାଇଲେ । ତା'ର ଖୁବ୍ ନିକଟକୁ ଯାଇ ଗୋଟିଏ ଶାମୁକା ସାହସ ବାନ୍ଧି ପଚାରିଲା – 'ତୁମେ ଏଠାକୁ କିପରି ଆସିଲ ? ତୁମ ଭିତରେ ଯଦି ମୁକ୍ତା ଅଛି ତେବେ ଆମକୁ ଦେଖାଅ ।' ଆଗନ୍ତୁକ ଶାମୁକାଟି ଲାଜରା ହୋଇ କହିଲା – 'ତୁମେମାନେ ଯେପରି ଏଠାକୁ ଆସି ରହିଛ, ମୁଁ ବି ସେପରି ଆସିଛି । ମୁଁ ବି ତୁମକୁ ମୁକ୍ତାଟିଏ ଦେଖାଇ ପାରିବି ।' ବିରାଟ ମୋଟା ଶାମୁକାଟି ଆଗନ୍ତୁକ ଶାମୁକାକୁ ତାହାର ମୁକ୍ତାଟିକୁ ଦେଖାଇବାକୁ ନିର୍ଦ୍ଦେଶ ଦେଲା ଏବଂ ରୁକ୍ଷ ସ୍ୱରରେ କହିଲା – 'ତୁମ ଚେହେରା ଠାରୁ ତୁମ ମୁକ୍ତାଟି ନିଶ୍ଚୟ ସୁନ୍ଦର ହୋଇଥିବ ।' ପଡ଼ାର ଗୋଟିଏ ଶାମୁକା କହିଲା – 'ଏଡ଼େ ଅପରିଚ୍ଛନ୍ନ ଶାମୁକାର ମୁକ୍ତା କେବେ ବି ଧଳା ହୋଇ ନ ଥିବ ।' ସମସ୍ତେ ତା'ର ମୁକ୍ତାଟିକୁ ଦେଖିବାକୁ ଉଦ୍‌ବିଗ୍ନ ହୋଇଉଠିଲେ । ଅନ୍ୟ ଏକ ଶାମୁକା ତା'ର ପେଟ ଭିତରକୁ ଉଙ୍କିମାରି ଦେଖିବା ମାତ୍ରେ ମୁହଁ ବୁଲାଇ ଦେଇ ଚିତ୍କାର କରି କହି ଉଠିଲା – 'ଦେଖିଲ ତ ମୁକ୍ତାଟି କେଡ଼େ ଅସୁନ୍ଦର ଏବଂ ଅରୁଚିକର !

ସତରେ ମୁକ୍ତାଟି ତାହାରି ପରି କଳା ।' ମୋଟା ମୁରବି ଶାମୁକାଟି କହିଲା – 'ମୁଁ ତ ଆଗରୁ ତୁମମାନଙ୍କୁ ସେହି କଥା କହିଥିଲି । ଆଉ ଅଧିକ କ'ଣ ଆଶା କରିଥାଆନ୍ତ ?' ବିଚରା ନବାଗତ ଶାମୁକାଟି ଏ ପ୍ରକାର ମନ୍ତବ୍ୟ ଶୁଣି ବଡ଼ ଅପମାନିତ ଓ ଆହତ ବୋଧ କଲା । ସଙ୍ଗେ ସଙ୍ଗେ ତା'ର ଖୋଳପାକୁ ବନ୍ଦ କରି ସ୍ଥାନ ଛାଡ଼ି ଚାଲିଗଲା ।

ସାଧାରଣ ଚେହେରାର ଶାମୁକାଟିଏ ତା' ପ୍ରତି ସହାନୁଭୂତି ପ୍ରକାଶ କରି କହିବାର ଶୁଣାଗଲା – 'ତା' ପ୍ରତି ଏପରି ରୁକ୍ଷ ବାକ୍ୟ ବ୍ୟବହାର କରିବା ଉଚିତ ହେଲା ନାହିଁ । ଆମ ଭିତରୁ ଜଣକୁ ଯଦି ଏପରି ବ୍ୟବହାର କରାଯାଇଥା'ନ୍ତା, କହିଲ ଦେଖି ଆମକୁ କିପରି ଲାଗିଥା'ନ୍ତା ?' ଏ କଥା ଶୁଣି ଅନ୍ୟ ଏକ ଶାମୁକା କହିଲା – 'ଆମ୍ଭମାନଙ୍କ ଚେହେରା ବେଶ୍ ସୁନ୍ଦର । ଏପରି ଅସୁନ୍ଦର ପ୍ରାଣୀଟି ସଙ୍ଗରେ ରହିବାକୁ ଆମେ ପସନ୍ଦ କରୁନା । ତୁମର ଯଦି ତା' ପ୍ରତି ଏତେ ଦରଦ, ତେବେ ତୁମେ ଯାଉ ନାହଁ ତା ସାଙ୍ଗରେ ରହିବ ।' ଏହା ଶୁଣିବା ମାତ୍ରେ ଆଗନ୍ତୁକ ଶାମୁକାଟି ଫେରି ଯାଉ ଯାଉ କହିଲା – 'ତୁମେ ଯଦି ଏହା ଚାହୁଁଛ, ତେବେ ମୁଁ ଯାଉଛି ଅନ୍ୟ କେଉଁଠି ଶାନ୍ତିରେ ରହିବି ।'

ଏହି ଘଟଣାର ଠିକ୍ ପରେ ପ୍ରବଳ ଘୂର୍ଣ୍ଣି ଝଡ଼ ଦ୍ୱୀପଟିର ସ୍ଥିତିକୁ ଦୋହଲାଇ ଦେଲା । ପ୍ରବଳ ବାତ୍ୟା କ୍ରୂର ଭୈରବୀ ରୂପ ଧାରଣ କଲା ଏବଂ ଉତ୍ତାଳ ତରଙ୍ଗମାଳା ମହାସାଗରର ଗଭୀରତମ ଅଂଶକୁ ଖୋଳି ତାଡ଼ି କୂଳରେ ଅଜାଡ଼ି ଦେଲା । ନବାଗତ ଶାମୁକାଟି ତାହାର ବାସସ୍ଥାନରୁ ଛିଟିକି ଆସି ଏକ ପଥର ଉପରେ ପଡ଼ିଲା । ମୁକ୍ତା-ସନ୍ଧାନୀ ଏକ ଧୀବର ତାକୁ ପାଇ ଘରକୁ ନେଇଗଲା । ଘରେ ଶାମୁକାର ଖୋଳପା ଖୋଲି ଦେଖିଲା ତା' ଭିତରେ ଏକ ଅଦ୍ଭୁତ ପ୍ରକାର ମୁକ୍ତା ଅଛି । ଧୀବର ତତ୍‌କ୍ଷଣାତ୍ ତାକୁ ସହରର ଏକ ମୁକ୍ତା ବଣିକ ପାଖକୁ ନେଇ ଦେଖାଇଲା, ଏବଂ ତା' ଭିତରେ ଥିବା ମୁକ୍ତାର ଗୁଣମାନ ଜାଣିବାକୁ ଆଗ୍ରହ ପ୍ରକାଶ କଲା । ବଣିକଟି ଶାମୁକାର ଖୋଳପାକୁ ସାମାନ୍ୟ ଖୋଲି ଆଶ୍ଚର୍ଯ୍ୟ ପ୍ରକଟ କରି କହିଲା – 'ଏହା ଏକ ଅସାଧାରଣ ସୁନ୍ଦର କଳା ମୁକ୍ତା । ଏହାକୁ କେଉଁଠୁ ପାଇଲ ?' ଦ୍ୱୀପର ଏକ ଉଚ୍ଚ ପାହାଡ଼ ଉପରୁ କିପରି ଶାମୁକାଟିକୁ ଆବିଷ୍କାର କଲା ଧୀବର ତାହା ବନେଇ ଚୁନେଇ ବଣିକକୁ ବଖାଣିଲା । ମୁକ୍ତା ବଦଳରେ ବଣିକଠାରୁ ଆଶାତୀତ ଭାବେ କିଛି ସ୍ୱର୍ଣ୍ଣ ମୁଦ୍ରା ପାଇ ଧୀବର ସଙ୍ଗେ ସଙ୍ଗେ ନିଜ ସ୍ତ୍ରୀକୁ ଏହି ସୁସମ୍ବାଦ ଦେବା ପାଇଁ ଘରକୁ ଦୌଡ଼ିଗଲା ।

ଶାମୁକା ଏବଂ ତା' ଗର୍ଭସ୍ଥ ସୁନ୍ଦର ମୁକ୍ତାଟିକୁ ବଣିକ ପାଖରେ ଦେଖି ବହୁ ଲୋକ ପ୍ରଶଂସା କଲେ । ଅସୁନ୍ଦର କଳା ଶାମୁକାଟିକୁ ପଡ଼ାର ଅନ୍ୟ ଶାମୁକାମାନେ ଏଭଳି ଅରୁଚିକର ଓ ଅଭଦ୍ର ବ୍ୟବହାର ପ୍ରଦର୍ଶନ କରିଥିଲେ ଯେ ଲୋକମାନଙ୍କ ପ୍ରଶଂସାବାଣୀ ତାକୁ ସ୍ୱପ୍ନ ଭଳି ବୋଧ ହେଲା । ସେ ତା'ର କାନକୁ ବିଶ୍ୱାସ କରିପାରିଲା ନାହିଁ । ଏକ ସୁନ୍ଦର ମଖମଲ ଖୋଳରେ ରଖି ତାକୁ ସମ୍ରାଟ ଆକବରଙ୍କ ରାଜପ୍ରାସାଦକୁ ପଠାଇ ଦିଆଗଲା । ଜହୁରୀମାନେ ଶାମୁକାର ଖୋଳପା ଭିତରୁ ସୁନ୍ଦର କଳା ମୋତିଟିକୁ ବାହାର କରି ସମ୍ରାଟଙ୍କ ମୁକୁଟରେ ଖଞ୍ଜି ଦେଲେ । ଶାମୁକାଟିକୁ ମଧ୍ୟ ରାଜଉଦ୍ୟାନର ସରୋବରରେ ସମ୍ମାନଜନକ ଭାବେ ଛାଡ଼ି ଦିଆଗଲା । ସମ୍ରାଟ ଆକବର ଯେତେଦିନ ପର୍ଯ୍ୟନ୍ତ ଥିଲେ ବନ୍ଧୁମାନଙ୍କ ନିକଟରେ ମୋତିଟିର ଉଚ୍ଚ ପ୍ରଶଂସା କରୁଥିଲେ । ଅତି ଅସୁନ୍ଦର ଗୋଟିଏ ମାମୁଲି ଶାମୁକାର ଖୋଳପା ଭିତରେ ଥିବା ଅସାମାନ୍ୟ କଳା ମୋତିଟିର ଏଇ କାହାଣୀ ଶୁଣି ବଡ଼ପାଟିଆ ଏଙ୍ଗଲ୍ ମାଛଟି ତାହାର ସାଥୀକୁ କହିବାର ଶୁଣାଗଲା – ''କେବଳ ବାହାର ଚେହେରା ଦେଖି କିଏ ଭଲ, କିଏ ମନ୍ଦ ବିଚାର କରିହେବ ନାହିଁ । ଅପରିଚ୍ଛନ୍ନ ଅସୁନ୍ଦର ଶାମୁକା ପେଟରେ ସୁନ୍ଦର ଅମୂଲ୍ୟ ମୋତିଟିଏ ବି ଲୁଚି ଥାଇପାରେ ।''

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି

❑❑❑

ସହ୍ୟ କର, ତେବେହିଁ ତୁମେ ଜୟ ଲାଭ କରିବ । ଭଗବାନ୍ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି ।

– ଶ୍ରୀମା

**ପିଲାଙ୍କ ବିଶ୍ୱ-ସାହିତ୍ୟ :**

# ଭେନିସ୍‌ର ବଣିକ

## ରଙ୍ଗନାଥ ହୋତା

ଆଜିକୁ ପ୍ରାୟ ସାତଶହ ବର୍ଷ ତଳେ ଇଟାଲୀର ରାଜଧାନୀ ଭେନିସ୍‌ରେ ଦୁଇଜଣ ବଣିକ ଥିଲେ : ଆଣ୍ଟୋନିଓ ଏବଂ ସାଇଲକ୍ । ଦୁହେଁ ଖୁବ୍ ଧନୀ । କିନ୍ତୁ ଆଣ୍ଟୋନିଓ ସରଳ, ଦୟାଳୁ, ଉଦାର, ସ୍ନେହୀ ଏବଂ ବନ୍ଧୁବତ୍ସଳ; ଅନ୍ୟ ପକ୍ଷରେ ସାଇଲକ୍ କୁଟିଳ, ନିଷ୍ଠୁର, ସ୍ୱାର୍ଥପର ଓ ଷଡ଼୍‌ଯନ୍ତ୍ରପ୍ରିୟ ଥିଲା । ଆଣ୍ଟୋନିଓଙ୍କର ପ୍ରଶଂସା ଏବଂ ଖ୍ୟାତି ସାଇଲକ୍ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କଲା । ସେ ଆଣ୍ଟୋନିଓଙ୍କୁ ଈର୍ଷା ଏବଂ ଘୃଣା କରେ ଓ ସଦାସର୍ବଦା ଚକ୍ରାନ୍ତ କରୁଥାଏ କିଭଳି ଆଣ୍ଟୋନିଓଙ୍କୁ ବିପଦରେ ପକାଇବ । କିନ୍ତୁ ଏଭଳି ସୁଯୋଗ ତାକୁ ସହଜରେ ମିଳୁ ନ ଥାଏ ।

ହଠାତ୍ ଥରେ ଆଣ୍ଟୋନିଓଙ୍କୁ ଗୋଟିଏ ପରିସ୍ଥିତିରେ ପଡ଼ି କିଛି ଟଙ୍କା ଉଧାର ମାଗିବା ପାଇଁ ସାଇଲକ୍ ନିକଟକୁ ଯିବାକୁ ପଡ଼ିଲା । ଆଣ୍ଟୋନିଓଙ୍କର ଘନିଷ୍ଠ ବନ୍ଧୁ ବାସାନିଓଙ୍କ ସହିତ ଏକ ସମ୍ଭ୍ରାନ୍ତ ପରିବାରର ସୁନ୍ଦରୀ କନ୍ୟା ପୋର୍ସିଆଙ୍କର ବିବାହ ପାଇଁ କମ୍ ସମୟ ଭିତରେ ଲଗ୍ନ ଠିକ୍ ହୋଇଗଲା । ସେ ଆସିଲେ କିଛି ଟଙ୍କା ତାଙ୍କର ସୌଦାଗର-ବନ୍ଧୁ ଆଣ୍ଟୋନିଓଙ୍କଠାରୁ ଉଧାର ନେବା ପାଇଁ । ବିବାହ ଉତ୍ସବର ଆୟୋଜନ ପାଇଁ ଏହି ପଇସାର ଜରୁରୀ ଆବଶ୍ୟକତା ଥିଲା । ବନ୍ଧୁ ସ୍ନେହୀ ଆଣ୍ଟୋନିଓ ଏଭଳି ପରିସ୍ଥିତିରେ ଉଧାର ଦେବା ପାଇଁ ଅତ୍ୟନ୍ତ ଆଗ୍ରହୀ ଥିଲେ ମଧ୍ୟ ସେତିକିବେଳେ ତାଙ୍କ ନିକଟରେ ଏତେବେଶୀ ପଇସା ନ ଥିଲା । କିନ୍ତୁ ଦଶ-ପନ୍ଦର ଦିନ ଭିତରେ ତାଙ୍କର ଜାହାଜ ବିଦେଶରୁ ଫେରି ଆସିବାର ଥିଲା । ଜାହାଜ ଫେରି ଆସିଲେ ସେ ଯଥେଷ୍ଟ ପଇସା ଦେଇ ପାରନ୍ତେ । ଜଣେ ଘନିଷ୍ଠ ବନ୍ଧୁଙ୍କୁ ଅସମୟରେ ସାହାଯ୍ୟ କରିବାର ଏହି ସୁଯୋଗଟି ନ ହରାଇବା ପାଇଁ ସେ ଠିକ୍ କଲେ, ସାଇଲକ୍‌ଠାରୁ ଯେକୌଣସି ସୁଧରେ ଉଧାର ଆଣି ବାସାନିଓଙ୍କୁ ଦେବେ ଏବଂ ତାଙ୍କର ଜାହାଜଟି ଫେରିଲେ ସେ ସୁଧ ସହିତ ସାଇଲକ୍‌ଙ୍କ ପଇସା ଶୁଝି ଦେବେ । ବାସାନିଓ ତାଙ୍କର ସୁବିଧା-ସୁଯୋଗ ଦେଖି ଋଣ ପରିଶୋଧ କରିବେ । କିନ୍ତୁ ଆଣ୍ଟୋନିଓ ତା'ର ଦ୍ୱାରସ୍ଥ ହେବା କୁଟିଳ ସାଇଲକ୍ ପାଇଁ ଏକ ଅପୂର୍ବ ସୁଯୋଗ । ଏହି ପରିସ୍ଥିତିର ସୁଯୋଗ ନେଇ ସେ ଏକ ବୀଭତ୍ସ ଚକ୍ରାନ୍ତ କରିବାକୁ ବସିଲା । ସାଇଲକ୍ ବନ୍ଧୁତାର ଛଳନା କରି କହିଲା, ''ଏତେବଡ଼ ସୌଦାଗରର ଅତିଥି ପାଇବା ମୋ ପକ୍ଷରେ ଏକ ଗୌରବ । ଏ ଉଧାର ବାବଦକୁ ମୁଁ ଆପଣଙ୍କ ଭଳି ଲୋକପ୍ରିୟ ବନ୍ଧୁଙ୍କଠାରୁ କିଛି ସୁଧ ନେବି ନାହିଁ । କିନ୍ତୁ ଆପଣ ଯଦି ଆପଣଙ୍କର ବନ୍ଧୁଙ୍କୁ ପ୍ରକୃତରେ ଏତେ ଶ୍ରଦ୍ଧା କରନ୍ତି ଏବଂ ଆପଣ ଯଦି ନିଶ୍ଚିତ ଯେ ଜାହାଜ ଏକମାସ ଭିତରେ ଫେରିଆସିବ, ତେବେ ଏସବୁର ପରୀକ୍ଷା ସ୍ୱରୂପ ଏକ ସର୍ତ୍ତ ରଖାଯାଉ । ଏକମାସ ଭିତରେ ଋଣ ପରିଶୋଧ କଲେ ବିନା ସୁଧରେ ମୁଁ ଉଧାର ଗ୍ରହଣ କରିବି । କିନ୍ତୁ ଏକମାସ ସମୟ ସୀମା ଭିତରେ ଋଣ ପରିଶୋଧ କରି ନ ପାରିଲେ ମୁଁ ତୁମର ଦେହର ଯେକୌଣସି ଅଂଶରୁ ଏକ ପାଉଣ୍ଡ (ପ୍ରାୟ ଛଅଶହ ଗ୍ରାମ୍) ଓଜନର ମାଂସ ନିଜେ କାଟି ନେଇଯିବି ।'' ସରଳମନା ଆଣ୍ଟୋନିଓ ଏହାକୁ ଏକ ହାସ୍ୟାସ୍ପଦ ସର୍ତ୍ତ ଭାବି ଏଥିରେ ରାଜି ହୋଇଗଲେ ଏବଂ ଏହି ଲିଖିତ ସର୍ତ୍ତରେ ହାତ କାଟି ଦସ୍ତଖତ କରିଦେଲେ । ସେ ଅତ୍ୟନ୍ତ ଆନନ୍ଦ ସହକାରେ ଟଙ୍କା ନେଇ ବନ୍ଧୁ ବାସାନିଓଙ୍କୁ ଦେଲେ । କିନ୍ତୁ ଏହି ସର୍ତ୍ତ ପଛରେ ସାଇଲକ୍‌ର ଏକ କୁଟିଳ ଚକ୍ରାନ୍ତ ଥିଲା । ସେ ଭଲ ଭାବରେ ଜାଣିଥିଲା ସେକାଳର ଜାହାଜ ଯାତ୍ରା ଅତୀବ ବିପଦସଂକୁଳ । ମାସକ ମଧ୍ୟରେ ଜାହାଜ ନ ଫେରିବାର ସମ୍ଭାବନା ମଧ୍ୟ ଅଛି । ସେ କ୍ଷେତ୍ରରେ ସର୍ତ୍ତ ଅନୁସାରେ ସେ ଯଦି ଆଣ୍ଟୋନିଓଙ୍କର ଦେହର ଯେକୌଣସି ଅଂଶରୁ ଏକ ପାଉଣ୍ଡ ମାଂସ କାଟି ନେବ ତେବେ ଆଣ୍ଟୋନିଓଙ୍କର ମୃତ୍ୟୁ ଅନିବାର୍ଯ୍ୟ ।

ଏଣେ ବାସାନିଓଙ୍କର ବିବାହ ଉତ୍ସବ ଖୁବ୍ ଧୁମଧାମ ସହକାରେ ଶେଷ ହେଲା । କିନ୍ତୁ କିଛିଦିନ ପରେ ହଠାତ୍ ଏକ ଖବର ପହଞ୍ଚିଲା, ଆଣ୍ଟୋନିଓଙ୍କର ଜାହାଜ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ତୋଫାନରେ ସେ ଜାହାଜଟି ନିଖୋଜ ହୋଇଯାଇଛି । ଅଳ୍ପଦିନ ଭିତରେ ଏକମାସ ପୂର୍ଣ୍ଣ ହୋଇଯାଇଛି । ସର୍ତ୍ତଟିକୁ କେହି ଗୁରତ୍ୱ ଦେଇ ନାହାନ୍ତି । ସାଇଲକ୍ ଯେପରି ଏହି ସୁଯୋଗକୁ ଅପେକ୍ଷା କରି ବସିଥିଲା ।

ବିରାଡ଼ି କପାଳକୁ ଶିକା ଛିଣ୍ଡିଲା । ସେ ମୋକଦମା ଦାଏର କଲା । ପ୍ରକାଶ ଥାଉକି, ସେତେବେଳର ଭେନିସ୍ ଆଇନକାନୁନରେ ଏଭଳି ଏକ ନିଷ୍ଠୁର ସର୍ତ୍ତ କାର୍ଯ୍ୟକାରୀ ହେବା କଷ୍ଟକର ନ ଥିଲା । ଆଣ୍ଟୋନିଓ ଏହି ସର୍ତ୍ତରେ ରାଜିହୋଇ ଦସ୍ତଖତ ଦେଇଛନ୍ତି – ତାହା ଯଥେଷ୍ଟ । ସରଳ ମନରେ ସେ ସାଇଲକ୍‌କୁ ବିଶ୍ୱାସ କରିଥିବାରୁ ଏହାର ଏଭଳି ଜଘନ୍ୟ ପରିଣତି ହେବ ବୋଲି ଆଦୌ ଆଶା କରି ନ ଥିଲେ । ବର୍ତ୍ତମାନ ଜନପ୍ରିୟ ଆଣ୍ଟୋନିଓଙ୍କର ଜଣାଶୁଣା ମହଲରେ ଆତଙ୍କ ଖେଳିଗଲା । ସମସ୍ତେ ହୃଦୟଙ୍ଗମ କଲେ, ସାଇଲକ୍‌ର ଚକ୍ରାନ୍ତରେ ଆଣ୍ଟୋନିଓଙ୍କର ଜୀବନ ଯିବ । ନବବିବାହିତା ପୋର୍ସିଆ ମଧ୍ୟ ଏହା ଜାଣିବାକୁ ପାଇଲେ ।

ଭେନିସ୍‌ର ବିଚାରାଳୟରେ ଏହି ମୋକଦମା ବିଚାର ହେଲା । ଯେତେ ଲୋକ ଯେତେ ପ୍ରକାରର ସାଇଲକ୍‌କୁ ନିବର୍ତ୍ତାଇଲେ ମଧ୍ୟ ସେ ସର୍ତ୍ତରୁ ଓହରିବାକୁ ଏକେବାରେ ନାରାଜ । ତା'ର ଏକା ଜିଦ୍ – ସେ ଆଣ୍ଟୋନିଓଙ୍କର ଦେହରୁ ତା'ର ଇଚ୍ଛା ମୁତାବକ ଏକ ପାଉଣ୍ଡ ମାଂସ ନେବ । ସେ ଆଉ କିଛି ଚାହେଁ ନାହିଁ । ଓକିଲମାନେ, ଆଣ୍ଟୋନିଓଙ୍କର ବନ୍ଧୁବର୍ଗ ଏବଂ ଭେନିସ୍‌ର ବିଶିଷ୍ଟ ବ୍ୟକ୍ତିମାନେ ଉଧାରର ଦୁଇଗୁଣ, ଏପରିକି ତିନିଗୁଣ ଟଙ୍କା ଦେବାକୁ ଯାଚିଲେ । ସମସ୍ତେ ଆଣ୍ଟୋନିଓଙ୍କର ଜୀବନରକ୍ଷା କରିବା ପାଇଁ ଉଦ୍‌ଗ୍ରୀବ । ଏପରିକି ବିଚାରପତି ଯେତେ ବୁଝାଇଲେ ମଧ୍ୟ ସାଇଲକ୍ ଏହି ସର୍ତ୍ତରୁ ଓହରିବା ପାଇଁ ପ୍ରସ୍ତୁତ ନ ଥିଲା । ଏକ ମାସ ବିତିଯାଇଛି, ସର୍ତ୍ତ ଅନୁସାରେ କେବଳ ଏକ ପାଉଣ୍ଡ ମାଂସ ସେ ଆଣ୍ଟୋନିଓଙ୍କର ଦେହର ଯେକୌଣସି ଅଂଶରୁ ନିଜେ କାଟି କରି ନେବ । ବିଚାରପତି ଆଇନର ଅଧୀନ । ସେ ଏହି ସର୍ତ୍ତ ଅନୁସାରେ ଆଦେଶ ଦେବାକୁ ବାଧ୍ୟ ହେବେ । ସାଇଲକ୍ ତରାଜୁ, ବଟକରା ଏବଂ ଗୋଟିଏ ତୀକ୍ଷ୍ଣ ଛୁରିକା ଧରି ପ୍ରସ୍ତୁତ ଥାଏ । ତା'ର ବହୁଦିନର ଆକାଂକ୍ଷା ପୂର୍ଣ୍ଣ ହେବାକୁ ଯାଉଛି । ବିଚାରାଳୟ ନିସ୍ତବ୍ଧ । ସାଇଲକ୍‌ର ଚିରଶତ୍ରୁ ଆଣ୍ଟୋନିଓ ନିଃଶେଷ ହୋଇଯିବେ । ଭେନିସ୍‌ର ଆଉ କେହି କହିପାରିବେ ନାହିଁ "ଆଣ୍ଟୋନିଓ ଜଣେ ଉତ୍ତମ ବ୍ୟକ୍ତି ଏବଂ ଆଦର୍ଶ ସୌଦାଗର ।" ଏଭଳି ପ୍ରଶଂସା ତାକୁ ବହୁବାର ଆଘାତ କରିଛି ।

ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଜଣେ ଲାବଣ୍ୟମୟ ଯୁବ-ଓକିଲ ବିଚାରାଳୟରେ ପ୍ରବେଶ କରନ୍ତି । ସେ ଦେଖିବାକୁ ଏତେ ସୁନ୍ଦର ଯେ ଆପେ ଆପେ ତାଙ୍କ ଆଡ଼କୁ ସବୁ ଦର୍ଶକଙ୍କର ଦୃଷ୍ଟି ଆକର୍ଷିତ ହୋଇଗଲା । ତାଙ୍କର କଥା କହିବାର ଶୈଳୀ ଅତୀବ ମଧୁର ଏବଂ ସମ୍ଭ୍ରାନ୍ତ । ସମସ୍ତେ ତଟସ୍ଥ ହୋଇ ତାଙ୍କ ଆଡ଼କୁ ଚାହିଁବାରେ ଲାଗିଲେ । କେତେ କମ୍ ବୟସ୍କ, ତଥାପି କେତେ ବିଚକ୍ଷଣ ! ନିଶ, ଦାଢ଼ି ମଧ୍ୟ ଉଠିଛି କି ନାହିଁ । ଯୁବ ଓକିଲ ଆଣ୍ଟୋନିଓଙ୍କ ମକଦମା ଲଢ଼ିବାକୁ ଚାହିଁଲେ । ସେ ପ୍ରଥମେ ସାଇଲକ୍‌କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲେ; "ସାଇଲକ୍ ! ତୁମେ ଦୟାକର । ଦୟା ସବୁବେଳେ ମହତ୍ । ଏହା ନ୍ୟାୟର ଯଥେଷ୍ଟ ଊର୍ଦ୍ଧ୍ୱରେ । ଈଶ୍ୱର ନିଜେ ଦୟାର ଅନନ୍ତ ପାରାବାର । ଯଦିଓ ଆଇନ ତୁମ ସପକ୍ଷରେ ଅଛି, ଜଣେ ଉଚ୍ଚକୋଟୀର ବ୍ୟକ୍ତିଙ୍କର ଜୀବନ ତୁମ ଦୟା ଉପରେ ନିର୍ଭର କରୁଛି । ତୁମେ ତୁମର ଉପଯୁକ୍ତ ପ୍ରାପ୍ୟ ନେଇ ଏହି ଅମାନୁଷିକ ସର୍ତ୍ତରୁ ନିବୃତ୍ତ ହୁଅ ।" କିନ୍ତୁ ନିଷ୍ଠୁର ସାଇଲକ୍ କୌଣସି ଉପଦେଶ ଶୁଣିବା ପାଇଁ ପ୍ରସ୍ତୁତ ନୁହେଁ, ଏଭଳି ଏକ ଚକ୍ରାନ୍ତକାରୀ କୁଟିଳ ବ୍ୟକ୍ତିକୁ ବୁଝାଇବ ବା କିଏ ? ବିଚାରପତିଙ୍କ ସହିତେ ସମସ୍ତଙ୍କର ଉପଦେଶ ଏବଂ ଅନୁରୋଧ ବିଫଳ ହୋଇ ସାରିଥିଲା । ବର୍ତ୍ତମାନ ଏହି ଯୁବ-ଓକିଲଙ୍କର ଉପଦେଶ ବିଫଳ ହେବା ପରେ ଆଉ କୌଣସି ଉପାୟ ନାହିଁ – ସାଇଲକ୍ ଏକ ପାଉଣ୍ଡ ମାଂସ ନେବହିଁ ନେବ । ସମସ୍ତେ ମ୍ରିୟମାଣ । ଦରବାର ନିସ୍ତବ୍ଧ । କିଛି ମୁହୂର୍ତ୍ତର ନୀରବତା ପରେ ଓକିଲ ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ କହିବାକୁ ଆରମ୍ଭ କଲେ, "ତେବେ ସାଇଲକ୍, ତୁମେ ତୁମ ସର୍ତ୍ତର ଏକ ପାଉଣ୍ଡ ମାଂସ ବ୍ୟତୀତ ଆଉ କୌଣସିଥିରେ ସନ୍ତୁଷ୍ଟ ନୁହଁ ?" ସାଇଲକ୍ କହିଲା, "କଦାପି ନୁହେଁ । ମୋର କେବଳ ନ୍ୟାୟ ଦରକାର ହଜୁର !"

ଓକିଲ କହିଲେ : "ତେବେ ଠିକ୍ ଅଛି । ତୁମେ ତୀକ୍ଷ୍ଣ ଛୁରୀ ଆଣିଛ ?"

ସାଇଲକ୍ ଉତ୍ତର ଦେଲା : "ହଁ ଆଣିଛି ।"

ଓକିଲ : "ତରାଜୁ ଏବଂ ବଟକରା ?"

ସାଇଲକ୍ : "ତା' ବି ଆଣିଛି ।"

ଓକିଲ : "ଡାକ୍ତରଙ୍କର ବ୍ୟବସ୍ଥା ହୋଇଛି ?"

ସାଇଲକ୍ ଆଶ୍ଚର୍ଯ୍ୟ ପ୍ରକାଶ କଲେ : "ଡାକ୍ତର ! ଡାକ୍ତରଙ୍କର କିଛି ଆବଶ୍ୟକତା ତ ନାହିଁ ।"

ସାଇଲକ୍ ଯେତେବେଳେ ଡାକ୍ତରଙ୍କର ଆବଶ୍ୟକତା ପାଇଁ ପ୍ରତିବାଦ କଲା ନବାଗତ ଓକିଲ ବୁଝାଇବାକୁ ଆରମ୍ଭ କଲେ : "ଦେଖ ସାଇଲକ୍, ସର୍ତ୍ତ ଅନୁସାରେ ତୁମେ ନିଜେ ଆଣ୍ଟୋନିଓଙ୍କର ଦେହର ଯେକୌଣସି ଅଂଶରୁ ଏକ ପାଉଣ୍ଡ

ମାଂସ ନେଇପାରିବ । କିନ୍ତୁ ଏକ ପାଉଣ୍ଡ ମାଂସଠାରୁ ଆଉ କିଛି ବି ଅଧିକ ନେଇ ପାରିବ ନାହିଁ । ପୁଣି ଏକ ପାଉଣ୍ଡଠାରୁ ଟିକିଏ ହେଲେ ଅଧିକ ମାଂସ ତାଙ୍କ ଦେହରୁ ଯେପରି କ୍ଷତିଗ୍ରସ୍ତ ହେବ ନାହିଁ । ପୁନଶ୍ଚ ତାଙ୍କର ରକ୍ତ ଉପରେ ତୁମର କୌଣସି ଅଧିକାର ନାହିଁ । ତେଣୁ ତାଙ୍କ ଦେହରୁ ଟୋପାଏ ହେଲେ ରକ୍ତ ଯେଭଳି କ୍ଷୟ ନ ହୁଏ ତା'ର ବ୍ୟବସ୍ଥା ହୋଇଥିବା ଦରକାର । ଏସବୁର ବ୍ୟବସ୍ଥା କରି ତୁମେ ଆଣ୍ଟୋନିଓଙ୍କ ଦେହରୁ ଏକ ପାଉଣ୍ଡ ମାଂସ ନେଇ ଯାଇପାର । ଏସବୁର ବ୍ୟବସ୍ଥା ପାଇଁ ହୁଏତ ଡାକ୍ତରଙ୍କର ଆବଶ୍ୟକତା ଥିଲା । ବିନା ଡାକ୍ତରରେ ଯଦି ଏଭଳି ବ୍ୟବସ୍ଥା ହୋଇପାରିବ ତେବେ ଆମର କିଛି କହିବାର ନାହିଁ । ମୁଁ ବର୍ତ୍ତମାନ ବିଚାରକ ମହୋଦୟଙ୍କୁ ଆଦେଶ ଦେବା ପାଇଁ ଅନୁରୋଧ କରୁଛି । କିନ୍ତୁ ମୋର ମହକିଲ ଆଣ୍ଟୋନିଓଙ୍କର ଦେହରୁ ଟୋପାଏ ବି ରକ୍ତ କିଂବା ଠିକ୍ ଏକ ପାଉଣ୍ଡଠାରୁ ପଳେ ହେଲେ ବି ମାଂସ ଯେଭଳି କ୍ଷତିଗ୍ରସ୍ତ ନ ହୁଏ । ତାହାର ବ୍ୟବସ୍ଥା ହେବା ନିତାନ୍ତ ଜରୁରୀ ।'' ବର୍ତ୍ତମାନ ବିଚାରାଳୟର ଶ୍ରୋତାମାନେ ସ୍ତମ୍ଭୀଭୂତ । ବିଚାରକ ଆଚମ୍ବିତ ହୋଇଗଲେ ଏହି ବିଚକ୍ଷଣ ଓକିଲଙ୍କ ଅକାଟ୍ୟ ଯୁକ୍ତି ଶୁଣି । ସାଇଲକ୍‌ର ଅକଲ ଗୁଡୁମ୍ । ତା'ର ମୁଣ୍ଡକୁ ଯେଭଳି ସହସ୍ର ବିଛା କାମୁଡୁଛନ୍ତି । ସେ ଏକେବାରେକେ ହତାଶ । ଏଭଳି ବ୍ୟବସ୍ଥା ହେବା ଯେ ସମ୍ପୂର୍ଣ୍ଣ ଅସମ୍ଭବ । ଉପାୟହୀନ ହୋଇ ସେ ବର୍ତ୍ତମାନ ଅନୁରୋଧ କଲା, ତାକୁ ତା' ଟଙ୍କା ଏବଂ ସୁଧ ଫେରି ପାଇବାର ବ୍ୟବସ୍ଥା କରାଯାଉ । କିନ୍ତୁ ତରୁଣ ଓକିଲ ଯୁକ୍ତି ବାଢ଼ି ବସିଲେ : ''ଯେହେତୁ ଏହା ଲିଖିତ ସର୍ତ୍ତରେ ନାହିଁ ତାହା କଦାପି ଦିଆଯାଇ ପାରିବ ନାହିଁ । ପୁଣି ନିର୍ଦ୍ଦୋଷରେ ସାଇଲକ୍ ଜଣେ ଉଚ୍ଚକୋଟୀର ଭେନିସ୍‌ର ନାଗରିକଙ୍କର ଜୀବନ ନେବା ପାଇଁ ଷଡ଼୍‌ଯନ୍ତ୍ର କରିଥିବାରୁ ଭେନିସ୍‌ର ତତ୍‌କାଳୀନ ଆଇନ ଅନୁଯାୟୀ ତା'ର ସମୁଦାୟ ସମ୍ପତ୍ତିକୁ ଜାତୀୟକରଣ କରାଯାଉ ।'' ଶେଷରେ ବିଚାରପତି ନିର୍ଦ୍ଵନ୍ଦରେ ତାହାହିଁ ଆଦେଶ ଦେଲେ । ଦର୍ଶକମାନେ ଅତ୍ୟନ୍ତ ଖୁସି ଯେ ଆତତାୟୀକୁ ଉପଯୁକ୍ତ ଶାସ୍ତି ମିଳିଲା ।

ବିଚାରାଳୟ ଖାଲିହେବା ପରେ ଆଣ୍ଟୋନିଓ ଏବଂ ବାସାନିଓ ହୃଦୟଭରା କୃତଜ୍ଞତା ସହକାରେ ଯେତେବେଳେ ଆନନ୍ଦରେ ଗଦ୍ ଗଦ୍ ହୋଇ ଓକିଲଙ୍କୁ କିଛିଟା ପାରିଶ୍ରମିକ ଯାଚିଲେ, ଓକିଲ ମହୋଦୟ ଅସୀମ ଉଦାରତା ପ୍ରକାଶ କରି ଗ୍ରହଣ କରିବାକୁ ମନା କରିଦେଲେ । କିନ୍ତୁ ବାସାନିଓଙ୍କର ଆଙ୍ଗୁଠିରେ ଏକ ହୀରାର ମୁଦ୍ରିକା ଦେଖି କହିଲେ, ''ଏଇ ମୁଦିଟି ଖୁବ୍ ସୁନ୍ଦର ହୋଇଛି । ଏଇଟି ମୋତେ ଦେଇ ପାରିବେ ?'' ନବ ବିବାହିତ ବାସାନିଓଙ୍କର ସେଇଟି ଥିଲା ବିବାହ-ମୁଦ୍ରିକା । ସ୍ତ୍ରୀଙ୍କ ସୋହାଗର ସନ୍ତକ । ତେବେ ସେମାନଙ୍କୁ ଏଭଳି ଏକ ବିପଦରୁ ରକ୍ଷା କରିଥିବା ଓକିଲଙ୍କୁ ତ ଯେକୌଣସି ପୁରସ୍କାର ଦିଆଯାଇ ପାରିବ — ସାମାନ୍ୟ ମୁଦିଟିକୁ ନେବା ପାଇଁ ସେ ଯଦି ଇଚ୍ଛା ପ୍ରକାଶ କରିଛନ୍ତି, ତେବେ କିଭଳି ତାହାକୁ ମନା କରିଦେବେ ! ତେଣୁ କିଛିଟା ଅନିଚ୍ଛା ସତ୍ତ୍ୱେ ସେ ମୁଦିଟିକୁ ବାହାର କରି ଓକିଲଙ୍କୁ ବଢ଼ାଇ ଦେଲେ । ଏହି ଅପରିଚିତ ଓକିଲ ଯେ କି ଈଶ୍ୱରଙ୍କର ଜଣେ ଦୂତ ଭଳି ଆଣ୍ଟୋନିଓଙ୍କର ଜୀବନରକ୍ଷା କରିବାକୁ ଆସିଥିଲେ, କେବଳ ମାତ୍ର ମୁଦିଟି ଗ୍ରହଣ କରି ଚାଲିଗଲେ ।

ବାସାନିଓ ଯେତେବେଳେ ଉଲ୍ଲାସ ମନରେ ନିଜ ଘରକୁ ଫେରିଲେ ତାଙ୍କ ହୃଦୟର ରାଣୀ ନବବଧୂ ପୋର୍ସିଆଙ୍କୁ ତାଙ୍କର ଆନନ୍ଦ ପ୍ରକାଶ କଲେ, ପୋର୍ସିଆ ବହୁତ ଖୁସି ହେଲେ । କିନ୍ତୁ ବାସାନିଓ ତାଙ୍କର ହାତଟିକୁ ଆଢୁଆଳରେ ରଖିବାର ଉଦ୍ୟମରେ ପୋର୍ସିଆଙ୍କ ନିକଟରେ ଧରା ପଡ଼ିଗଲେ । ଏ କ'ଣ ? ଆଶ୍ଚର୍ଯ୍ୟ, ନବ ବିବାହିତଙ୍କର ହାତ ଶ୍ରୀହୀନ — ମୁଦ୍ରିକାବିହୀନ ? ବାସାନିଓ ଅତ୍ୟନ୍ତ କୁଣ୍ଠା ଏବଂ ଲଜ୍ଜା ସହକାରେ ପରିସ୍ଥିତିଟିକୁ ପୋର୍ସିଆଙ୍କୁ ଜଣାଇ ଦୁଃଖ ପ୍ରକାଶ କରିଥିଲେ । କିନ୍ତୁ ପରିଶେଷରେ ଯେତେବେଳେ ଜଣା ପଡ଼ିଲା, ସମସ୍ତେ ଜାଣିଲେ ଯେ ସେଇ ତରୁଣ ବିଚକ୍ଷଣ ଓକିଲ ଜଣକ ଅନ୍ୟ କେହି ନୁହନ୍ତି — ସେ ଥିଲେ ସ୍ୱୟଂ ପୋର୍ସିଆ । ସେ ତାଙ୍କ ସ୍ୱାମୀଙ୍କଠାରୁ ଏଭଳି ଏକ ଦୁଃଖଭରା ପରିସ୍ଥିତି ଜାଣିପାରି ଛଦ୍ମବେଶରେ ଓକିଲ ଭାବରେ ବିଚାରାଳୟରେ ଆବିର୍ଭୂତା ହୋଇଥିଲେ ଏବଂ ତାଙ୍କର ପ୍ରତ୍ୟୁତ୍ପନ୍ନମତି ଦ୍ୱାରା ଅବଶ୍ୟମ୍ଭାବୀ ମୃତ୍ୟୁ ମୁଖରୁ ଆଣ୍ଟୋନିଓଙ୍କ ଭଳି ଜଣେ ମହତ୍ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ । ଏକ କୌତୁକପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ପାଇଁ ନିଜର ପୁରସ୍କାର ହିସାବରେ ବାସାନିଓଙ୍କୁ ମୁଦ୍ରିକାଟି ମାଗିଥିଲେ ।

ଏ ସମସ୍ତ ଘଟଣା ଜାଣିବା ପରେ ଆଣ୍ଟୋନିଓ ଏବଂ ବାସାନିଓଙ୍କର ବନ୍ଧୁ ଏବଂ ପରିବାରବର୍ଗଙ୍କ ମହଲରେ ଆନନ୍ଦୋଲ୍ଲାସର ସୀମା ରହି ନ ଥିଲା ।

(ସେକ୍‌ସପିଅରଙ୍କ ନାଟକର
ମୂଳ କାହାଣୀର ସଂକ୍ଷିପ୍ତିକରଣ)

❑❑❑

# ହୃଦୟର ଭାଷା

**ଶବ୍ଦହିଁ ଅନ୍ତରର ପରିପ୍ରକାଶ :**

ଦିନେ ସନ୍ଧ୍ୟାରେ ଗୁରୁ ନଦୀକୂଳରେ ଛାତ୍ରମାନଙ୍କ ଗହଣରେ ଭ୍ରମଣ କରୁଥିଲେ । ଦୂରରୁ ଶୁଣିଲେ କିଛି ବ୍ୟକ୍ତି ଉଚ୍ଚ ସ୍ୱରରେ କଥା ହେଉଛନ୍ତି । ପାଖକୁ ଆସି ଶୁଣିଲେ ପରସ୍ପରକୁ ଗାଳି ଦେଉଛନ୍ତି । ସମସ୍ତେ ଦେହକୁ ଦେହ ଲାଗିବା ଭଳି ଅତି ପାଖରେ ଠିଆ ହୋଇଛନ୍ତି, ଅଥଚ ଏତେ ବଡ଼ ପାଟିରେ କଥା ହେଉଛନ୍ତି, ସତେ ଯେମିତି ଦୁଇ କୋଶ ଦୂରରେ ଅଛନ୍ତି ।

ଗୁରୁ ସାମାନ୍ୟ ହସି ଦେଇ ଜଣେ ଶିଷ୍ୟଙ୍କୁ କହିଲେ – ସେମାନଙ୍କ ପାଖକୁ ଯାଇ ବୁଝିଆସ, ଏତେ ପାଖରେ ଠିଆ ହୋଇ ଏଡ଼େ ବଡ଼ ପାଟିରେ କାହିଁକି କଥା ହେଉଛନ୍ତି ? ଧୀର ସ୍ୱରରେ କହିଲେ ମଧ୍ୟ ସମସ୍ତେ ସବୁକଥା ଶୁଣି ପାରନ୍ତେ ।

କିଛି ସମୟ ପରେ ଶିଷ୍ୟ ଜଣକ ମୁହଁ ଓହଳେଇ ଫେରି ଆସିଲେ । ଗୁରୁ ବୁଝିଗଲେ । ଆଉ ଜଣେ ଶିଷ୍ୟଙ୍କୁ ପଠାଇଲେ । ସେ କାନ୍ଦ କାନ୍ଦ ହୋଇ ଫେରି ଆସି କହିଲେ – ମୋତେ ସେମାନେ ଗାଳିଗୁଲଜ କରି ମାରିବା ପାଇଁ ଧାଇଁ ଆସିଲେ ।

ଗୁରୁ ଧୀର ପାଦରେ ଚାଲୁଥିବାବେଳେ ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ଶାନ୍ତସ୍ୱରରେ ପ୍ରଶ୍ନ କଲେ – କେହି କହିପାରିବ, ସେମାନେ ଉଚ୍ଚସ୍ୱରରେ କାହିଁକି କଥା ହେଉଥିଲେ ?

ସମସ୍ତେ ନୀରବ ।

ଗୁରୁ ହସି ହସି କହିଲେ – କଥା ହେଉଥିବା ବେଳେ, ଆମର ପ୍ରତିଟି ଶବ୍ଦ ହୃଦୟରୁ ବାହାରି ଅନ୍ୟ ବ୍ୟକ୍ତିର ହୃଦୟକୁ ଛୁଇଁଯାଏ । ରାଗି ଗଲେ ଦୁଇଟି ହୃଦୟ ମଧ୍ୟରେ ଦୂରତା ବଢ଼ିଯାଏ । ହୃଦୟ କଠୋର ପାଲଟି ଯାଏ । ତେଣୁ ଉଚ୍ଚ ସ୍ୱରରେ କହିବାକୁ ପଡ଼େ ।

କିଛି ସମୟ ନୀରବ ରହି ଗୁରୁ କହିଲେ – ସ୍ନେହ, ପ୍ରେମରେ ଦୁଇଟି ହୃଦୟ ଯୋଡ଼ି ହୋଇଯାଏ । ସେହି ମୁହୂର୍ତ୍ତରେ କେବଳ ଫୁସ୍ ଫୁସ୍ ହୋଇ କହିଲେ ମଧ୍ୟ ସବୁକିଛି ସ୍ପଷ୍ଟ ଶୁଭେ । ଏକାତ୍ମ ହୋଇଗଲେ ଆଉ ଶବ୍ଦର ଆବଶ୍ୟକତା ନଥାଏ । ସେଇଥିପାଇଁ ଆମେ ନୀରବରେ ପ୍ରାର୍ଥନା କରୁ । ଅନ୍ତରଙ୍ଗ ଆତ୍ମୀୟ ମୁହୂର୍ତ୍ତରେ ହୃଦୟ ତରଳି ଯାଇ ଆଖିର ଲୁହ ପାଲଟିଯାଏ । ବହୁ ବର୍ଷ ପରେ କେହି ଆପଣାର ଭେଟ ହେଲେ, ଆଖିରୁ ଅମାନିଆ ଧାର ଧାର ଲୁହ ବୋହିଆସେ ।

(ସୌଜନ୍ୟ : ପ୍ରତିନିଧି) ❑

ଯଦି ଜଣେ ତୁମ ଉପରେ ରାଗିଲା, ତୁମେ ତା'ର ସ୍ପନ୍ଦନର ଶିକାର ହୁଅନା, ଖାଲି ପଛକୁ ହଟି ଛିଡ଼ା ହୁଅ । ଫଳରେ ତା'ର କ୍ରୋଧ କୌଣସି ଆଶ୍ରୟ କିଂବା ଉତ୍ତର ନ ପାଇ ମିଳାଇ ଯିବ । ସବୁବେଳେ ତୁମର ଶାନ୍ତି ବଜାୟ ରଖ, ତାକୁ ହରାଇବାର ସମସ୍ତ ପ୍ରଲୋଭନକୁ ବାଧା ଦିଅ ।

– ଶ୍ରୀମା

# ଗୋଟିଏ ଅଙ୍କ : କେତେ କୌତୁକ

## ଧର୍ମକୁମାର ଶତପଥୀ

ମଇ ମାସର ଶେଷ ରବିବାର । ଆକାଶ ନିର୍ମଳ ଅଛି । ଗତକାଲି ସନ୍ଧ୍ୟାର କାଳବୈଶାଖୀ ପ୍ରଭାବରେ ଯେଉଁ ପବନ ଓ ବର୍ଷା ହୋଇଥିଲା, ତାହା ପରିବେଶକୁ ଥଣ୍ଡା କରିବାକୁ ସମୁଦ୍ରକୁ ଶଙ୍ଖେ ପରି ଥିଲା । ଉପରନ୍ତୁ ଥଣ୍ଡା ପରିବର୍ତ୍ତେ ଗରମ ଓ ଗୁଳୁଗୁଳିର ମାତ୍ରାକୁ ବଢ଼ାଇ ଦେଇଛି । ଆଉ ଏତେ ଜୋର୍ ପବନ ହେଲା ଯେ ମାଟି ସହିତ ୯୦ ଡିଗ୍ରୀରେ ଠିଆ ହୋଇଥିବା ବିଦ୍ୟୁତ୍ ଖମ୍ବମାନ କେଉଁଠି ୬୦ ଡିଗ୍ରୀ ତ କେଉଁଠି ୪୫ ଡିଗ୍ରୀ କୋଣ କରି ମାଟି ଆଡ଼କୁ ଢଳି ପଡ଼ିଛନ୍ତି । ଖାଲି ସେତିକି ନୁହେଁ ବିଦ୍ୟୁତ୍ ସଂଯୋଗକାରୀ ଆଲୁମିନିଅମ୍‌ର ତାର ଯାହା ସେ ଯାବତ୍ ସରଳ ରେଖାରେ ରହିଥିଲେ ଛିନ୍ନଛତ୍ର ହୋଇ ବକ୍ର ରେଖାରେ ଏବଂ କେଉଁଠି ବୃତ୍ତାକାରରେ ମୋଡ଼ିମାଡ଼ି ହୋଇ ରହିଛନ୍ତି । ବିଦ୍ୟୁତ୍ ବିଭାଗ କେବେ ସ୍ୱାଭାବିକ ବିଦ୍ୟୁତ୍ ସଂଯୋଗ କରିବେ, କେତେ ଦିନ ଲାଗିବ ତାହା ଏବେ ଚିନ୍ତାର ବିଷୟ । ଘରର ବୈଦ୍ୟୁତିକ ଆସବାବପତ୍ର ସବୁ ମୃତବତ୍, ଅକାମୀ ହୋଇ ଯାଇଛନ୍ତି । ସେମାନେ କେବେ ପୁଣି ଜୀବନ୍ୟାସ ପାଇବେ କେଜାଣି ?

ଏମିତି ଏକ ବିଷାଦଗ୍ରସ୍ତ ମନ ନେଇ ମୁଁ ସେଦିନ ସକାଳେ ଅଗଣାରେ ବସିଛି । ଝିଅ କେଉଁଆଡୁ ଆସି ମୋ ବିଷାଦିତ ମନରେ ଘିଅ ଢାଳିଲା । କହିଲା, ''ବାପା, ମୋର ଖରାଛୁଟି ସରିବାକୁ ବସିଲା । ଆଗାମୀ କୋଡ଼ିଏ ତାରିଖରେ ରଥଯାତ୍ରା । ତା'ପର ଦିନ ଆମର ସ୍କୁଲ ଖୋଲିବ । ତୁମେ ଆଉ କେବେ ମୋତେ କୁହୁକ ଅଙ୍କର ସେଇ ଆକର୍ଷଣୀୟ କଥା କହିବ ?'' ସତେ ଯେମିତି ସେ ମୋତେ କିଛି ଧାର ଦେଇଛି ଆଉ ତାକୁ ଅସୁଲ କରିବାକୁ ଅଚାନକ ପହଞ୍ଚି ଯାଇଛି ମୋ ସାମନାରେ, ସେମିତି ଥିଲା ତା'ର ଅଙ୍ଗଭଙ୍ଗୀ, କଥା ଶୈଳୀ ।

''ମୋର ଏବେ କୌଣସି ଗଣିତ କଷିବାକୁ ମନ ନାହିଁ, ପରେ କେବେ କରିବି । ତୁ ଯା' ତୋର ବହିପତ୍ର, ଲୁଗାପଟା ସଜାଡ଼େ । ସ୍କୁଲ ଯିବୁ ପରା । ହଷ୍ଟେଲରେ ତୋର ଯାହା ଯାହା ସବୁ ଦରକାର ଠିକ୍ ଠିକ୍ ରଖ ।''

ସେ କହିଲା –''ନାଇଁ, ମୁଁ ମୋର ଜିନିଷପତ୍ର ସଜାଡ଼ି ରଖିଛି । ତୁମେ ମୋତେ ଗୋଟିଏ କୁହୁକ ଅଙ୍କ କଥା କୁହ ।''– ଝିଅ ଗୋଟିଏ ଅଝଟ କାଳବୈଶାଖୀ ପାଲଟି ଗଲା ବୋଧହୁଏ ।

ମୁଁ ଭାବି ହେଲି ।

ମୋର ଭାବନାର ମାର୍ଗକୁ ସୁଗମ କରି ସିଏ ସଂଯୋଗ କଲା,– ''ମନେ ପଡୁଛି, ତମେ ଅନେକ ଦିନ ତଳେ କାପ୍ରେକରଙ୍କ ସ୍ଥିରାଙ୍କ (Kaprekar's Constant)– ୬୧୭୪ ବିଷୟରେ କହିଥିଲ । ସେଇଟା ମୋତେ ଭଲ ଲାଗିଥିଲା । ସାଙ୍ଗମାନଙ୍କୁ ହଷ୍ଟେଲରେ କହିଥିଲି । ସେମାନେ ସମସ୍ତେ ଆନନ୍ଦିତ ହୋଇଥିଲେ । ଆଉ ଏହା ବି ତୁମେ କହିଥିଲ ଯେ ଠିକ୍ ଏମିତି ଏକ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ରହିଛି ଯାହାର ଏଇ କାପ୍ରେକର ସ୍ଥିରାଙ୍କ ପରି ଗୁଣ ରହିଛି । ସେ କଥା ପରେ କହିବାକୁ କହିଥିଲ । ଆଜି କୁହ ।''

ଯା' ହେଉ ଝିଅ ମୋର ଭୁଲାପଣିଆକୁ ଆଉ ଥରେ ଚେତାଇ ଦେଇଥିବାରୁ ଆଶ୍ୱସ୍ତ ହେଲି । କହିଲି – ''ଆମର ସଂଖ୍ୟା ଜଗତରେ ତିନିଅଙ୍କ ବିଶିଷ୍ଟ ଗୋଟିଏ ସଂଖ୍ୟା ଅଛି, ସେଇଟା ହେଲା ୪୯୫ । ଏହାର ଅଙ୍କମାନଙ୍କୁ ନେଇ ତୁ ବଡ଼ ସଂଖ୍ୟାଟିଏ ତିଆରି କଲୁ ।'' ସିଏ ଲେଖିଲା – ୯୫୪ ।

ମୁଁ ପୁଣି କହିଲି – ''ଏହାର ଅଙ୍କମାନଙ୍କୁ ନେଇ ସବୁଠାରୁ କ୍ଷୁଦ୍ରତମ ସଂଖ୍ୟାଟି ଲେଖ ।''

ସିଏ ପୁଣି ଲେଖିଲା – ୪୫୯ ।

ମୁଁ କହିଲି – ''ଏବେ ଏଇ ବଡ଼ ସଂଖ୍ୟାରୁ ସାନ ସଂଖ୍ୟାକୁ ବିୟୋଗ କର ।''

ସେ ପ୍ରଭୁଭକ୍ତ ପରି ବିୟୋଗ କଲା, ୯୫୪-୪୫୯=୪୯୫

ସେ ଏକ ପ୍ରକାର ଚିତ୍କାର କରି ଉଠିଲା, ''ବାପା, ସେଇ ମୂଳ ସଂଖ୍ୟା ୪୯୫ହିଁ ଉତ୍ତର ଆସୁଛି । ବାଃ, ଖୁବ୍ ବଢ଼ିଆ ତ !''

ଏହା ପରେ ମୁଁ କହିଲି – ''ଖାଲି ଏତିକି ନୁହେଁ, ତୁ ଯେକୌଣସି ତିନିଅଙ୍କ ବିଶିଷ୍ଟ ସଂଖ୍ୟା ନବୁ । ତା'ର ଅଙ୍କମାନଙ୍କୁ ନେଇ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ତିଆରି କରି ବିୟୋଗ କରିବୁ । ବିୟୋଗ ଫଳର ଅଙ୍କମାନଙ୍କୁ ନେଇ ପୁଣି ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ତିଆରି କରିବୁ । ସେମାନଙ୍କର ବିୟୋଗ ଫଳ ବାହାର କରିବୁ । ଏମିତି ବିୟୋଗ କରିକରି ଆଗକୁ ଗଲେ ଶେଷରେ ତୁ ଏଇ ୪୯୫କୁ ପାଇବୁ ।

– ''ସତେ !''

– ''ତୁ ନିଜେ କରି ଦେଖିପାରୁ ।''

ସିଏ ୫୮୫ ନେଲା । ଏହାର ଅଙ୍କମାନଙ୍କୁ ନେଇ ତିଆରି କଲା ବୃହତ୍ତମ ସଂଖ୍ୟା ୮୫୫ । ପରେ ଏହାର କ୍ଷୁଦ୍ରତମ ସଂଖ୍ୟା ଲେଖିଲା ୫୫୮ । ଏଥର ସେ ୮୫୫ ରୁ ୫୫୮କୁ ବିୟୋଗ କଲା । ୮୫୫-୫୫୮=୨୯୭ । ପୁଣି ୨,୭,୯ କୁ ନେଇ ବୃହତ୍ତମ ସଂଖ୍ୟା ହେଲା ୯୭୨ ଓ କ୍ଷୁଦ୍ରତମ ସଂଖ୍ୟା ୨୭୯ । ଏମାନଙ୍କୁ ବିୟୋଗ କଲା । ୯୭୨-୨୭୯=୬୯୩ । ପୁଣି ଏଇ ୬,୯ ଓ ୩ ଅଙ୍କରୁ ବୃହତ୍ତମ ୯୬୩ ଓ କ୍ଷୁଦ୍ରତମ ୩୬୯ ଅଙ୍କ ବାହାର କଲା । ବିୟୋଗ କଲା ୯୬୩-୩୬୯=୫୯୪ । ଏହାର ଅଙ୍କମାନଙ୍କୁ ନେଇ ବୃହତ୍ତମ ସଂଖ୍ୟା ହେଲା ୯୫୪ ଓ କ୍ଷୁଦ୍ରତମ ସଂଖ୍ୟା ହେଲା ୪୫୯ । ଆଉ ଏମାନଙ୍କର ବିୟୋଗ ଫଳ ହେଲା ୯୫୪-୪୫୯= ୪୯୫, ସେଇ ମୂଳ ସଂଖ୍ୟା !!

ଝିଅର ଖୁସି ଦେଖେ କିଏ । ସେ କହିଲା,– ''ଆରେ ବାପ୍‌ରେ ! ୪୯୫ର ଏତେ କୁହୁକ ଗୁଣ ! ବେଶ୍ କୌତୂକିଆ ତ !''

ମୁଁ ତାକୁ ଏଥର ଆହୁରି କାମ ଦେଲି । କହିଲି – ''ତୁ ଏପରି ଦୁଇ ତିନିଟା ସଂଖ୍ୟା ନେଇ ପରୀକ୍ଷା କର ! କ'ଣ ଫଳ ହେଉଛି ଦେଖ !''

ତା'ର ତ ଆଗ୍ରହ କାହିଁରେ କ'ଣ ! ସେ ୧୩୯, ୨୫୭, ୭୩୨, ୩୬୫ ଏମିତି ସଂଖ୍ୟାମାନଙ୍କୁ ନେଇ କାମରେ ଲାଗିଲା । ପ୍ରତ୍ୟେକ କ୍ଷେତ୍ରରେ ଉପର ମୁତାବକ ବିୟୋଗ କରି କରି ଗଲାରୁ ଶେଷରେ ସେଇ ୪୯୫ ହିଁ ପାଇଲା । କହିଲା – ବାପା, ସେଇ ଗୋଟିଏ ସଂଖ୍ୟାହିଁ ମିଳୁଛି । ବେଶ୍ କୌତୂକିଆ ତ !

ମୁଁ ସେତେବେଳ ଯାଏ ନୀରବ ଥିଲି । ତା'ର ଏ ମନ୍ତବ୍ୟ ଶୁଣି କହିଲି – ''ଏଇ ୪୯୫ ସଂଖ୍ୟାର ଆଉ ଏକ କୌତୂକ ଗୁଣ ଅଛି । ଜାଣିଛୁ ?''

ଝିଅ ଆକାଶରୁ ଛିଣ୍ଡିବା ପରି ବଡ଼ ବଡ଼ ଆଖିରେ ମୋ ଆଡ଼କୁ ମୁହଁ ଫେରାଇ କହିଲା, ''ବାଃ ! କ'ଣ ସେଇଟା ?''

''ଏଇ ୪୯୫ ସଂଖ୍ୟାଟି ୩,୫,୯,୧୧ ଓ ୧୫ ଦ୍ୱାରା ବିଭାଜ୍ୟ ହୋଇଥାଏ । ଆଉ ୩ଟି କ୍ରମିକ ସଂଖ୍ୟା, ୫ଟି କ୍ରମିକ ସଂଖ୍ୟା, ୯ଟି କ୍ରମିକ ସଂଖ୍ୟା, ୧୧ଟି କ୍ରମିକ ସଂଖ୍ୟା ଓ ୧୫ଟି କ୍ରମିକ ସଂଖ୍ୟାର ଯୋଗଫଳ ହିଁ ଏଇ ୪୯୫ ହୋଇଥାଏ । ସେଇ କ୍ରମିକ ସଂଖ୍ୟା ପୁଣି ଭିନ୍ନ ଭିନ୍ନ ଅଟେ । ବୁଝିଲୁ ।''– ମୁଁ କହିଲି ।

ଝିଅ ବୋଧେ ମୋ କଥାର କିଛି ବିନ୍ଦୁ-ବିସର୍ଗ ବୁଝି ପାରିଲା ନାହିଁ । ସେ ଓଲଟି ପ୍ରଶ୍ନ କଲା – ''କିପରି ?''

ମୁଁ ତାକୁ ଲେଖି କରି ବୁଝାଇ ଦେଲି । କହିଲି – ''ଏଇ ଦେଖ ।''

୪୯୫ = ୧୬୪+୧୬୫+୧୬୬ => ୩ ଟି କ୍ରମିକ ସଂଖ୍ୟାର ଯୋଗଫଳ ।

୪୯୫ = ୯୭+୯୮+୯୯+୧୦୦+୧୦୧=> ୫ଟି କ୍ରମିକ ସଂଖ୍ୟାର ଯୋଗଫଳ ।

୪୯୫= ୫୧+୫୨+୫୩+୫୪+୫୫+୫୬+୫୭+୫୮+୫୯=> ୯ଟି କ୍ରମିକ ସଂଖ୍ୟାର ଯୋଗଫଳ ।

୪୯୫= ୪୦+୪୧+୪୨+୪୩+୪୪+୪୫+୪୬+୪୭+୪୮+୪୯+୫୦=> ୧୧ଟି କ୍ରମିକ ସଂଖ୍ୟାର ଯୋଗଫଳ ।

୪୯୫= ୨୬+୨୭+୨୮+୨୯+୩୦+୩୧+୩୨+୩୩+୩୪+୩୫+୩୬+୩୭+୩୮+୩୯+୪୦=> ୧୫ଟି କ୍ରମିକ ସଂଖ୍ୟାର ଯୋଗଫଳ ।

ଏଇ ସଂଯୋଜନା ଦେଖି ଝିଅ ଖୁବ୍ ଆନନ୍ଦିତ ହେଲା । ତା'ର ଆନନ୍ଦ ହେବାର ଦେଖି ମୁଁ ବିଜୁଳି ବିଭ୍ରାଟଜନିତ ଗୁଳୁଗୁଳିର କଷ୍ଟ ଓ ପାରିପାର୍ଶ୍ୱିକ ସମସ୍ୟାସବୁକୁ ଭୁଲି ଯାଇଥିଲି । ଝିଅ ଖାତା, କଲମ ଧରି ଉଠି ଚାଲିଗଲା, ମୋ ପାଖରୁ ଅନ୍ୟ କାମରେ ।

ମୁଁ ସମ୍ବିତ୍ ପାଇଲା ପରି ଫେରି ଆସିଲି ମୋର ସମସ୍ୟା ବହୁଳ କର୍ମକ୍ଳାନ୍ତ ପରିବେଶର ତେଲ ଲୁଣ ସଂସାରକୁ । ରାଜା ବିକ୍ରମଙ୍କ କାନ୍ଧରେ ବେତାଳ ଝୁଲି ପଡ଼ିବା ପରି ସମସ୍ୟାମାନ ଆସି ମୋ କାନ୍ଧରେ ଯେପରି ସବାର ହୋଇଗଲେ । ❑

# ବାର୍ତ୍ତାଲାପ

## ଯଦୁନନ୍ଦନ ସାମଲ

ନିରୋଳାରେ ଜୀବନକୁ ଦିନେ ପଚାରିଲି :
କାହିଁକି ଆସିଲ ତୁମେ ଏ ଧରା ବକ୍ଷରେ
କ୍ଷଣ କ୍ଷଣ ବଦଳେ ଯେ ଠାବେ
ସଦା ତୁମ ଭାଗ୍ୟ, ତୁମର ଭାବନା,
ଯାତନାର ଭାଗ ବେଶୀ
ସୁଖ ଯହିଁ ନ ପଡ଼ଇ ଜଣା ?



ଦୁଇ ହାତ ଧରି ମୋର ଜୀବନ କହିଲା
ଜାଣିନ କି ବନ୍ଧୁ,
ମୁଁ କ'ଣ ଏକଲା ଚାଲିଛି ?
ସାଥେ ମୋର ଚାଲିଛନ୍ତି ଆଉ ଜଣେ
ମୋର ଅଭ୍ୟନ୍ତରେ,
ଦୁଃଖ ସୁଖ କରି ସାଥୀ
ବହି ତାଙ୍କୁ ଚାଲିଛି ମୁଁ ଜନ୍ମଜନ୍ମାନ୍ତରେ ।

ସେ କହନ୍ତି,
ଚାଲିଥା' ଚାଲିଥା'
ନ ହୋଇ ଦୁଃଖରେ ବିବ୍ରତ,
ଦୁଃଖ ଦିନେ ଆନନ୍ଦରେ
ହେବ ପରିଣତ ।
ଚାଲିଛି ଭରସା ରଖି ନୀରବରେ
ଅପେକ୍ଷିଛି ସେ ମଧୁ ବେଳକୁ,
ନ ହୋଇ ବିବ୍ରତ । ❑

**ଚେତନାର ଦିଗ୍‌ବଳୟ :**

# ପ୍ରତିଭା ଅସାଧାରଣ କିନ୍ତୁ ଚରିତ୍ର ନିହାତି ସାଧାରଣ !

***ପ୍ରଶ୍ନ :*** *ଖୋଲାଖୋଲି ଗୋଟାଏ ପ୍ରଶ୍ନ ପଚାରିବି । କିଛି ମନେ କରିବେ ନାହିଁ । ଜଣେ ଜଣେ ବିଖ୍ୟାତ ସାହିତ୍ୟିକ, ଶିଳ୍ପୀ ବା ସଂଗୀତଜ୍ଞ ସେମାନଙ୍କ ପ୍ରତିଭା ଦ୍ୱାରା ଆମକୁ ମୁଗ୍ଧ କରନ୍ତି । ମୁଁ ଆଶା କରୁଥାଏ ଯେ ସେମାନେ ସତ୍ୟବାଦୀ, ଉଦାର ଏବଂ ମହତ୍ ହୋଇଥିବେ । କିନ୍ତୁ ଦଶ ବର୍ଷ କାଳ ବଡ଼ ବଡ଼ ସହରରେ ଜୀବନ ବିତାଇବା ଭିତରେ ସେଭଳି କୋଡ଼ିଏ ସରିକି ବିଖ୍ୟାତ ଗୁଣୀ ବ୍ୟକ୍ତିଙ୍କ ସମ୍ପର୍କରେ ଆସି ହତାଶ ହୋଇଛି । ସେମାନେ ନିହାତି ମାମୁଲି ମଣିଷ । ଏହା କିପରି ସମ୍ଭବ ?...*

**ଉତ୍ତର :** ଆପଣ ଯେମିତି ପ୍ରତିଭାବନ୍ତ ସାହିତ୍ୟିକ, ଶିଳ୍ପୀ ଓ ସଙ୍ଗୀତଜ୍ଞମାନଙ୍କ ସମ୍ପର୍କରେ ଆସିଛନ୍ତି, ସେମିତି କେହି କେହି ସତ୍ୟବାଦୀ, ଉଦାର ଏବଂ ମହତ୍ ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ଆସିଥିବେ । ସେ ମହତ୍ ବ୍ୟକ୍ତିବର୍ଗ ସାହିତ୍ୟିକ, ଶିଳ୍ପୀ ଓ ସଙ୍ଗୀତଜ୍ଞ ହୋଇ ନ ଥିବାରୁ ଆମେ ହାତାଶ ହେବା କି ?

ଏତକ ପଚାରି ଆପଣଙ୍କୁ ଗୋଟାଏ ବାସ୍ତବତା ସୂଚାଇ ଦେବା ସଙ୍ଗେ ସଙ୍ଗେ ମୁଁ କିନ୍ତୁ ସ୍ୱୀକାର କରୁଛି ଯେ ଆପଣଙ୍କ ପ୍ରତ୍ୟାଶାରେ ଯାଥାର୍ଥ୍ୟ ରହିଥିଲା । ସାହିତ୍ୟ, ଶିଳ୍ପକଳା, ସଙ୍ଗୀତ – ଏସବୁ ମହତ୍ ଗୁଣ । ଯାହାଠାରେ ଏସବୁ ଗୁଣ ଥିବ, ସେ ମହତ୍ ହୋଇଥିବ – ଆପଣଙ୍କର ଏଭଳି ଧାରଣା ଅସ୍ୱାଭାବିକ ନୁହେଁ । କିନ୍ତୁ ପ୍ରକୃତିର ବୈଚିତ୍ର୍ୟ ଦେଖନ୍ତୁ; ପଙ୍କରୁ ବି ପଦ୍ମ ବିକଶିତ ହୋଇପାରେ । ରୁକ୍ଷ ଶିଳା ରନ୍ଧ୍ରରୁ ଫୁଟି ବାହାରିଥାଏ କୋମଳ ଗୁଳ୍ମ । ବାସ୍ତବିକ, ସୃଜନ ଲୀଳାରେ ମାନସିକ ଯୁକ୍ତିର ସ୍ଥାନ ସାମାନ୍ୟ । ଜଣେ ଦୁରାଚାରୀ ଘରେ ଜଣେ ଭାବୀ ସନ୍ଥ ଜନ୍ମଗ୍ରହଣ କରିପାରନ୍ତି; ଜଣେ ସନ୍ଥଙ୍କ ସନ୍ତାନ ଦୁରାଚାରୀ ହୋଇପାରେ । କଥା ହେଲା, ଅସାଧାରଣ ସୃଜନୀ ପ୍ରେରଣା କୌଣସି ଅଜ୍ଞାତ କାରଣରୁ ଜଣେ ଜଣେ ସାଧାରଣ ବ୍ୟକ୍ତିର ଚେତନା ଭିତରକୁ ଏକ ଧାରା ଭଳି ବହମାନ ହୋଇ ଆସେ । ଯେଉଁ ସମୟରେ ଜଣେ ସଙ୍ଗୀତଜ୍ଞ ଗୋଟାଏ ଶାସ୍ତ୍ରୀୟ ରାଗର ପ୍ରେରଣା-ନିଃସୃତ ସଙ୍ଗୀତ ରଚନା କରିବାରେ ନିମଜ୍ଜିତ ଥିବ, ସେତେବେଳେ ସେ ଅସାଧାରଣ । ସେ ସମୟତକ ବିତିଯିବା ପରେ ସେ କିନ୍ତୁ ଜଣେ ସାଧାରଣ ମଣିଷ । ସେ ଜଣେ ଉତ୍ତମ ମଣିଷ ହୋଇଥାଇପାରେ – ପୃଥିବୀରେ ଅନେକ ଉତ୍ତମ ମଣିଷ ଅଛନ୍ତି – କିନ୍ତୁ ସେ ଜଣେ କଳାକାର ବୋଲି ଉତ୍ତମ ମଣିଷ ହେବ, ଏହା ଆମେ ଆଶା କରିପାରିବା ନାହିଁ । ସେ ଜଣେ ମାମୁଲି ମଣିଷ ଭାବରେହିଁ ରହିପାରେ ଏବଂ ଦୁଇଟି ବିପଦ ମଧ୍ୟ ବରଣ କରିପାରେ । ପ୍ରଥମତଃ ତା' ଚେତନାର ଏକ ବାତାୟନ ପ୍ରେରଣାର ଅବତରଣ ନିମନ୍ତେ ଉନ୍ମୋଚିତ ଥାଏ । ପ୍ରେରଣା ସର୍ବଦା ଆସେ ନାହିଁ । ସେହି ଉନ୍ମୋଚିତ ବାତାୟନ ଦେଇ ଅନ୍ୟ ବେଳେ ଅବାଞ୍ଛିତ ଶକ୍ତି ପଶିଆସି ତା' ଜୀବନଶୈଳୀର ଭାରସାମ୍ୟରେ ବିଭ୍ରାଟ ସୃଜି ପାରନ୍ତି । ଅନେକ ପ୍ରଖ୍ୟାତ ସଙ୍ଗୀତଜ୍ଞ, ସାହିତ୍ୟିକ ବା ଚିତ୍ରଶିଳ୍ପୀ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ଏମିତି କାଣ୍ଡ କରନ୍ତି, ଯାହା ସେମାନଙ୍କ ପାରିବାରିକ ଜୀବନରେ ଅଶାନ୍ତିର କାରଣ ହୁଏ; କେବେ କେବେ ସେମାନେ ଅବାଞ୍ଛିତ ଶକ୍ତିର ପ୍ରଚ୍ଛନ୍ନ ପ୍ରରୋଚନାରେ ମଦ୍ୟାସକ୍ତ ହୁଅନ୍ତି, ପ୍ରତିଶ୍ରୁତି ଭଙ୍ଗ କରନ୍ତି ଓ ସୁଧୀ ସମାଜରେ ମନ୍ଦ ଦୃଷ୍ଟାନ୍ତ ହୁଅନ୍ତି ।

ଦ୍ୱିତୀୟ ବିପଦ, ତା' ସୁନ୍ଦର କଳାର ପ୍ରଶଂସାକୁ ତା'ର ଅସୁନ୍ଦର ଅହଂସତ୍ତା ଆତ୍ମସାତ୍ କରିନେଇପାରେ । ଅହଂକାର ଓ ମୂଢ଼ତା ଯାଆଁଳା ଭାଇ । ଚଳଚ୍ଚିତ୍ର ଜଗତର ଜଣେ ଅତୀବ ଜନପ୍ରିୟ ସଂଗୀତ ନିର୍ଦ୍ଦେଶକ ଜଣେ ସାମ୍ବାଦିକ ଆଗରେ ନିଜକୁ ପ୍ରାୟ ଅବତାର ବୋଲି ଅଭିହିତ କରିପକାଇଥିଲେ !

ତେବେ ଏ ଲେଖକ ମନରେ ଗୋଟାଏ ସନ୍ଦେହ ରହିଯାଉଛି (ଏହା ମୋଚନ କରିବା ଦିଗରେ ଚେଷ୍ଟା

କରିବାରୁ ଆପଣଙ୍କୁ ଛୁଟି ଦେଉଛି); ଆପଣ ମାତ୍ର ଦଶବର୍ଷ ଭିତରେ କୋଡ଼ିଏ ଜଣ ସରିକି ବିଖ୍ୟାତ ଗୁଣୀ ବ୍ୟକ୍ତିଙ୍କୁ ଭେଟିଛନ୍ତି । ଏ ସଂଖ୍ୟା କମ୍ ନୁହେଁ । କିନ୍ତୁ ସେମାନେ ସଭିଏଁ ପ୍ରକୃତରେ ସୃଜନୀ-ପ୍ରେରଣା-ଚାଳିତ ଗୁଣୀ ନା ସେ ତାଲିକାରୁ ଅନେକେ ଖାଲି ବିଖ୍ୟାତ ମାତ୍ର ? ସେ ଯାହାହେଉ, କୋଡ଼ିଏ ଜଣ ଆପଣଙ୍କୁ ହତାଶ କରିଥିଲେ ବି ଏକବିଂଶ ବା ଦ୍ୱାବିଂଶ ଜଣକ ଆପଣଙ୍କୁ ହତାଶ ନ କରିପାରନ୍ତି । ତେବେ ହତାଶ ନ ହେବାର ନିରାପଦ ଉପାୟ ହେଲା, ପ୍ରତିଭାବାନ୍‌ର ଅବଦାନ ସ୍ୱୀକାର କରି ସେଥିରେ ସନ୍ତୁଷ୍ଟ ରହିବା, ତା'ଠାରୁ ଅନ୍ୟ କିଛି ଆଦର୍ଶ ଆଶା କରିବାରୁ ବିରତ ରହିବା ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୯୧-୯୨) ❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) :** **- Rs. 350**

**Ideal Child, Ideal Parent, Ideal Teacher (3in1) Booklet** **- Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo** **– Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair, radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 9**
Navaprakash (Monthly), September, 2023
**Date of Posting : 7th, 8th of every month**

**R.N.I. No. 18163/70.**
Registration No. PY/51/2021-23
**Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**